# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 5/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 130 | ମୂଲ୍ୟ ₹୭/-




## 'ଖତ୍‌ରୋଁ କା ଖିଲାଡି ୧୫': ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

ଷ୍ଟଣ୍ଟ୍ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌ରେ ଅଭିନେତ୍ରୀ ମଲ୍ଲିକା ଶେରାୱତଙ୍କୁ ଦେଖିବାକୁ ମିଳିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

୧୨

୧୪

## ପାଣ୍ଡ୍ୟାଙ୍କୁ ୫ଉଇକେଟ ସଫଳତା

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।








## ଓଡ଼ିଶାରେ ୧୧ରୁ 'ଆୟୁଷ୍ମାନ'

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ଆସନ୍ତା ୧୧ ତାରିଖରେ ଓଡ଼ିଶାରେ ଆୟୁଷ୍ମାନ୍-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ମନମୋହନ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର କହିଛନ୍ତି, ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚିବେ। ୧୧ ତାରିଖରେ ଆୟୁଷ୍ମାନ୍ ☞ପୃଷ୍ଠା-୪




କୋଲକାତାରେ ଶୁକ୍ରବାର ୱାକ୍‌ଫ ସଂଶୋଧନ ବିଲ୍ ବିରୋଧରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୱାକ୍‌ଫ ବିଲ୍‌କୁ ଜୋରଦାର ବିରୋଧ

- **କୋଲକାତା, ଚେନ୍ନାଇ, ଅହମଦାବାଦରେ ବିକ୍ଷୋଭ**
- **ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ**

କୋଲକାତା/ ଚେନ୍ନାଇ/ ନୂଆଦିଲ୍ଲୀ, ୪।୪

ପାର୍ଲାମେଣ୍ଟରେ ବହୁଚର୍ଚ୍ଚିତ ୱାକ୍‌ଫ ବିଲ୍ ଗୃହୀତ ହେବା ପରେ ଏହାର ପ୍ରତିବାଦରେ କୋଲକାତା, ଚେନ୍ନାଇ ଏବଂ ଅହମଦାବାଦରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ହୋଇଛି। ମୁସଲମାନ ସମ୍ପ୍ରଦାୟର ନମାଜ ପାଠ ପରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ବହୁସଂଖ୍ୟାରେ ଲୋକେ ଜାତୀୟ ପତାକା ଧରି ସାଧାରଣ ସଭା ସ୍ଥଳରେ ଏକାଠି ହେବା ସହ ଆମେ ୱାକ୍‌ଫ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରୁଛୁ ଏବଂ ଏହି ବିଲ୍‌କୁ ବାତିଲ କରାଯାଉ ବୋଲି ଦାବି କରିଥିଲେ। ୱାକ୍‌ଫ ସୁରକ୍ଷା ମିଳିତ ଫୋରମ୍ ପକ୍ଷରୁ ଅଧିକାଂଶ ବିକ୍ଷୋଭର ଆୟୋଜନ କରାଯାଇଥିଲା। ସେହିପରି ଅହମଦାବାଦରେ ବହୁସଂଖ୍ୟାରେ ଲୋକେ ବିକ୍ଷୋଭରେ ସାମିଲ ହୋଇଥିବାବେଳେ ପୋଲିସ ବଳପୂର୍ବକ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ଚେନ୍ନାଇରେ ମଧ୍ୟ ଅନୁରୂପ ☞ପୃଷ୍ଠା-୪

# ଅଭିନେତା ମନୋଜ କୁମାରଙ୍କ ପରଲୋକ

ମୁମ୍ବାଇ, ୪।୪

ହିନ୍ଦୀ ସିନେମା ଜଗତର ବର୍ଷିଆନ ଅଭିନେତା ମନୋଜ କୁମାରଙ୍କର ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଶୁକ୍ରବାର ଭୋର୍ ୩ଟା ୩୦ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେ ଗତ କିଛିମାସ ଧରି ଡିକମ୍ପେନସେଟେଡ୍ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଗିଡ଼ିବାରୁ ତାଙ୍କୁ ଗତ ଫେବୃଆରୀ ୨୧ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ମୁମ୍ବାଇ ଜୁହୁସ୍ଥିତ ତାଙ୍କ ବାସଭବନକୁ ଯାଇ ମନୋଜଙ୍କ ଶେଷଦର୍ଶନ କରିଛନ୍ତି। ଶନିବାର ସକାଳେ ଜୁହୁସ୍ଥିତ ହଂସ ଶ୍ମଶାନରେ ମନୋଜଙ୍କ ଅନ୍ତିମ ସଂସ୍କାର କରାଯିବ।

୧୯୩୭ ଜୁଲାଇ ୨୪ରେ ବ୍ରିଟିଶ୍ ରାଜ୍ ଚାଲିଥିବାବେଳେ ମନୋଜ ବର୍ତ୍ତମାନର ପାକିସ୍ତାନର ଆବୋଟାବାଦ ସହରରେ ଜନ୍ମ ହୋଇଥିଲେ। ତାଙ୍କର ମୂଳ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ଥିଲା। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମ ସେ ଦେଇଥିଲେ। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ୧୯୬୭ରେ ରିଲିଜ୍ ହୋଇଥିବା ଦେଶାତ୍ମବୋଧ ଚଳଚ୍ଚିତ୍ର 'ଉପକାର'ରେ ମନୋଜଙ୍କ ଭାରତ କୁମାର ଚରିତ୍ର ଘରେ ଘରେ ତାଙ୍କୁ ଲୋକପ୍ରିୟ କରାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ମନୋଜ ଅନେକ ପ୍ରତିଷ୍ଠିତ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତାଙ୍କ ନାମରେ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ଏବଂ ଭିନ୍ନ ଭିନ୍ନ ଶ୍ରେଣୀରେ ୭ଟି ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ରହିଛି। ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ମନୋଜଙ୍କ ଅବଦାନକୁ ଦୃଷ୍ଟିରେ ରଖି ୧୯୯୨ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୫ରେ ସେ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ମନୋଜଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ସେ ପିଢ଼ି ପରେ ପିଢ଼ି ଧରି କଳାକାରମାନଙ୍କ ପାଇଁ ପ୍ରେରଣା ହୋଇ ରହିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମନୋଜଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ରଗୁଡ଼ିକର ପ୍ରଭାବ ଆଜିବି ଲୋକଙ୍କ ହୃଦୟରେ ରହିଛି।



# ଜାତି ଗଲା, ପେଟ ପୂରିଲାନି


## ବିଜେଡିର ବିଭାଜିତ ଆଭିମୁଖ୍ୟ, କଂଗ୍ରେସ କହିଲା ଡିଲ୍ ହୋଇଛି

ସଂସଦରେ ଗୁରୁବାର ବିଳମ୍ବିତ ରାତିରେ ମଞ୍ଜୁରୀ ଲାଭ କରିଥିବା କେନ୍ଦ୍ରର ୱାକ୍‌ଫ ସଂଶୋଧନ ବିଲ୍, ୨୦୨୫ ଉପରେ ବିଜେଡିର ବିଭାଜିତ ଆଭିମୁଖ୍ୟକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି। ରାଜ୍ୟ ସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସଦସ୍ୟଙ୍କ ସଂଖ୍ୟା ୧୧୭ ଥିବାବେଳେ ଏହି ବିବାଦୀୟ ବିଲ୍‌କୁ ପାରିତ କରାଇବା ପାଇଁ ୧୧୯ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା। କିନ୍ତୁ ଶେଷରେ ୱାକ୍‌ଫ ବିଧେୟକ ସପକ୍ଷରେ ୧୨୮ ଓ ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିଜେଡି ଭଳି ଅଣଏନ୍‌ଡିଏ ଏବଂ ଅଣଇଣ୍ଡିଆ ଦଳଗୁଡ଼ିକର କେତେଜଣ ସଦସ୍ୟଙ୍କ ଭିତିରି ସମର୍ଥନ ଯୋଗୁ ବିଲ୍ ପାରିତ ହୋଇଥିବା ଚର୍ଚ୍ଚା ହେଉଛି। ବିଜେଡିରେ ଆହୁରି ଆଲୋଚନା ହେଉଛି ଯେ, ଉକ୍ତ ବିଲ୍ ବିରୋଧରେ ରାଜ୍ୟ ସଭାରେ ଭୋଟ ଦେବା ପାଇଁ ପୂର୍ବରୁ ଦଳର ସଭାପତି ନବୀନ ପଟ୍ଟନାୟକ ୭ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମେ ମୁଜିବୁଲ୍ଲା (ମୁନ୍ନା) ଖାଁ ଏହା ବିରୋଧରେ ଭୋଟ ଦେଇଥିବାବେଳେ ସସ୍ମିତ ପାତ୍ର କିନ୍ତୁ ବିଲ୍ ସପକ୍ଷରେ ମତଦାନ କରିଥିଲେ। ଅନ୍ୟପକ୍ଷେ ଦଳର ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ଅସନ୍ତୁଷ୍ଟ ହୋଇ ଦେବାଶିଷ ସାମନ୍ତରାୟ ମତଦାନରୁ ବିରତ ରହିଥିବା କହିଛନ୍ତି। ଦଳ ଭିତରେ ନବୀନଙ୍କ ନିର୍ଦ୍ଦେଶକୁ ଅବଜ୍ଞା ସହ ଭିନ୍ନମତ ପ୍ରକାଶ ପାଇବା ପରେ ନେତାଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ଏଭଳି ସମୟରେ ନିଜ ସ୍ଥିତି ମଜଭୁତ୍ କରିବା ଲକ୍ଷ୍ୟରେ ଥିବା କଂଗ୍ରେସକୁ ମାଗଣାରେ ଆଉ ଏକ ଅସ୍ତ୍ର ମିଳିଯାଇଛି। ପୂର୍ବର ଭାଜପା ଓ ବିଜେଡି ମେଣ୍ଟ ଏବେ ମଧ୍ୟ ବଳବତ୍ତର ରହିଥିବା କହି କଂଗ୍ରେସ ୨ ପୂର୍ବତନ ମେଣ୍ଟ ସହଯୋଗୀଙ୍କୁ ସମାଲୋଚନା କରିଛି। ବର୍ତ୍ତମାନ ରାଷ୍ଟ୍ରପତିଙ୍କ ଅନୁମୋଦନ ଅପେକ୍ଷାରେ ଥିବା ୱାକ୍‌ଫ ବିଲ୍‌କୁ ନେଇ ବିଜେଡିର ଅସ୍ପଷ୍ଟ ମତ ଆଗକୁ ଦଳ ପାଇଁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି। ବିଜେଡିର ଏଭଳି ଆଭିମୁଖ୍ୟକୁ ଦେଖି ରାଜନୈତିକ ବିଶ୍ଳେଷକ କହିଲେଣି, ଦଳର ଜାତି ଗଲା, ତଥାପି ପେଟ ପୂରିଲାନି।

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ରାଜ୍ୟ ସଭାରେ ଗୁରୁବାର ୱାକ୍‌ଫ ବିଲ୍ ପାରିତ ହୋଇଯାଇଛି। ୱାକ୍‌ଫ ବିଲ୍‌କୁ ନେଇ ବିଜେଡି ଶେଷ ମୁହୂର୍ତ୍ତରେ ରଖିଥିବା ଆଭିମୁଖ୍ୟ ପାଇଁ ସବୁଆଡୁ ସମାଲୋଚନା ଆରମ୍ଭ ହୋଇଗଲାଣି। ନିଜର ଘନିଷ୍ଠଙ୍କ ସ୍ୱାର୍ଥ ବଞ୍ଚାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳକୁ ଯେଉଁଭଳି ବ୍ୟବହାର କରିଦେଲେ ବୋଲି କୁହାଯାଉଛି, ତାକୁ ନେଇ ବିଜେଡି ଭିତରେ ଏକ ପ୍ରକାର କମ୍ପନ ସୃଷ୍ଟି ହୋଇଛି। ୨୦୨୪ ନିର୍ବାଚନରେ ବିଜେଡି ଶାସନରୁ ଯିବା ପରେ ଯେଉଁ କେତେଜଣ ନେତା ସବୁ କଥା ଭୁଲି ଦଳକୁ ମଜଭୁତ କରିବେ ବୋଲି ଆଗଭର ହୋଇ ବାହାରିଥିଲେ ଏହି ଦୃଶ୍ୟ ଦେଖିବା ପରେ ସେମାନଙ୍କ ଚିନ୍ତା ଚେତନା ବଦଳିଯାଇଛି। ଜଣଙ୍କ ସ୍ୱାର୍ଥରକ୍ଷା କରିବାକୁ ଯେଉଁ ପଦକ୍ଷେପ ନବୀନ ନେଇଛନ୍ତି, ସେଥିରେ ବିଜେଡିର ବ୍ୟାପକ କ୍ଷତି ହୋଇଗଲା ବୋଲି ଦଳର ନେତାମାନେ କୁହାକୁହି ହେବା ଆରମ୍ଭ କରିଦେଲେଣି। ୩ ଥର ବିଭିନ୍ନ ଜାଗାରେ ଏହି ବିଲ୍‌କୁ ବିରୋଧକରିବା ଲାଗି ମତ ରଖିଥିବା ନବୀନ କାହିଁକି ଦଳର ଆଭିମୁଖ୍ୟ ବଦଳାଇଲେ ବୋଲି ବରିଷ୍ଠ ନେତାମାନେ ପ୍ରଶ୍ନ କରିବା ବେଳକୁ ବିଜେଡି ସଭାପତି ଖ୍ରୀଷ୍ଟିଆନ-ମୁସଲମାନ ଗପ ଶୁଣାଇବା ଆରମ୍ଭ କରିଛନ୍ତି। ହେଲେ ସୂଚନା ଅନୁଯାୟୀ, ନବୀନଙ୍କ ଭିତରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପାଇଁ ଏବେ ଜାତି ଗଲା ହେଲେ ପେଟ ପୂରିଲାନି ବୋଲି କେତେଜଣ ଦଳୀୟ ନେତା ମତ ଦେଲେଣି।

ସୂଚନା ମୁତାବକ, ରାଜ୍ୟ ସଭା ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ବିରୋଧରେ ଆଭିମୁଖ୍ୟ ରଖିବା ଲାଗି ନବୀନ ପ୍ରଥମରୁ ନିର୍ଦ୍ଦେଶ ଦେଇଥିଲେ। ଏ କଥା ଦଳର ଏମ୍‌ପି ସସ୍ମିତ ପାତ୍ର ମଧ୍ୟ କହିଥିବାର ଭିଡିଓ ସର୍ବସମ୍ମୁଖରେ ବୁଲୁଥିବା ବେଳେ ଅନ୍ୟ ଜଣେ ଏମ୍‌ପି ମୁଜିବୁଲ୍ଲା ଖାଁ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଯେତେବେଳେ ମୁସଲମାନ ମାନଙ୍କ ଇଦ୍ ପର୍ବରେ ଯୋଗଦେବା ଲାଗି ନବୀନଙ୍କୁ ସେମାନେ ନିମନ୍ତ୍ରଣ ଦେବାକୁ ନବୀନ ନିବାସ ଆସିଥିଲେ ସେତେବେଳେ ମଧ୍ୟ ଦଳର ସଭାପତି ବିଲ୍‌କୁ ବିରୋଧ କରିବା କଥା କହିଥିଲେ। ଏହାପରେ ଇଦ୍ ପର୍ବରେ ଯୋଗଦେବା ବେଳେ ମଧ୍ୟ ନବୀନ ବିଲ୍‌କୁ ବିରୋଧକରିବା କଥା କହିଥିଲେ। ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ନବୀନ ନିବାସକୁ ଜଣେ କେନ୍ଦ୍ରମନ୍ତ୍ରୀ ଫୋନ୍ କରିଥିଲେ। ୱାକ୍‌ଫ ବିଲ୍‌କୁ ସମର୍ଥନ ଦେବା ଲାଗି ତାଙ୍କ ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେବା ନେଇ କେନ୍ଦ୍ରମନ୍ତ୍ରୀ ଜଣଙ୍କ ନବୀନଙ୍କ ଘନିଷ୍ଠ ସହଯୋଗୀଙ୍କୁ କହିଥିଲେ। ଏହାପରେ ନବୀନ ଓ ତାଙ୍କ ସହଯୋଗୀ ଦିଲ୍ଲୀ ଯିବା କଥା ସମସ୍ତଙ୍କୁ ଜଣା। କେନ୍ଦ୍ରମନ୍ତ୍ରୀଙ୍କ କଥାକୁ କାର୍ଯ୍ୟକାରୀ କରିବା ଲାଗି ନିଜ ସ୍ତ୍ରୀର ଭିଆର୍‌ଏସ୍ କଥାକୁ କାର୍ଯ୍ୟକାରୀ କରାଇବାରେ ନବୀନଙ୍କ ସହଯୋଗୀ ମଧ୍ୟ ସଫଳ ହୋଇଗଲେ। ଏହାପରେ ହଠାତ୍ ବିଲ୍‌କୁ ନେଇ ବିଜେଡି ତା'ର ଭିନ୍ନ ମତ ଦେବା ଆରମ୍ଭ କରିଦେଲା। ସସ୍ମିତଙ୍କ ଏକ୍ସ ଆକାଉଣ୍ଟରେ ବିବେକାନୁଯାୟୀ ବିଲ୍ ଉପରେ ଭୋଟ ଦେବା ନେଇ ଦଳ ନିଷ୍ପତ୍ତି କରିଥିବା କୁହାଗଲା। ☞ପୃଷ୍ଠା-୪




No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୦୭.୦୪.୨୦୨୫ ରିଖ (ସୋମବାର)** ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା ୦୪.୦୪.୨୦୨୫ ରିଖ ଦିବା ୧୧ ଘଟିକାଠାରୁ** ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତିସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0081/2425


**ଆଜିର ସମ୍ପାଦକୀୟ**

## ବିଚିତ୍ର ନିଯୁକ୍ତି

**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟରେ ୱାକ୍‌ଫ ବିଲ୍ ଗୃହୀତ ହେବା ସାମାଜିକ-ଅର୍ଥନୈତିକ ନ୍ୟାୟ, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଭାରତର ସାମୂହିକ ଅଭିଯାନର ଏକ ଐତିହାସିକ ମୁହୂର୍ତ୍ତ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ୱାକ୍ଫ ବିଲ୍‌କୁ ନେଇ ଜେଡିୟୁରେ ଫାଟ

#### ଇସ୍ତଫା ଦେଲେଣି ୫ ନେତା

ନୂଆଦିଲ୍ଲୀ,୪।୪

ୱାକ୍ଫ ସଂଶୋଧନ ବିଲ୍‌କୁ ସମର୍ଥନ ନେଇ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଫାଟ ସୃଷ୍ଟି ହୋଇଛି। ଦଳୀୟ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ଜେଡିୟୁର ୫ ନେତା ଇସ୍ତଫା ଦେଲେଣି। ଇସ୍ତଫା ଦେଇଥିବା ନେତାମାନେ ହେଲେ ରାଜୁ ନାୟାର, ତାବ୍‌ରେଜ ସିଦ୍ଦିକି ଆଲିଗ୍, ମହମ୍ମଦ ଶାହନୱାଜ ମଲିକ, ମହମ୍ମଦ କାସିମ ଅନ୍‌ସାରୀ ଏବଂ ନଦିମ୍ ଅଖତର। ଶାହନୱାଜ ଏବଂ ଅନ୍‌ସାରୀ ଗୁରୁବାର ଇସ୍ତଫା ଦେଇଥିବାବେଳେ ନଦିମ୍, ରାଜୁ ଏବଂ ତାବ୍‌ରେଜ ଶୁକ୍ରବାର ଦଳ ଛାଡ଼ିଛନ୍ତି। ମୁସଲମାନମାନେ ବିରୋଧ କରୁଥିବା ବିଲ୍ ସପକ୍ଷରେ ଜେଡିୟୁ ଭୋଟ ଦେବା ଗଭୀର ଆଘାତ ଦେଇଛି ବୋଲି ରାଜୁ ନାୟାର ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଜେଡିୟୁ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପଦ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

### ଏମ୍ପୁରାନ୍ ନିର୍ମାତାଙ୍କ କାର୍ଯ୍ୟାଳୟରେ ଇଡି ଚଢ଼ାଉ

କୋଚି,୪।୪

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳାଇଥିବା ତଦନ୍ତର ଅଂଶବିଶେଷ ସ୍ୱରୂପ ଏମ୍ପୁରାନ୍ ନିର୍ମାତା କେରଳ ବ୍ୟବସାୟୀ ଗୋକୁଳମ୍ ଗୋପାଳନଙ୍କ ଗୋକୁଳମ୍ ଗ୍ରୁପ୍‌ର ଚେନ୍ନାଇ ଏବଂ କେରଳରେ ଥିବା କାର୍ଯ୍ୟାଳୟ ଉପରେ ଶୁକ୍ରବାର ଚଢ଼ାଉ କରିଛି। କୋଚି ଏବଂ ଚେନ୍ନାଇରେ ଥିବା ଇଡି କାର୍ଯ୍ୟାଳୟର ଅଧିକାରୀମାନେ ମୋଟ ୨୧ଟି ସ୍ଥାନରେ ରେଡ୍ କରିଥିଲେ। କେତେଜଣ ପ୍ରବାସୀ ଭାରତୀୟଙ୍କ ସହ ହୋଇଥିବା ବେଆଇନ କାରବାରରେ ୧,୦୦୦ କୋଟି ଟଙ୍କାର ଫେମା ଉଲ୍ଲଂଘନ ଅଭିଯୋଗ ହୋଇଥିଲା।


ଗୋକୁଳମ୍ ଗୋପାଳନ

### ନେପାଳରେ ଭୂକମ୍ପ, ଉତ୍ତର ଭାରତରେ ଝଟ୍‌କା

କାଠମାଣ୍ଡୁ/ନୂଆଦିଲ୍ଲୀ,୪।୪

ନେପାଳରେ ଶୁକ୍ରବାର ରାତି ୭ଟା ୫୨ ମିନିଟ୍ ସମୟରେ ୫.୦ ତୀବ୍ରତାର ଭୂକମ୍ପ ହୋଇଛି। ଏହାର କମ୍ପନ ଉତ୍ତର ଭାରତର ବିଭିନ୍ନ ଭାଗରେ ଅନୁଭୂତ ହୋଇଛି। ୨୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରବିନ୍ଦୁ ଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଗତମାସ ୨୮ରେ ମ୍ୟାନ୍‌ମାରରେ ଭୟାବହ ଭୂକମ୍ପରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪,୫୦୦ ଆହତ ହୋଇଥିଲେ।

# ଭାରତର ଜିଡିପି ୫୦ ବେସିସ୍ ପଏଣ୍ଟ ଖସିବ




## ଆମେରିକା ଟାରିଫ୍‌ର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଆକଳନ

ନୂଆଦିଲ୍ଲୀ,୪।୪

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକାର ଟ୍ରମ୍ପ୍ ପ୍ରଶାସନ ୨୬ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ଦେଶର ଜିଡିପି ଅଭିବୃଦ୍ଧି ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୬ ପ୍ରତିଶତରେ ରହିବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏଥିସହିତ ଆମେରିକା ସହ ଭାରତର ରପ୍ତାନି ମଧ୍ୟ ୨ରୁ ୩ ପ୍ରତିଶତ କମିଯିବ ବୋଲି ସେମାନେ ମତ ଦେଇଛନ୍ତି। ତେବେ ଭାରତ ଆମେରିକାରୁ ଶକ୍ତି ଏବଂ ଉଚ୍ଚ ପ୍ରଯୁକ୍ତି ଉପାଦାନ ଆମଦାନୀ ବଢ଼ାଇ ଏହି ପ୍ରଭାବକୁ କମ୍ କରିପାରିବ ବୋଲି ବିଶେଷଜ୍ଞମାନେ ପ୍ରସ୍ତାବ ଦେଇଛନ୍ତି। ଇୱାଇ ଇଣ୍ଡିଆର ମୁଖ୍ୟ ନୀତି ଉପଦେଷ୍ଟା ଡି.କେ. ଶ୍ରୀବାସ୍ତବ କହିଛନ୍ତି, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ସର୍ବାଧିକ ପ୍ରତିକୂଳ ପ୍ରଭାବ ୫୦ ବେସିସ୍ ପଏଣ୍ଟଠାରୁ ଅଧିକ ହେବନାହିଁ। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ପୂର୍ବରୁ ଆକଳନ କରାଯାଇଥିବାବେଳେ ଏହା ୬ ପ୍ରତିଶତକୁ ଖସିଆସିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। (ବାଦ୍ ପଡ଼ିଥିବା ସାମଗ୍ରୀକୁ ବିଚାରକୁ ନେବା ପରେ) ଆମେରିକା ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ଯଦି ଟାରିଫ୍ ୨୦% ବଢ଼େ, ତେବେ ଜିଡିପି ୩୫ରୁ ୪୦ ବେସିସ୍ ପଏଣ୍ଟ ହ୍ରାସ ପାଇବ ବୋଲି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଭାରତ ମୁଖ୍ୟ ଅର୍ଥନୀତି ଗବେଷକ ଅନୁଭୂତି ସହାୟ କହିଛନ୍ତି। ତେବେ ଚୂଡ଼ାନ୍ତ ପ୍ରଭାବ ଭାରତ ଏବଂ ଆମେରିକା ଉପରେ ବାଣିଜ୍ୟ କାରବାର ଚୁକ୍ତିନାମା ଉପରେ ନିର୍ଭର କରୁଛି। ତେବେ ଭାରତ ତୁଳନାରେ ଅନ୍ୟ ଏସୀୟ ଦେଶଗୁଡ଼ିକ ଟାରିଫ ଯୋଗୁ ଅଧିକ ପ୍ରଭାବିତ ହେବେ। କାରଣ ସେହି ଦେଶଗୁଡ଼ିକ ଉପରେ ଆମେରିକା ଅଧିକ ଟାରିଫ୍ ଲଗାଇଛି। ଆମେରିକାର ଶୁଳ୍କ ବୃଦ୍ଧି ଦେଶର ବିନିମୟ ହାର ଉପରେ ଅନୁକୂଳ ପ୍ରଭାବ ପକାଇପାରେ। କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଆମେରିକାରେ ଡଲାର ଚାପରେ ରହିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

## ଆମେରିକା ସାମଗ୍ରୀ ଉପରେ ୩୪% ଶୁଳ୍କ ଲଗାଇଲା ଚାଇନା


ବେଜିଂ,୪।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ୩୪ ପ୍ରତିଶତ ପାରସ୍ପରିକ ଶୁଳ୍କ ଲଗାଇବାକୁ ଘୋଷଣା କରିବାର ଦିନକ ପରେ ବେଜିଂ ମଧ୍ୟ ଯେସାକୁ ତେସା ନୀତି ଗ୍ରହଣ କରିଛି। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଚାଇନା ମଧ୍ୟ ୧୦ ତାରିଖରୁ ୩୪ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଶୁକ୍ରବାର କହିଛି। ଆମେରିକାରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ଅତିରିକ୍ତ ଭାବେ ୩୪% ଟାରିଫ ଲାଗୁ ହେବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବେଜିଂର ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟ ଗାଡୋଲିନିୟମ ଭଳି ୭ଟି ରେଆର୍ ଆର୍ଥ ଉପାଦାନ ଉପରେ ବାଣିଜ୍ୟ କଟକଣା ଲଗାଇଛି। ଏହା ବ୍ୟତୀତ ଟ୍ରମ୍ପ୍‌ଙ୍କ ରେସିପ୍ରୋକାଲ ଟାରିଫ୍‌କୁ ବିରୋଧ କରି ବେଜିଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ମାମଲା ଦାଏର କରିଛି। ଟ୍ରମ୍ପ୍ ବୁଧବାର ଭାରତ ସମେତ ବାଣିଜ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ୧୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ ଲାଗୁ କରି ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧକୁ ଇନ୍ଧନ ଯୋଗାଇଛନ୍ତି।

## ଶେଷ ହେଲା ବଜେଟ ଅଧିବେଶନ

### ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୪।୪



ଜାନୁଆରୀ ୩୧ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଗୃହରେ ହଟ୍ଟଗୋଳ ହେବା ସହ ମୁଲତବୀ ରଖାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଗଲା ବୋଲି ଘୋଷଣା କରିଥିଲେ। ବଜେଟ ଅଧିବେଶନରେ ଲୋକ ସଭାରେ ୧୬ଟି ବିଲ୍ ଗୃହୀତ ହୋଇଥିବାବେଳେ ଗୃହ ୧୧୮ ପ୍ରତିଶତ ଫଳପ୍ରଦ ହୋଇଥିବା ବିର୍ଲା କହିଛନ୍ତି। ବିଭିନ୍ନ ମନ୍ତ୍ରଣାଳୟର ଖର୍ଚ୍ଚଦାବି ସମେତ ଅର୍ଥ ବିଲ୍ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବା ମଣିପୁର ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ ଗୃହର ଅନୁମୋଦନ ଲାଭ କରିଥିଲା। ଅଧିବେଶନର ଶେଷ ଭାଗରେ ୱାକ୍ଫ ସଂଶୋଧନ ବିଲ୍ ଉପରେ ଉଭୟ ଗୃହରେ ଦୀର୍ଘ ୨୭ ଘଣ୍ଟାର ବିତର୍କ ପରେ ଏହା ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଏବଂ ବିରୋଧରେ ୨୩୨ ଭୋଟ ଯାଇଥିବାବେଳେ ରାଜ୍ୟ ସଭାରେ ସପକ୍ଷରେ ୧୨୮ ଏବଂ ବିରୋଧରେ ୯୫ ଭୋଟ ପଡ଼ିଥିଲା। ତେବେ ବିନା ଆଲୋଚନାରେ ୱାକ୍ଫ ବିଧେୟକ ପାରିତ ହେବା ଦୁର୍ଭାଗ୍ୟଜନକ ଏବଂ ଗୃହ ମର୍ଯ୍ୟାଦା ବିରୋଧୀ ବୋଲି କଂଗ୍ରେସ ନେତ୍ରୀ ସୋନିଆ କହିବାରୁ ବାଚସ୍ପତି ଏନେଇ ଦେଇଥିବା ମନ୍ତବ୍ୟକୁ ବିରୋଧକରି ବିପକ୍ଷ ଦଳର ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ।

ପଶ୍ଚିମବଙ୍ଗର ୨୫,୭୦୦ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରିବାକୁ ନେଇ ରାଜ୍ୟ ସଭାରେ ଶୁକ୍ରବାର ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।


ୱାକ୍ଫ ସଂଶୋଧନ ବିଲ୍‌କୁ ବିରୋଧ କରି ଶୁକ୍ରବାର ଅହମଦାବାଦରେ ବିକ୍ଷୋଭ କରୁଥିବା ଲୋକଙ୍କୁ ପୋଲିସ ଉଠାଇ ନେଉଛି।

## କୂଅରେ ଖସିଲା ଟ୍ରାକ୍ଟର-ଟ୍ରଲି, ୮ ମହିଳା ମୃତ

ଛତ୍ରପତି ସମ୍ଭାଜିନଗର, ୪।୪ (ପି.ଟି.)

ମହାରାଷ୍ଟ୍ରର ନାନ୍ଦେଡ଼ ଜିଲାସ୍ଥିତ ଲିମ୍ବଗାଓଁ ଥାନା ଅନ୍ତର୍ଗତ ଓଲେଗାଁଓ ଗ୍ରାମରେ ଏକ ଟ୍ରାକ୍ଟର-ଟ୍ରଲି ନିୟନ୍ତ୍ରଣ ହରାଇ କୂଅରେ ପଡ଼ିଯିବାରୁ କ୍ଷେତରେ କାମ କରୁଥିବା ୮ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ୨ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ସେହିପରି ଘଟଣାସ୍ଥଳରୁ ୮ ମୃତଦେହକୁ ମଧ୍ୟ ଜବତ କରାଯାଇଥିଲା। ଉକ୍ତ ଟ୍ରାକ୍ଟର-ଟ୍ରଲିରେ ୧୦ ମହିଳା କ୍ଷେତକୁ କାମ କରିବାକୁ ଯାଉଥିଲେ ବୋଲି ଜିଲା ସୂଚନା ଅଧିକାରୀ (ଡିଆଇଓ) ପ୍ରବୀଣ ତାକେ କହିଛନ୍ତି। ଉକ୍ତ କୂଅ ପାଣିରେ ଭରପୂର ଥିବା ସେ କହିଛନ୍ତି।

## ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଲେ ମୋଦି

### ବ୍ୟାଙ୍କକ୍‌ରେ ୟୁନୁସ୍‌ଙ୍କ ସହ ବୈଠକ

ବ୍ୟାଙ୍କକ୍,୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁମାନଙ୍କ ସୁରକ୍ଷାକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ୟୁନୁସ୍‌ଙ୍କୁ ଜଣାଇଥିଲେ। ବାଂଲାଦେଶ ସରକାର ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ମାମଲାଗୁଡ଼ିକର ଉପଯୁକ୍ତ ତଦନ୍ତ କରିବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ୍ ଇନିସିଏଟିଭ୍ ଫର୍ ମଲ୍ଟିସେକ୍ଟରାଲ ଆଣ୍ଡ ଟେକ୍‌ନିକାଲ କୋ-ଅପରେଶନ) ରାଷ୍ଟ୍ରଗୋଷ୍ଠୀ ବୈଠକରେ ଯୋଗଦେବା ପାଇଁ ଉଭୟ ନେତା ଥାଇଲାଣ୍ଡ ଆସିଛନ୍ତି। ଗତବର୍ଷ ଅଗଷ୍ଟରେ ଶେଖ୍ ହାସିନା କ୍ଷମତାଚ୍ୟୁତ ହେବା ପରେ ୟୁନୁସ୍ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ହୋଇଛନ୍ତି। ୟୁନୁସ୍‌ଙ୍କ ସହ ମୋଦିଙ୍କର ଏହା ପ୍ରଥମ ବୈଠକ। ପରିବେଶକୁ ଖରାପ କଲା ଭଳି ବାକ୍‌ପଟୁତାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ୟୁନୁସ୍‌ଙ୍କୁ କହିଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ବାଂଲାଦେଶ ପ୍ରତି ଭାରତର ସମର୍ଥନ ଜାରି ରହିବ ବୋଲି ମୋଦି ଦୋହରାଇଛନ୍ତି।


ବ୍ୟାଙ୍କକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ଉପଦେଷ୍ଟା ମହମ୍ମଦ ୟୁନୁସ୍।

## ତାମିଲନାଡୁର ଏନ୍‌ଇଇଟି ବିରୋଧୀ ବିଲ୍‌କୁ ସ୍ୱୀକୃତି ଦେଲାନି କେନ୍ଦ୍ର

ଚେନ୍ନାଇ,୪।୪(ପି.ଟି.)

ତାମିଲନାଡୁକୁ ଏନ୍‌ଇଇଟି (ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା)ରୁ ବାଦ୍ ଦେବା ପାଇଁ ରାଜ୍ୟ ବିଧାନସଭାରେ ଗୃହୀତ ପ୍ରସ୍ତାବକୁ ସ୍ୱୀକୃତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିବା ଏହି ପ୍ରସ୍ତାବ ଖାରଜ ହେବା ସଂଘବାଦରେ ଏକ କଳା ଅଧ୍ୟାୟ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ତେବେ ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଉଚ୍ଛେଦ ଲାଗି ରାଜ୍ୟ ସଂଘର୍ଷ ଜାରି ରଖିବ ବୋଲି ଷ୍ଟାଲିନ୍ କହିବା ସହ ଏନେଇ ୯ ତାରିଖରେ ବିଧାୟକ ଦଳ ନେତାମାନଙ୍କ ବୈଠକ ଡାକିଛନ୍ତି। ଏନ୍‌ଇଇଟି ବଦଳରେ ରାଜ୍ୟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍କ ଆଧାରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁମତି ଦେବା ନିମନ୍ତେ ବିଲ୍‌ରେ ପ୍ରସ୍ତାବ ରଖାଯାଇଥିଲା। ୨୦୨୧ରେ ବିଲ୍ ତାମିଲନାଡୁ ବିଧାନସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟପାଳ ଆର୍.ଏନ୍. ରବି ପ୍ରତିବାଦ ଜଣାଇବାରୁ ତା' ପରବର୍ଷ ପୁନର୍ବାର ପାରିତ ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ ସ୍ତରର ପରୀକ୍ଷା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀ ରାଜନୀତି କରୁଥିବା ଏଆଇଏଡିଏମ୍‌କେ ମୁଖ୍ୟ ତଥା ବିରୋଧୀ ଦଳ ନେତା ଏଡାପାଡି କେ. ପାଲାନିସ୍ୱାମୀ ଅଭିଯୋଗ କରିଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ସେମାନେ ୨୦୨୬ ବିଧାନସଭା ନିର୍ବାଚନରେ ଡିଏମ୍‌କୁ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ପାଲାନିସ୍ୱାମୀ କହିଛନ୍ତି।

# ଘୋଷ୍ଟ ରାଇଟରରୁ 'ଭାରତ କୁମାର'

ମୁମ୍ବାଇ

ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ମନୋଜ କୁମାରଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ସେ କେବଳ ଅଭିନେତା ନ ଥିଲେ ବରଂ ଜଣେ ସଫଳ ନିର୍ଦ୍ଦେଶକ, ସ୍କ୍ରିନ୍ ରାଇଟର, ଲିରିଷ୍ଟ ଏବଂ ଏଡିଟର ମଧ୍ୟ ଥିଲେ। ୧୯୩୭ ଜୁଲାଇ ୨୪ରେ ମନୋଜ ଆବୋଟ୍ଟାବାଦ ସହରରେ ଜନ୍ମ ହୋଇଥିଲେ। ସେତେବେଳେ ତାଙ୍କ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ରଖାଯାଇଥିଲା। ତେବେ ଦେଶ ବିଭାଜନ ବେଳେ ୧୦ ବର୍ଷ ବୟସରେ ସେ ପରିବାର ସହ ଦିଲ୍ଲୀ ଚାଲିଆସିଥିଲେ। ୧୯୪୯ରେ ରିଲିଜ୍ ହୋଇଥିବା 'ଶବ୍‌ନମ୍' ଫିଲ୍ମରେ ଦିଲୀପ 'ମନୋଜ କୁମାର' ଭାବେ ଏକ ଚରିତ୍ର କରିଥିଲେ, ଯାହା ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ତେଣୁ ସେତେବେଳେ ମନୋଜ ତାଙ୍କ ସ୍କୁଲ୍ ନାମକୁ ବଦଳାଇ ହରିକୃଷ୍ଣ ଗିରି ଗୋସ୍ୱାମୀରୁ 'ମନୋଜ କୁମାର' କରିଥିଲେ।

ମନୋଜ ଦିଲ୍ଲୀର ହିନ୍ଦୁ କଲେଜରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ମୁମ୍ବାଇ ଆସି ତାଙ୍କୁ ପ୍ରଥମେ କିଛି ମାସ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ବିଭିନ୍ନ ଷ୍ଟୁଡିଓ ପାଇଁ ଘୋଷ୍ଟ ରାଇଟର ଭାବେ କାମ କରୁଥିଲେ। ସେତେବେଳେ ତାଙ୍କୁ ପ୍ରତି ଦୃଶ୍ୟ ପିଛା ୧୧ ଟଙ୍କା ମିଳୁଥିଲା। ୧୯୫୭ରେ ରିଲିଜ୍ ହୋଇଥିବା 'ଫେଶନ ବ୍ରାଣ୍ଡ' ଫିଲ୍ମ ସହ ସେ ତାଙ୍କ ଅଭିନୟ କ୍ୟାରିୟରର ଡେବ୍ୟୁ କରିଥିଲେ। ତେବେ ଏହାପରେ ମନୋଜ ଆଉ ପଛକୁ ଫେରି ନ ଥିଲେ। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ବିମୋହିତ କରି ପାରିଥିଲେ।

**ମନୋଜ କୁମାର**
**ଜନ୍ମ: ୨୪ ଜୁଲାଇ ୧୯୩୭**
**ତିରୋଧାନ: ୪ ଏପ୍ରିଲ ୨୦୨୫**



## ଦେଶାତ୍ମବୋଧ ଚଳଚ୍ଚିତ୍ର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା

ମନୋଜ ତାଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ର ପାଇଁ ଘରେ ଘରେ ଲୋକପ୍ରିୟତା ହାସଲ କରିଥିଲେ। 'ଉପକାର', 'ପୂର୍ବ ଔର ପଶ୍ଚିମ', 'କ୍ରାନ୍ତି' ପରି ଦେଶାତ୍ମବୋଧ ଫିଲ୍ମରେ ମନୋଜଙ୍କ ଅଭିନୟ ତାଙ୍କୁ ୭୦ ଓ ୮୦ ଦଶକରେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା। ୧୯୬୫ ଭାରତ, ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ 'ଜୟ ଯବାନ, ଜୟ କିଷାନ'ର ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗାନକୁ ଆଧାର କରି ଏବଂ ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ଲାଲ୍ ବାହାଦୁର ମନୋଜଙ୍କୁ ଅନୁରୋଧ କରିଥିଲେ। ୧୯୬୭ରେ ମନୋଜ ନିର୍ଦ୍ଦେଶନାରେ ଡେବ୍ୟୁ କରିବା ସହ ୧୯୬୫ରେ ହୋଇଥିବା ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ 'ଉପକାର' ଫିଲ୍ମ ଆଣିଥିଲେ। ଫିଲ୍ମରେ ଭାରତ କୁମାର ଚରିତ୍ରରେ ସେ ଅଭିନୟ କରିଥିଲେ, ଯେଉଁ ନାମରେ ସେ ଘରେ ଘରେ ପରିଚୟ ପାଇଥିଲେ।

## ଥିଲେ ସଫଳ ନିର୍ଦ୍ଦେଶକ

୧୯୬୭ରେ 'ଉପକାର' ଫିଲ୍ମରେ ପ୍ରଥମଥର ପାଇଁ ନିର୍ଦ୍ଦେଶନା ଦେବା ପରେ ମନୋଜ ଜଣେ ସଫଳ ନିର୍ଦ୍ଦେଶକ ଭାବେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ପରିଚୟ ପାଇଥିଲେ। 'ଉପକାର' ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ୧୯୬୮ରେ ଫିଲ୍ମ ଫେୟାର ଆୱାର୍ଡ ଜିତିଥିଲେ। ଶ୍ରେଷ୍ଠ ଫିଲ୍ମ, ଶ୍ରେଷ୍ଠ ସଂଳାପ ଓ ଶ୍ରେଷ୍ଠ କାହାଣୀ ଶ୍ରେଣୀରେ 'ଉପକାର'କୁ ଫିଲ୍ମ ଫେୟାର ଆୱାର୍ଡ ମିଳିଥିଲା। ସେହିପରି ତାଙ୍କ ନିର୍ଦ୍ଦେଶିତ 'କଳିଯୁଗ ଔର ରାମାୟଣ (୧୯୮୭)', କ୍ଲର୍କ (୧୯୮୯), ମଇଦାନ ଏ ଜଙ୍ଗ୍ (୧୯୯୫), ଜୟ ହିନ୍ଦ୍ (୧୯୯୯) ମଧ୍ୟ ହିଟ୍ ହୋଇଥିଲା।

## ଶାହରୁଖଙ୍କ ସହ ରହିଥିଲା ବିବାଦ


୨୦୦୭ରେ ରିଲିଜ୍ ହୋଇଥିବା 'ଓମ୍ ଶାନ୍ତି ଓମ୍' ଫିଲ୍ମକୁ ନେଇ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସହ ମନୋଜ କୁମାରଙ୍କ ବିବାଦ ଦେଖାଦେଇଥିଲା। ଫରାହ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏକ ଦୃଶ୍ୟରେ ଶାହରୁଖ ମନୋଜଙ୍କ ଶୈଳୀକୁ ନକଲ କରିଥିଲେ, ଯାହାକୁ ନେଇ ମନୋଜ ଆପତ୍ତି ଉଠାଇଥିଲେ। ତେଣୁ ସେ ଫରାହ ଓ ଶାହରୁଖ୍‌ଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ରୁଜୁ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଫରାହ ଓ ଶାହରୁଖ୍ ମନୋଜଙ୍କୁ କ୍ଷମା ମାଗିଥିଲେ।

## ଶେଷ ଦର୍ଶନକଲେ ସେଲିବ୍ରିଟି

ଅଭିନେତା ମନୋଜ କୁମାରଙ୍କ ଜୁହୁସ୍ଥିତ ବାସଭବନରେ ଶୁକ୍ରବାର ବହୁ ସେଲିବ୍ରିଟି ତାଙ୍କ ଶେଷ ଦର୍ଶନ କରିଛନ୍ତି। ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର, ଅଭିନେତା ଚଙ୍କି ପାଣ୍ଡେ, ଅଭିନେତ୍ରୀ ଭାଗ୍ୟଶ୍ରୀ ପ୍ରମୁଖ ମନୋଜଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।


୨୦୧୨ରେ ଇଶା ଦେଓଲଙ୍କ ବିବାହ ଉତ୍ସବରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କ ସହ ମନୋଜ।


୨୦୧୦ରେ ଫାଲ୍‌କେ ରତ୍ନ ଆୱାର୍ଡ ଇଭେଣ୍ଟରେ ଭେଟେରାନ ଅଭିନେତା ଦେବାନନ୍ଦ ଓ ପ୍ରାନ୍‌ଙ୍କ ସହ ମନୋଜ।




# କଳାପଥର ଖାଦାନରେ ଟେଣ୍ଡର ଫିକ୍ସିଂ

**ଯାଜପୁର ଜିଲାରେ କଳାପଥର, ବାଲି ଭଳି ଲଘୁ ଖଣିଜ ଖାଦାନ ଲିଜ୍ ନିମନ୍ତେ ବଡ଼ଧରଣର ଟେଣ୍ଡର ଫିକ୍ସିଂ ହୋଇଛି। ଅନେକ ଆବେଦନକାରୀ ସମ୍ପର୍କୀୟ ବିଡରଙ୍କୁ ଢାଲ କରି ଶାଗମାଛ ଦରରେ ଖାଦାନ ଅକ୍ତିଆର କରିଥିବାବେଳେ ସେମାନଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ସହଯୋଗୀ ସାଜିଛନ୍ତି। ଏଭଳି ଉପାୟରେ ଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ଧର୍ମଶାଳା ତହସିଲ ଅଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇ ବିଡର ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଗତ ବୁଧବାର ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି।**



ଯାଜପୁର,୪।୪
(ହର୍ଷବର୍ଦ୍ଧନ ବେହେରା)

ଲଘୁ ଖଣିଜ ଖାଦାନ ଲିଜ୍ ପାଇଁ ଓଡ଼ିଶା ମାଇନର ମିନେରାଲ କନସେସନ୍ (ଓଏମ୍ଏମ୍ସି) ଅଧିନିୟମ-୨୦୧୬ର ନିୟମ ୨୭(୨) ଅନୁଯାୟୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଟେଣ୍ଡର ବିଜ୍ଞପ୍ତି ଜାରି ହୋଇଥାଏ। ଏଥିପାଇଁ ଇଚ୍ଛୁକ ଆବେଦନକାରୀ ଆବଶ୍ୟକ କାଗଜପତ୍ର ସଂଲଗ୍ନ କରି ଏକ ବନ୍ଦ ଲଫାପାରେ ଆବେଦନ କରିପାରିବେ। ଏହି କ୍ରମରେ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯାଇଥାଏ। ହେଲେ ଯାଜପୁର ଜିଲାରେ ଖାଦାନ ଲିଜ୍ ପାଇଁ ଯେଉଁଳି ଟେଣ୍ଡର ଫିକ୍ସିଂ ହୋଇଛି, ସେଥିରୁ ସରକାରୀ ଆଇନ ବ୍ୟବସ୍ଥା ମୂଲ୍ୟହୀନ ହୋଇପଡ଼ିଛି।

ସିଏଜି ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯେ, କେତେକ ସ୍ଥଳେ ପ୍ରଥମ ଏବଂ ଦ୍ୱିତୀୟ ସର୍ବୋଚ୍ଚ ବିଡରମାନେ ପରସ୍ପର ସମ୍ପର୍କୀୟ ଥିଲେ। ସେମାନଙ୍କ ବ୍ୟକ୍ତିଗତ ବିବରଣୀ ଏବଂ ଆବାସିକ ଠିକଣାରୁ ଏହା ଜଣାପଡ଼ିଥିଲା। ସମସ୍ତ ମାମଲାରେ ତହସିଲଦାର ସର୍ବୋଚ୍ଚ ବିଡରଙ୍କୁ ଚୟନକରି ୧୫ ଦିନ ମଧ୍ୟରେ ସେମାନଙ୍କ ସମ୍ମତି ଜଣାଇବା ପାଇଁ ସେମାନଙ୍କୁ ଚିଠି ପ୍ରଦାନ କରିଥିଲେ। ହେଲେ ନିଜ ସମ୍ପର୍କୀୟ ତଥା ଦ୍ୱିତୀୟ ବିଡରଙ୍କୁ ସୁଯୋଗ ଦେବାକୁ ଯାଇ ସର୍ବୋଚ୍ଚ ବିଡରମାନେ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯାଇଥିଲେ। ଫଳସ୍ୱରୂପ ତହସିଲଦାର ସର୍ବୋଚ୍ଚ ବିଡ୍ ପରିବର୍ତ୍ତେ ଦ୍ୱିତୀୟ ବିଡ୍‌କୁ ଚୟନ କରିଥିଲେ। ଏଥିଯୋଗୁ ସରକାର ଘନମିଟରର ପିଛା ପ୍ରାୟ ୧୪୦ରୁ ୧୦୪୫ ଟଙ୍କା ଯାଏ କମ୍ ପାଇଥିଲେ। ଏଭଳି ଅନିୟମିତତା କାରଣରୁ ଲିଜ୍ ହୋଇଥିବା ଖାଦାନଗୁଡ଼ିକରେ ପ୍ରତିଯୋଗିତାମୂଳକ ମୂଲ୍ୟ ପାଇବାରୁ ସରକାର ବିଫଳ ହୋଇଥିଲେ। ଅନ୍ୟପକ୍ଷେ ସର୍ବୋଚ୍ଚ ବିଡର ଭାବେ ମନୋନୀତ ହେବା ପରେ ଟେଣ୍ଡର ପ୍ରକ୍ରିୟାରୁ ଓହରିଯିବା ଏବଂ ଜିଲା ପ୍ରଶାସନ ସେମାନଙ୍କ ବିରୋଧରେ

## ଯାଜପୁର ଜିଲା
### ସମ୍ପର୍କୀୟ ବିଡରଙ୍କୁ ଢାଲ କରି ରାଜସ୍ୱ ଲୁଟ

କୌଣସି ଦଣ୍ଡର ବ୍ୟବସ୍ଥା ନ କରିବା ଯୋଗୁ ସରକାର ରାଜସ୍ୱ ହରାଇଥିଲେ। ଏହାଦ୍ୱାରା ୩ଟି ବାଲି ଓ କଳାପଥର ଖାଦାନରେ ୫ ବର୍ଷର ଲିଜ୍ ଅବଧି ମଧ୍ୟରେ ୭୨,୭୫୩ ଘନମିଟର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ୧.୧୮ କୋଟି ଟଙ୍କା ରାଜସ୍ୱ ନଷ୍ଟ ହେଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହି ୩ଟି ଖାଦାନ କେବଳ ଉଦାହରଣ ମାତ୍ର, ଏକାଧିକ ଖାଦାନରେ ଏଭଳି ଟେଣ୍ଡର ଅନିୟମିତତା କରି ଲିଜ୍‌ଧାରୀମାନେ ମାଲାମାଲ ହୋଇଥିବା ସନ୍ଦେହ କରାଯାଇଛି। ତଥାପି ସମ୍ପୃକ୍ତ ତହସିଲଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆଣି ନ ଥିଲେ।

ଟେଣ୍ଡର ଜାଲିଆତିକୁ ନେଇ ସିଏଜି ଉଲ୍ଲେଖ କରିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ଖାଦାନ ୧ ପାଇଁ ୨୦୧୭-୧୮ ନିମନ୍ତେ ସର୍ବୋଚ୍ଚ ବିଡ୍ ଘନମିଟର ପିଛା ୨୨୦ ଟଙ୍କା ରହିଥିଲା। ଏହାର ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୮୦ ଟଙ୍କା ହୋଇଥିବାରୁ ଘନମିଟର ପିଛା ୧୪୦ ଟଙ୍କାର ପାର୍ଥକ୍ୟ ହୋଇଥିଲା। ଏଥିଯୋଗୁ ୯୫ ଲକ୍ଷ ୪୯ ହଜାର ୬୮୦ ଟଙ୍କା କ୍ଷତି ହୋଇଥିଲା। ସେହିପରି ୨୦୧୮-୨୦୧୯ରୁ ୨୦୨୨-୨୩ ଯାଏ ବରଦା କଳାପଥର ଖାଦାନ ୧ ନିମନ୍ତେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୧୧,୯୫ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ମାତ୍ର ୧୫୦ ଟଙ୍କା ରହିଥଲା। ଏଥିରେ ସର୍ବୋଚ୍ଚ ବିଡର ଓହରିଯିବା ପରେ ଦ୍ୱିତୀୟ ବିଡରଙ୍କୁ ଲିଜ୍ ସୁଯୋଗ ମିଳିଥିଲା। ଫଳରେ ସରକାର ୭୬ ଲକ୍ଷ ୭୪ ହଜାର ୪୮୦ ଟଙ୍କା କ୍ଷତି ସହିଥିଲେ। ଏହାସହ ବୁଦ୍ଧ ବାଲୁକା ନଦୀ ଭାଗବତପୁର ବାଲି ଖାଦାନ ପାଇଁ (୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ) ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୨,୧୦୧ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୧,୫୭୫ ଟଙ୍କା ଥିଲା। ଏଥିଯୋଗୁ ସରକାର ୨୭ ଲକ୍ଷ ୬୫ ହଜାର ୭୦୮ ଟଙ୍କା କ୍ଷତିରେ ପଡ଼ିଥିଲେ। ଏହାବାଦ୍ ଜିଲାର ରାହାଡ଼ପୁର କଳାପଥର ଖାଦାନ ଲିଜ୍ ପାଇଁ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୫ ବର୍ଷ ଲାଗି ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ଏଥିରେ ୪ ଜଣ ବିଡରଙ୍କ ମଧ୍ୟରୁ ସର୍ବାଧିକ ବିଡର ମୂଳ ବ୍ୟାଙ୍କ ଗ୍ୟାରେଣ୍ଟି ପରିବର୍ତ୍ତେ ତାହାର ଏକ ଫଟୋ କପି ଦାଖଲ କରିଥିଲେ। ଏହି କାରଣରୁ ଉକ୍ତ ବିଡରଙ୍କ ଆବେଦନ ପ୍ରତ୍ୟାଖ୍ୟାନ କରାଯିବା ବଦଳରେ ତହସିଲଦାର ତାଙ୍କ ସପକ୍ଷରେ ଲିଜ୍ ଚୂଡ଼ାନ୍ତ କରିଥିଲେ। ଏହାପରେ ୨୦୧୭-୧୮ ବର୍ଷ ପାଇଁ ୧.୧୩ କୋଟି ସରକାରୀ ଦେୟ ଜମା କରିବାକୁ ବିଡରଙ୍କୁ ବାରମ୍ବାର ଚିଠି କରାଯାଇଥିଲା। କିନ୍ତୁ ବିଡର ମାତ୍ର ୪୩.୯୭ ଲକ୍ଷ ଟଙ୍କା ଜମା କରି କଳାପଥର ଖନନ କରିଥିଲେ। ଯେହେତୁ ଉପଯୁକ୍ତ ଭାବେ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ ହୋଇ ନ ଥିଲା, ତହସିଲଦାର ଧାର୍ଯ୍ୟ ଦେୟ ଜମା କରିବାକୁ ଚାପ ପ୍ରୟୋଗ କରି ନ ପାରିବାରୁ ୬୯.୨୭ ଲକ୍ଷ ଟଙ୍କା ଅନାଦାୟ ରହିଥିଲା। ପରବର୍ତ୍ତୀ ସମୟରେ ସୁଧ ଟଙ୍କାକୁ ମିଶାଇ ୧.୪୯ କୋଟି ଟଙ୍କା ଲିଜ୍‌ଧାରୀ ଜମା କରି ନ ଥିଲେ ବି ତହସିଲଦାର ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଭଳି ଭାବେ ଏକାଧିକ ଖାଦାନ ଖନନରେ ଅଯୋଗ୍ୟ ବିଡର ଚୟନ ଯୋଗୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଓଡ଼ିଶା ପାଇଁ ୨ ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିବାରୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ) ବର୍ତ୍ତମାନ ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ସେଥିରୁ ୨ଟି ପ୍ରକଳ୍ପ ଓଡ଼ିଶା ପାଇଁ ଉଦ୍ଦିଷ୍ଟ। ଓଡ଼ିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ତାଙ୍କ ଏକ୍ସରେ ପୋଷ୍ଟକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବେ ଓଡ଼ିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପ ମଞ୍ଜୁର କରୁଛନ୍ତି, ଏହା ତା'ର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ସେ ମତ ଦେଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି ୨ ପ୍ରକଳ୍ପ ହେଉଛି ସମ୍ବଲପୁର-ଜରପଡ଼ା(ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ଝାରସୁଗୁଡ଼ା-ଶାସନ(ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ୍। ସମ୍ବଲପୁର-ଜରପଡ଼ା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡ଼ା-ଶାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ। ଉଭୟ ପ୍ରକଳ୍ପ ପାଇଁ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ। ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପଗୁଡ଼ିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡ଼ା ଜିଲାରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ। ଏହି ପ୍ରକଳ୍ପଗୁଡ଼ିକ ରେଳ ପରିଚାଳନାକୁ ସହଜ କରିବା ସହ ଭିଡ଼ ହ୍ରାସ କରିବ। ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁଯାୟୀ ମଲ୍ଟି ମୋଡାଲ ସଂଯୋଗ ପାଇଁ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ।

# ଆଜି ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

**ଅପରାହ୍ଣ ୩ଟା ୩୦ରେ ରଥଟଣା**



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ରଥଖଳାରେ ଥିବା ରୁକୁଣା ରଥ ପ୍ରତିଷ୍ଠା କାର୍ଯ୍ୟ ମଧ୍ୟ ବିଧି ମୁତାବକ ସମ୍ପନ୍ନ ହୋଇଛି। ଦୈନିକ ନୀତି ଠାକୁରାଣୀ ସନ୍ଧ୍ୟା ଧୂପ, ନବପତ୍ରିକା ପୂଜା ସରିବା ପରେ ପତ୍ରୀ ସେବକ ଘଣ୍ଟ, କାହାଳି ଓ ମଶାଲ ସହିତ ମୁକ୍ତେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡରୁ ୨ଘଡ଼ା(ମାଠିଆ) ପାଣି ଆଣାଯାଇ ରଥଖଳା ନିକଟରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ରଖାଯାଇଥିଲା। ଏହାପରେ ମନ୍ଦିର ପୁରୋହିତ ମନୋରଞ୍ଜନ ଦାଶ ଏବଂ ପୁରୀ ରାଜଗୁରୁଙ୍କ ସହ କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଥିଲେ। ରାଜଗୁରୁ କର୍ତ୍ତାଭାବେ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ରଥରେ ପତାକା ଓ ରଥ ବସ୍ତ୍ର ତଥା କପଡ଼ା ଲଗାଯାଇଥିଲା। ପାଳିଆ ପୂଜାପଣ୍ଡା ସେବକ ଦକ୍ଷିଣିଘରୁ ଶ୍ରୀଲିଙ୍ଗରାଜଙ୍କ ପ୍ରତିନିଧି ପଞ୍ଚବକ୍ତ୍ରଙ୍କୁ ଧରି ରଥ ଉପରେ ପହଞ୍ଚିଥିଲେ। ଏହାପରେ ପତ୍ରୀ ସେବକ ଠା' କରିସାରିବା ପରେ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରାଯାଇ ଆଳତି କରାଯାଇଥିଲା। ସୂଚନାଥାଉ କି, ରଥ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ ପଞ୍ଚବକ୍ତ୍ର ରଥକୁ ଯାଇଥିଲେ। ଏହାପରେ ପଞ୍ଚବକ୍ତ୍ର ମନ୍ଦିରକୁ ବିଜେ କରିଥିଲେ। ପରେ ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

# ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ, ବୃଦ୍ଧା ଗୁରୁତର

## ପ୍ରସୂତି ମହିଳାଙ୍କ ସହ ଯାଆଁଳା ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଲେ

ଟିଟିଲାଗଡ଼,୪।୪(ଶରତ ମିଶ୍ର)

ଶୁକ୍ରବାର ମଧ୍ୟାହ୍ନରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ପିପିଲପଦରଠାରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ଏକ ଅଘଟଣ ଘଟିଛି। ଏକ ୧୦୮ ଆମ୍ବୁଲାନ୍ସରେ ହଠାତ୍ ଅକ୍ସିଜେନ୍ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟିବାରୁ ଦୁତୀୟା ଯାନୀ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏକ ଦମ୍ପତିଙ୍କ ନବଜାତ ଯାଆଁଳା ଶିଶୁ କନ୍ୟାକୁ ମାତୃ ଓ ଶିଶୁ ଚିକିତ୍ସାଳୟରୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ଆହତ ମହିଳା ଜଣକ ନବଜାତକଙ୍କ ଜେଜେମା' ବୋଲି ଜଣାଯାଇଛି। ତାଙ୍କ ଦୁଇ ଗୋଡ଼ ନିଆଁରେ ପୋଡ଼ିଯିବା ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ତେବେ ୨ ଶିଶୁ କନ୍ୟା ଓ ପ୍ରସୂତି ମହିଳା ଜଣକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଅପରପକ୍ଷରେ ଶିଶୁକନ୍ୟାଙ୍କୁ ବଞ୍ଚାଇବାକୁ ଯାଇ ପିତା ଋଷବ ଯାନୀ ସାମାନ୍ୟ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଋଷବଙ୍କ ଘର ମୁରିବାହାଲ ବ୍ଲକ୍ ଚିକିନିବାହାଲୀ ଗାଁରେ। ତାଙ୍କ ସ୍ତ୍ରୀ ରାଧାଙ୍କ ପ୍ରସବ ଯନ୍ତ୍ରଣା ହେବା ଯୋଗୁ ସେ ଗୁରୁବାର ମଧ୍ୟରାତ୍ରିରେ ତାଙ୍କୁ ଆଣି ଉକ୍ତ ମାତୃ ଓ ଶିଶୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭୋର ସମୟରେ ରାଧା ଯାଆଁଳା ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ଶିଶୁମାନଙ୍କ ଓଜନ କମ୍ ଥିବା ତଥା ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନା ନେବାକୁ କହିଥିଲେ। ଫଳରେ ଆମ୍ବୁଲାନ୍ସ ଯୋଗାଡ଼ ପରେ ଋଷବ ଦୁଇ ଶିଶୁ , ସ୍ତ୍ରୀ ଓ ମା' ଦୁତୀୟାଙ୍କ ସହ ଚଢ଼ିଯାଇଥିଲେ। ହେଲେ ଗାଡ଼ି ଷ୍ଟାର୍ଟ ହେବାର କିଛି ସମୟ ପରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟି ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ଏଥିରେ ଗୁରୁତର ହୋଇ ପଡ଼ିଥିବା ଦୁତୀୟାଙ୍କୁ ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୨ ନବଜାତ ଶିଶୁ ଓ ପ୍ରସୂତି ମହିଳାଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଖବରପାଇ ଟିଟିଲାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।


ଚିକିତ୍ସାଧୀନ ଦୁତୀୟା ଯାନୀ।

# ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ମହିଳାଙ୍କ ଆନ୍ଦୋଳନ




## ଦୋକାନ ସମ୍ମୁଖରେ ବସି ରହିଛନ୍ତି ଶତାଧିକ ମହିଳା

ରାଜନଗର, ୪।୪
(ଭାସ୍କର ରାଉତରାୟ)

ରାଜନଗର ଥାନା ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପିଖୋଲା ବିଦେଶୀ ମଦ ଦୋକାନକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ଜନଗହଳି ପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି। ଏହି ମଦ ଦୋକାନ ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳାମାନେ ଉଚ୍ଛେଦ ଲାଗି ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲା ପରେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଶୁକ୍ରବାର ଶତାଧିକ ମହିଳା ଠିପିଖୋଲା ମଦ ଦୋକାନ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିବା ସହ ପୂର୍ବାହ୍ନ ୧୧ଟାରୁ ବସି ରହିଛନ୍ତି। ମଦ ପାଇଁ ସଂସାର ଉଜୁଡୁଛି, ମଦ ପିଇ ପିଲା ବାପା, ମାଆଙ୍କ ଉପରକୁ ହାତ ଉଠାଉଛନ୍ତି। ଆମର ଦାବି ମୁଖ୍ୟମନ୍ତ୍ରୀ ପୂରଣ କର, ଏହି ଠିପିଖୋଲା ମଦ ଦୋକାନ ଉଠାଇ ଦିଅ ବୋଲି ମହିଳାମାନେ ଦାବି କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖା ହେବା ଯାଏ ମହିଳାମାନେ ମଦ ଦୋକାନ ସମ୍ମୁଖରେ ବସି ରହିଛନ୍ତି।

ମାର୍ଚ୍ଚ ୨୮ ତାରିଖରେ ମହିଳାମାନେ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳଙ୍କୁ ଭେଟି ମଦ ଦୋକାନ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଥିଲେ। ୭ଦିନ ଭିତରେ ଉଚ୍ଛେଦ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଏହି ଠିପିଖୋଲା ମଦ ଦୋକାନ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି। ଅସାମାଜିକ ବ୍ୟକ୍ତିମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର ୧୦ମିଟର ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି। ୨ଶହ ମିଟର ଦୂରରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ପିଲାମାନେ ଯିବାବେଳେ ଏମାନଙ୍କ ଦୌରାତ୍ମ୍ୟ ଯୋଗୁ ସେମାନେ ବିଦ୍ୟାଳୟକୁ ଯିବାକୁ ଅମଙ୍ଗ ହେଉଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାୟ ରାମାନନ୍ଦ ସ୍ମୃତି ପରିଷଦ ପକ୍ଷରୁ ସଙ୍ଗୀତ ଆସର ଓ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ଖାରବେଳ ନଗର, ସମୟ: ସକାଳ ୯ଟା ୩୦।
- ଗ୍ରାଜୁଏଶନ ଡେ, ସ୍ଥାନ: ଏନ୍ଏମ୍ଆଇଇଟି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ତୃତୀୟ ବାର୍ଷିକ ନୃତ୍ୟ ଉତ୍ସବ ଏବଂ ସୌରପ୍ରଭା ସମ୍ମାନ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ନାବିକ ସଂଘ ଓଡ଼ିଶା ପକ୍ଷରୁ ଜାତୀୟ ସାମୁଦ୍ରିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦ ଏଆର୍ସି, ଆଇବିଏଲ୍ ହାଉସ୍, ସାଇ ମନ୍ଦିର ଅପରପାର୍ଶ୍ୱ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୭ଟା।

## କଟକ

- ୫୪ତମ ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ଷ୍ଟଡି ସର୍କଲ ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଟକ ମାତୃଭବନ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ନାଟ୍ୟ ନିର୍ଦ୍ଦେଶକ ଉମେଶ ଦାଶଙ୍କ ନିର୍ଦ୍ଦେଶିତ ନାଟକ ପରିବେଷଣର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- .ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ

- ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼, ସ୍ଥାନ: ଚୁଡ଼ାମଣି ଲବଣ ତୀର୍ଥ, ବାସୁଦେବପୁର, ସମୟ: ସକାଳ ୬ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ତିହିଡ଼ି, ସମୟ: ସକାଳ ୭ଟା।
- ୧୦୮ ହନୁମାନ ଚାଲିଶା ପାଠ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ଯଜ୍ଞ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ବାସନ୍ତୀ ଦୁର୍ଗା ମହାଷ୍ଟମୀ ପୂଜା ଉତ୍ସବ, ସ୍ଥାନ: ଚରମ୍ପା, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ, ପ୍ରବଚନ, ପ୍ରତିଭା ସମ୍ବର୍ଦ୍ଧନା ସଭା, ସ୍ଥାନ: ଲକ୍ଷ୍ମୀଦାସପୁରର ଅଯୋଧ୍ୟା, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।
- ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।

## କେନ୍ଦୁଝର

- ଐତିହାସିକ ଗଣଦୌଡ଼, ସ୍ଥାନ: ପୁରୁଣା ସହର ଶ୍ରୀ ବଳଦେବଜୀଉ ମନ୍ଦିର, କେନ୍ଦୁଝର ଗଡ, ସମୟ: ପ୍ରାତଃ ୫ଟା ୩୦।
- ବନଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: କେନ୍ଦୁଝର ପୁରୁଣା ସହର ରାଜବାଟି, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ୫୨ତମ ମା' ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଭୀମଦା ବଡ଼ସାହି ବ୍ଲକ,ସମୟ: ସକାଳ ୭ଟା।
- ମା' ଭୈରବୀଙ୍କ ପୀଠରେ ମହାଷ୍ଟମୀ ପୂଜା, ସ୍ଥାନ:ମଧୁବନ, ବାରିପଦା,ସମୟ: ସକାଳ ୭ଟା।
- ୧୩ତମ ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୭ଟା।
- ୭୨ତମ ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଶୂନଗଡ଼ିଆ, ବାରିପଦା,ସମୟ: ସକାଳ ୭ଟା।
- ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ବୀରେଶ୍ୱରପୁର, ବଡ଼ସାହି,ସମୟ: ସକାଳ ୮ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଉପଲକ୍ଷେ ନଗର କୀର୍ତ୍ତନ ଓ ଦଧିଭଞ୍ଜନ,ସ୍ଥାନ:ବାଉଁଶଦା ସଙ୍କୀର୍ତ୍ତନ ମଣ୍ଡପ, ସାରସକଣା, ସମୟ: ଅପରାହ୍ନ ୧ଟା।
- ଆମ ସୀମାନ୍ତ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ଝାରପୋଖରିଆ, ସମୟ: ଅପରାହ୍ନ ୫ଟା।
- ବିଜିପୁର ଗ୍ରାମୀଣ ମହୋତ୍ସବ,ସ୍ଥାନ: ବିଜିପୁର ବାସନ୍ତୀ ପଡ଼ିଆ, ଜିବିନଗର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମଚରିତ ମାନସ(ତୁଳସୀ ରାମାୟଣ),ସ୍ଥାନ:ମାଣତ୍ରୀ ଶୈବପୀଠ ବଡ଼ସାହି,ସମୟ:ସନ୍ଧ୍ୟା ୭ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ:ତାଡ଼କି, ଡୁକୁରା, ଖୁଣ୍ଟା,ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପୂଜା ଉପଲକ୍ଷେ ସନ୍ଧି ପୂଜା,ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ୩୩।
- ରାଜାଲୋକା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବୈଦିକ ମଙ୍ଗଳାଚରଣ, ଘୃତଯଜ୍ଞ ଓ ପୂର୍ଣ୍ଣାହୁତି ପ୍ରଦାନ ଏବଂ ରାମ ନବମୀ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ,ସ୍ଥାନ: ଶ୍ରୀରାମ ମନ୍ଦିର, ରାଜାଲୋକା, ସାରସକଣା, ସମୟ: ରାତି ୧୦ଟା।

## ଗଞ୍ଜାମ

- ରାଜମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା, ସ୍ଥାନ: ଧୋବାପଲ୍ଲୀ, ଆସିକା ବ୍ଲକ, ସମୟ: ସକାଳ ୭ଟା।
- ପଞ୍ଚୁଦଣ୍ଡ ମହାମିଳନ, ସ୍ଥାନ: ବାଲୁଙ୍କେଶ୍ୱର ବିହାର, କଲେଜ ଛକ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ଆଶୁ ଚିକିତ୍ସା ତାଲିମ ଶିବିର, ସ୍ଥାନ: ଏସ୍ଏସ୍ଡି ହାଇସ୍କୁଲ ମୋହନା, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ

- ଓଡିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ବଳରାମ ମନ୍ଦିର ସମ୍ମୁଖ, ସମୟ: ସକାଳ ସାଢେ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ଜାତୀୟ ନୌବାଣିଜ୍ୟ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ମେରାଇନ ବର୍ଥ, ବନ୍ଦର ନିଷିଦ୍ଧାଞ୍ଚଳ,ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ରେଲୱେ ବିଭାଗ କର୍ମଚାରୀ ୟୁନିୟନ ପକ୍ଷରୁ ଆର୍ଥିକ ବର୍ଷ ଉପଲକ୍ଷେ ବନ୍ଧୁମିଳନ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ଉଦ୍ୟମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବୀର ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଶାନ୍ତି ବଜାର ନିକଟ ମିଡୋଜ୍ କୋଟୱାର୍ଡ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।
- ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ସଂଘ ଯାଜପୁରର ସ୍ୱାଗତ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା୩୦ ମିନିଟ୍।

## ନୟାଗଡ଼

- ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୬ଟା ୧୫।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ନବମ ଦିବସରେ ମହାଷ୍ଟମୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ: ସକାଳ ୮ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ଟା।
- ବାସନ୍ତୀକ ଦୁର୍ଗାପୂଜାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦର ଦରଦା ଗାଁ, ସମୟ: ସକାଳ ୯ଟା।
- ବୀର ବଜରଙ୍ଗବାଲୀଙ୍କ ଅଶୋକାଷ୍ଟମୀ ଯାତ୍ରା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ ହନୁମାନ ମନ୍ଦିର, ସମୟ: ସକାଳ ୧୦ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଅଙ୍ଗଦ ଚିଟାଉ ଓ ରାବଣ ବଦ୍ଧ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: କାଳି ମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ରାୟଗଡା, ସମୟ: ସକାଳ ୫ଟା ୩୦।
- ରାମ ନବମୀ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଜାମଗୁଡାସ୍ଥିତ ତ୍ରିନାଥ ମନ୍ଦିର, ଟିକିରି, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ନବରଙ୍ଗପୁର ସଦାଶିବ ତ୍ରୀପାଠୀ ପାର୍କରୁ ପୋଲିସ ପଡ଼ିଆ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା।

## କୋରାପୁଟ

- ଓଡ଼ିଶା ପକ୍ଷ ନେଇ ଗଣ ଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୬ଟା।
- ଶାବର ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କ ମହାଗୌରୀ ବେଶ, ସ୍ଥାନ:ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ପକ୍ଷ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଓ ବାର୍ଷିକ ଉତ୍ସବ, ସ୍ଥାନ: ଏଇଏଫ୍ କଲୋନୀ,ସୁନାବେଡ଼ା, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଚୈତ୍ର ନବରାତ୍ରୀ ଅଷ୍ଟମୀ ପୂଜା, ସ୍ଥାନ: ଭୂତାପଡା ସ୍ଥିତ ମାଁ ମଙ୍ଗଳା ମନ୍ଦିର, ସମୟ: ସକାଳ ୮ଟା
- ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ଦେବୀଙ୍କ ମହାସ୍ନାନ, ପ୍ରାଣପ୍ରତିଷ୍ଠା, ସ୍ଥାନ:ଭତରା ସ୍ଥିତ ଶଙ୍କରମଠ ପରିସର, ସ୍ଥାନ:ପୂର୍ବାହ୍ନ ୧୦ ଟା।
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗୀଙ୍କ ସମଲେଇ ମନ୍ଦିର ପରିଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୮ଟା
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗିତା ଆରମ୍ଭ, ସ୍ଥାନ:ପିଏଚଡି ପଡିଆ, ସମୟ:ଅପରାହ୍ନ ୫ଟା।

## ବଲାଙ୍ଗୀର

- ବଲାଙ୍ଗୀର ଚାମ୍ପିୟନ୍ସ ଲିଗ୍ ୨୦୨୫, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।
- ଲୋଇସିଂହାରେ ବାସନ୍ତିକ ଦୁର୍ଗାପୂଜା ଉପଲକ୍ଷେ ଝାମୁଯାତ୍ରା, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ମିନିଟ୍।

## ରାଉରକେଲା

- ଅଶୋକାଷ୍ଟମୀ ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଅଷ୍ଟମୀ ପୂଜା, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତୀ ପୂଜନୋତ୍ସବ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡିଶା ଭାଷା ବିକାଶ ମଞ୍ଚ ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତିକ ପରିଷଦ ପକ୍ଷରୁ ପାଲା ମହୋତ୍ସବ, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲା, ସ୍ଥାନ: ସେକ୍ଟର-୬, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଇନଭେଷ୍ଟିଚ୍ୟୁର ସେରିମୋନି, ସ୍ଥାନ:କୁଆଁରମୁଣ୍ଡା ଡନବସ୍କୋ ସ୍କୁଲ ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ସମୟ: ସକାଳ ୮ଟା।
- ଶଙ୍କର୍ଷଣ ନାଏକ ମେମୋରିଆଲ ପାରିଜାତ ଜୈବ ବିବିଧ ଉଦ୍ୟାନର ଉଦ୍‌ଘାଟନ ସମାରୋହ, ସ୍ଥାନ: ବନଦୁର୍ଗା ବିହାର ନିକଟ, ସମୟ: ସକାଳ ୮ଟା ୩୦।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା,ସମୟ: ସକାଳ ୭ଟା।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକଠାରୁ ଘୋଡାଘାଟ ଛକ, ସମୟ: ସକାଳ ୬ଟା ୩୦।
- ସମାଜବାଦୀ ପାର୍ଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଚୈତ୍ର ଘଣ୍ଟ ଯାତ୍ରା ପଞ୍ଚମ ଦିନରେ ଦୁର୍ଗା ପରିବାର ପକ୍ଷରୁ ସ୍ୱତନ୍ତ୍ର ପୂଜା, ସ୍ଥାନ: ଥୁଆମୂଳ ରାମପୁର ବ୍ଲକର ଜାମଝୋଲା ପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୁଃସ୍ଥାନରେ ଗ୍ରହଯୁଦ୍ଧ ଯୋଗୁ ଯାତ୍ରା, ଅର୍ଥ ସମ୍ପର୍କ, ପାରିବାରିକ ବ୍ୟତିକ୍ରମ ଦେଖାଦେଇପାରେ।କୋଣାଧିପ ରବି ଅଷ୍ଟମସ୍ଥ ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସହିତ ଭୁଲ୍ ବୁଝାମଣାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଚନ୍ଦ୍ରଙ୍କ ଦୃଷ୍ଟି ସାହାଯ୍ୟ କରିବ। ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ମୁଖଭାବରେ ଚନ୍ଦ୍ର ଥିବାରୁ ହସି ହସି କଥା କହିବେ ଏବଂ କର୍ମାରମ୍ଭ ପାଇଁ ଅନୁକୂଳତା ପ୍ରାପ୍ତ ହେବ। ଘର ତିଆରି, ଯାନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତି କ୍ଷେତ୍ରରୁ ଉପକୃତ ହେବେ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ନିଜ ସହ ଭଲ ସମ୍ପର୍କ ରଖୁନଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ବୁଧଙ୍କ ବଳହୀନତା କାରଣରୁ ସତର୍କତା କିମ୍ବା ଅନ୍ୟମନସ୍କତା ହେତୁ ଟଙ୍କା, ପଇସା, ଦରକାରୀ କାଗଜପତ୍ର ହଜାଇ ଦେଇପାରନ୍ତି। ସହକର୍ମୀ, ଭାଇ କିମ୍ବା ପଡ଼ୋଶୀଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି,ମାତ୍ର ଏକ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କର୍କଟ** ଆଜି ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ କାମରେ ଅବହେଳା କରିବେ ନାହିଁ। ମଙ୍ଗଳଙ୍କ ଦୁର୍ବଳତାରୁ ପ୍ରତ୍ୟେକ କ୍ଷେତ୍ରରେ ପଛେଇ ରହିବେ। ସମ୍ମୁଖରେ ନ କହି ପଛରେ କେହି ସମାଲୋଚନା କରିବେ। ଆର୍ଥିକ ଦିଗଟି ଭଲ ରହିବ ଏବଂ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ପାଇବେ। ଶନିଙ୍କ ଦୁଷ୍ପ୍ରଭାବରୁ କଚେରି ମାମଲା ମନ୍ଥର ହୋଇପାରେ।

**ସିଂହ** କର୍ମସ୍ଥାନରେ ବୃହସ୍ପତି ଆପଣଙ୍କ ଗୃହନିର୍ମାଣ, ଯାନବାହନ, ପାରିବାରିକ ଶାନ୍ତି କ୍ଷେତ୍ରରେ ସହାୟକ ହେବେ। ବୁଧଙ୍କ ପ୍ରଭାବରେ ବନ୍ଧୁ ବିରୋଧୀ ହେବେ ଏବଂ ଅର୍ଥ ସଂକଟ ଲାଗି ରହିପାରେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟରୁ ଭଲ ଲାଭ ପାଇବେ କିନ୍ତୁ ବିବାଦରୁ ଦୂରେଇ ରହିବା ଭଲ ହେବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ କିନ୍ତୁ ବ୍ୟୟଭାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ହାତରେ ଧନ ନଥିଲେ ମଧ୍ୟ କୌଣସି ଆବଶ୍ୟକତା ଅପୂରଣୀୟ ରହିବନାହିଁ। ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କ୍ଷେତ୍ରରେ ଶୁଭଫଳ ପାଇବାର ଆଶା ରହିଛି।

**ତୁଳା** ଗୁରୁଙ୍କ କୃପାଦୃଷ୍ଟିରୁ ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ସମସ୍ତ କାର୍ଯ୍ୟ ସାଧନ କରିବେ। ଅସୁସ୍ଥତା ଅନୁଭବ କଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଂଶସିତ ହେବେ। ଚିତ୍ରା ନକ୍ଷତ୍ରର ସବୁ ସୁବିଧା ଥିଲେ ମଧ୍ୟ ଅବହେଳା କାରଣରୁ ସୁଯୋଗ ହରାଇବେ।

**ବିଛା** ଦେହ କିମ୍ବା ମନ କମ୍‌ଜୋର୍ ରହିଥିଲେ ମଧ୍ୟ କୌଣସି କ୍ଷେତ୍ରରେ ପଛକୁ ଫେରିବେ ନାହିଁ। କୌଣସି ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବିଭିନ୍ନ ସମସ୍ୟା ହେତୁକ ମାନସିକ ସ୍ଥିତି ବିପନ୍ନଜନିତ ଟେନ୍ସନ ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ ଅବଶ୍ୟ ଖର୍ଚ୍ଚର ମାତ୍ରା ବୃଦ୍ଧି ପାଇପାରେ। ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ ସୁସ୍ଥତା ବ୍ୟାହତ ହୋଇପାରେ। ପରିବାରରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ମକର** ଆଜିର ଗ୍ରହସ୍ଥିତି ଭଲ ହେତୁ ଦିନଟି ଭଲରେ ଅତିବାହିତ ହେବ। ଅର୍ଥଲାଭ, କାର୍ଯ୍ୟସିଦ୍ଧି, ପାରିବାରିକ ସୌଖ୍ୟ ଓ ମିତ୍ରମାନଙ୍କ ସମାଗମରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବୈବାହିକ ସମ୍ପର୍କ ପରିପ୍ରେକ୍ଷୀରେ ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବା କାରଣରୁ ଖୁସି ରହିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଥବା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ ଓ ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ଅବଶ୍ୟମ୍ଭାବୀ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ ଅନ୍ୟଥା ଅପବାଦର ବୋଝ ମୁଣ୍ଡାଇବାକୁ ପଡ଼ିବ।

**ମୀନ** ମନ ଯେମିତି ଉଚ୍ଚ ଆପଣଙ୍କ ଆଜିର କାମ ମଧ୍ୟ ତଦନୁରୂପ ହେବାରୁ ସବୁଠି ପ୍ରଶଂସାର ପାତ୍ର ହେବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ରାଜନୀତି ଓ ସାଂଗଠନିକ ସ୍ତରରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଚାପର ସମ୍ମୁଖୀନ ହେବେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ।

ଆଜି ଏପ୍ରିଲ୍ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଜଗଜ୍ଜୀବନରାମଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ, ଶନିବାର। ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ପିଠେ ବାସନ୍ତିକ ମହାନବମୀ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୪୫ ଗତେ ଘ.୧୦।୧୭ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦକ୍ଷିଣ ଦୁଆରିଆ ଘର**
**ଯେ ନ ପଶିଲା ସେ ପଶିଲା**
**କାହାକୁ କରିବି ପର।**

ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ଥିଲେ, ଘରକୁ ବନ୍ଧୁ ଓ ଅତିଥିଙ୍କ ଆଗମନ ଅଧିକ ହୁଏ। ଜନସମ୍ପର୍କ ବୃଦ୍ଧିପାଇଥାଏ। ସମସ୍ତଙ୍କ ସହ ସଦ୍‌ଭାବ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୋଳ ଯାଏ ଭାତ**
**ବିଭା ଯାଏ ପାଠ।**

କୃଷିଧାନ ଦୋଳ ପରେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି କରେ। ସେମିତି ବିଭାଘର ପରେ ପାଠର ଆଉ ସେତେଟା ଆବଶ୍ୟକତା ପଡ଼ି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଜାତି ଗଲା, ପେଟ ....

ଏକଥା ସତ ଯେ, ସସ୍ମିତଙ୍କର ଏତେ ସାହସ ନାହିଁ ଦଳର ନିଷ୍ପତ୍ତି ନିଜ ଇଚ୍ଛାରେ କହିଦେବେ। ହେଲେ ସସ୍ମିତ ଏହି ପୋଷ୍ଟ କରିବା ପୂର୍ବରୁ ରେଳମନ୍ତ୍ରୀ ବିଜେଡିର ସବୁ ରାଜ୍ୟ ସଭା ସଦସ୍ୟଙ୍କୁ ଭେଟି ବିଲ୍‌କୁ ସମର୍ଥନ ଦେବା ଲାଗି କହିଥିଲେ। ଏକଥା ମଧ୍ୟ ବହୁ ରାଜ୍ୟ ସଭା ସଦସ୍ୟ ସ୍ୱୀକାର କରିଛନ୍ତି। ହେଲେ ବିଜେଡିର ଭିନ୍ନମତକୁ ସବୁ ଏମ୍‌ପି ଗ୍ରହଣ କରିପାରି ନାହାନ୍ତି। ଜଣେ ଏମ୍‌ପି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସସ୍ମିତ ଏବଂ ସୁଲତା ଦେଓ ବିଲ୍ ସପକ୍ଷରେ ଭୋଟ ଦେଇଥିବା ବେଳେ ମୁନ୍ନା ଖାଁ, ମାନସ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ ଏବଂ ନିରଞ୍ଜନ ବିଶି ବିପକ୍ଷରେ ଭୋଟ୍ ଦେଇଛନ୍ତି। ଅନ୍ୟପଟେ ଦେବାଶିଷ ସାମନ୍ତରାୟ ଭୋଟ ବର୍ଜନ କରିଥିବା କହିଛନ୍ତି। ହେଲେ ଏଭଳି କରିବା ଦ୍ୱାରା କେନ୍ଦ୍ରର ଭାଜପା ସମର୍ଥିତ ଏନ୍‌ଡିଏ ସରକାର ନା ଇଣ୍ଡିଆ ମେଣ୍ଟ କାହାକୁ ମଧ୍ୟ ଖୁସି କରିବାରେ ନବୀନଙ୍କ ସହଯୋଗୀ ସଫଳ ହୋଇପାରିନାହାନ୍ତି, କେବଳ ନିଜ କାର୍ଯ୍ୟ ହାସଲ କରିପାରିଛନ୍ତି।

ବିଲ୍‌ବାବଦରେ ଏଭଳି ଆଭିମୁଖ୍ୟ ପରେ ଦଳର ବରିଷ୍ଠ ନେତାମାନେ ବିରକ୍ତିଭାବ ପ୍ରକାଶକରି ଶଙ୍ଖ ଭବନଠାରେ ଏକାଠି ହୋଇଛନ୍ତି। ସେଠାରେ ଦଳର ଆଭିମୁଖ୍ୟ କାହିଁକି ଏପରି ରହିଲା ବୋଲି ଦଳର ସଭାପତିଙ୍କୁ ପଚାରିବେ ବୋଲି ସମସ୍ତଙ୍କ ଭିତରେ ମତ ପ୍ରକାଶ ପାଇଛି। ଏପରିକି କେତେଜଣ ନେତା ଦରକାର ପଡ଼ିଲେ କିଛି ବଡ ପଦକ୍ଷେପ ନେବା ଭଳି କଥା ସେହି ସମୟରେ ଉଠାଇଥିବା ଜଣାଇଛନ୍ତି। ଏହାପରେ ଯେତେବେଳେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଶଶିଭୂଷଣ ବେହେରା, ରଘୁନାଥ ସାହୁ, ପଦ୍ମନାଭ ବେହେରା, ଦେବୀପ୍ରସାଦ ମିଶ୍ର ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସ ଯାଇଛନ୍ତି। ସେମାନଙ୍କୁ ଖ୍ରୀଷ୍ଟିଆନ-ମୁସଲମାନ ପାଠ ପଢ଼ାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନବୀନ ବରିଷ୍ଠ ନେତାମାନଙ୍କୁ ଏହି ଅବସରରେ କହିଥିଲେ, ସେ କେବେହେଲେ ଏହି ବିଲ୍‌କୁ ବିରୋଧ କରିବା କଥା ନିଜ ମୁହଁରେ କହିନାହାନ୍ତି। ରାଜ୍ୟରେ ୨.୧୭ ପ୍ରତିଶତ ଖ୍ରୀଷ୍ଟିଆନ ଏବଂ ୧.୭ ପ୍ରତିଶତ ମୁସଲମାନ ଅଛନ୍ତି। ତେଣୁ ବିଲ୍‌କୁ ସମର୍ଥନ କଲେ ଖ୍ରୀଷ୍ଟିଆନମାନଙ୍କ କ୍ଷତି ହେବ ବୋଲି କହିଛନ୍ତି। ଏହାସହ ବର୍ତ୍ତମାନ ସମୟରେ ଏହି ବିଷୟକୁ ନେଇ ଦଳକୁ ବଞ୍ଚାଅ ବୋଲି କୁଆଡ଼େ ନବୀନ କହିଥିବା ଜଣାପଡ଼ିଛି। ନବୀନଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ବରିଷ୍ଠ ନେତାମାନେ ବାହାରେ ଆସି ଭିନ୍ନ ଗପ ଆରମ୍ଭ କରିଦେଇଛନ୍ତି। ଦଳ ସଭାପତିଙ୍କ ଘନିଷ୍ଠ ସହଯୋଗୀ ନିଜକୁ ବଞ୍ଚାଇବା ଲାଗି ଏଭଳି କଥା ନବୀନଙ୍କ ମୁହଁରୁ କୁହାଇ ଯେଉଁ ପାଠ ପଢ଼ାଇବାକୁ ଚେଷ୍ଟା କରୁଛି ଦଳ ଉପରୁ ତୃଣମୂଳସ୍ତରରୁ ଲୋକଙ୍କ ବିଶ୍ୱାସ ଉଠିଯିବ ବୋଲି ମତ ପ୍ରକାଶ ପାଇବା ଆରମ୍ଭ ହେଲାଣି।

## ୱାକ୍‌ଫ ବିଲ୍‌କୁ ଜୋରଦାର ...

ଦୃଶ୍ୟ ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଘୋଷଣା କରାଯାଇଥିଲା। ଟିଭିକେ କର୍ମୀମାନେ ଚେନ୍ନାଇ ସମେତ କୋଏମ୍ବାଟୁର, ତିରୁଚିରାପଲ୍ଲୀ ଆଦି ବିଭିନ୍ନ ସହରରେ ଏକାଠି ହୋଇ ୱାକ୍‌ଫ ବିଲ୍ ବିରୋଧରେ ସ୍ଲୋଗାନ ଦେଇଥିଲେ।

ଲୋକ ସଭାରେ ବୁଧବାର ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିତର୍କ ପରେ ୱାକ୍‌ଫ ସଂଶୋଧନ ବିଧେୟକ ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଭୋଟ ପଡ଼ିଥିବାବେଳେ ବିରୋଧରେ ୨୩୨ ଜଣ ଭୋଟ ଦେଇଥିଲେ। ସେହିପରି ଗୁରୁବାର ପାଖାପାଖି ୧୪ ଘଣ୍ଟାର ଆଲୋଚନା ପରେ ବିଳମ୍ବିତ ରାତିରେ ବିଲ୍‌କୁ ମଞ୍ଜୁରୀ ମିଳିଥିଲା। ଉଚ୍ଚ ସଦନରେ ବିଲ୍‌କୁ ୧୨୮ ଭୋଟ ମିଳିଥିବାବେଳେ ଏହା ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିସାରିଥିବାରୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହେବ। ତେବେ ଏହାର ପ୍ରତିବାଦରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ କୋଲକାତାର ପାର୍କ ସର୍କସ କ୍ରସିଂଠାରେ ଶୁକ୍ରବାର ବିକ୍ଷୋଭ କରିବା ସହ ତୁରନ୍ତ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଦେଶକୁ ବିଭାଜନ କରିବା ପାଇଁ ଏହି ବିଲ୍ ଭାଜପାର ଏକ ଚାଲ୍ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଆମେ ରାଜ୍ୟର ମୁସଲମାନମାନଙ୍କୁ ସେମାନଙ୍କ ସମ୍ପତ୍ତି ହରାଇବାକୁ ଦେବୁ ନାହିଁ। କେନ୍ଦ୍ରରେ ନୂଆ ସରକାର ଆସିଲେ ଏହି ବିଲ୍‌କୁ ଅକାମୀ କରିବା ନିମନ୍ତେ ସଂଶୋଧନ ଅଣାଯିବ ବୋଲି ସେ କହିଛନ୍ତି। ବିକ୍ଷୋଭ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ବିଲ୍ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ଦର୍ଶାଇ କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ମଧ୍ୟ ବିଲ୍‌କୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। କଂଗ୍ରେସ ଏମ୍‌ପି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ବିଲ୍ ୱାକ୍‌ଫ ସମ୍ପତ୍ତି ଏବଂ ସେଗୁଡ଼ିକର ପରିଚାଳନା ଉପରେ ମନମାନି କଟକଣା ଲଦିଦେଇଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ଧର୍ମୀୟ ସ୍ୱାଧୀନତାକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଆଇନଜୀବୀ ଅନସ ତନ୍‌ୱିରଙ୍କ ଜରିଆରେ ଦାଏର ହୋଇଥିବା ଏହି ବିଲ୍‌ରେ ମୁସଲମାନ ସମ୍ପ୍ରଦାୟ ପ୍ରତି ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓୱାଇସି ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫ରେ ରହିଥିବା ବ୍ୟବସ୍ଥା ମୁସଲମାନ ତଥା ମୁସ୍‌ଲିମ୍ ସମ୍ପ୍ରଦାୟର ମୌଳିକ ଅଧିକାରର ଉଲ୍ଲଂଘନ। ୱାକ୍‌ଫ ବିଲ୍ ବିରୋଧରେ ଡିଏମ୍‌କେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘୋଷଣା କରିଥିଲେ। କଂଗ୍ରେସ ମଧ୍ୟ ଖୁବ୍ ଶୀଘ୍ର ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର କହିଥିଲେ।

## ଓଡ଼ିଶାରେ ୧୧ରୁ ...

ଭାରତ ଯୋଜନାର ଶୁଭାରମ୍ଭ କରିବେ। ସେ ସିପେଟ୍ ଏବଂ ଏମ୍ସ ଯିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ବିଧାୟକମାନଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୧୨ ତାରିଖରେ ସେ ଫେରିଯିବେ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ସତ୍ୟଭମାପୁର କାର୍ଯ୍ୟକ୍ରମରେ ଯୋଗଦେଇ ୨ ସପ୍ତାହ ଭିତରେ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ହେବ ବୋଲି ସେ କହିଥିଲେ। ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ସ୍ୱାସ୍ଥ୍ୟବୀମାର ସୁଫଳ ପାଇବେ। ଏହି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ୨୯ ହଜାର ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ପୂର୍ବ ସରକାର ସମୟରେ ୯ ଶହ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିବା ବେଳେ ଆୟୁଷ୍ମାନ୍ ଯୋଜନାକୁ ରାଜନୈତିକ ଉଦ୍ଦେଶ୍ୟରେ ଲାଗୁ କରାଉ ନ ଥିଲେ। ଗତ ମାର୍ଚ୍ଚ ୨୧ରେ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁହେବ। ଏହି ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବା ଆଶା କରାଯାଉଛି। ଏହାସହ ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ୍ ବୟୋବନ୍ଦନ ଯୋଜନା ଲାଗୁ କରାଯିବ।

# ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଓଡ଼ିଆରେ ଲେଖିବାକୁ ଆହ୍ୱାନ

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

## ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା



ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ସଚେତନତା ରଥ ଓ ଶୋଭାଯାତ୍ରା।

ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପଦଯାତ୍ରାକୁ ଉଦ୍‌ଘାଟନ କରି ରାଜ୍ୟର ବ୍ୟବସାୟୀ ଭଉଣୀଭାଇମାନେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ସ୍ପଷ୍ଟ ଭାବେ ଲେଖିବାକୁ ଆହ୍ୱାନ ଦେଇଥିଲେ। ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ତିତ୍ୱ ଓ ଭବିଷ୍ୟତ। ତେଣୁ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ପ୍ରଚାର ପ୍ରସାର ଓ ଠିକ୍ ବ୍ୟବହାର ଉପରେ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ସୁନିଶ୍ଚିତ କରିବା ପାଇଁ ରାଜ୍ୟରେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଥିବା ମନ୍ତ୍ରୀ କହିଥିଲେ। ସେହିପରି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ (୧୯୫୬) ଅନୁଯାୟୀ ସ୍ପଷ୍ଟ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି। ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖି ନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ, ଡିଭିଜନାଲ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ ଓ ମଦନମୋହନ ପାଇକ, ଖୋର୍ଦ୍ଧା ଉପଜିଲାପାଳ ମନୋରଞ୍ଜନ ସାହୁ ସାମିଲ ହୋଇଥିଲେ। ମହିଳା ଓ ପୁରୁଷମାନେ ପ୍ଲାକାର୍ଡ ଧରି ମାଷ୍ଟରକ୍ୟାଣ୍ଟିନ ଛକରୁ ରାମମନ୍ଦିର ଓ ରାମମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଓଡ଼ିଆରେ ନାମଫଳକ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ପଦଯାତ୍ରାରେ ସଚେତନତା ରଥ ସାମିଲ ହୋଇଥିଲା। ନୟାପଲ୍ଲୀ ଦୁର୍ଗାମଣ୍ଡପ, ଲିଙ୍ଗରାଜ ଷ୍ଟେଶନ ଓ କଳ୍ପନା ଛକଠାରେ ମଧ୍ୟ ଓଡ଼ିଆ ନାମଫଳକ ଅଭିଯାନ ସମ୍ବନ୍ଧୀୟ ବ୍ୟାପକ ସଚେତନତା କରାଯାଇଥିଲା।

# ଫଳକରେ ଓଡ଼ିଆ ବନାନ ତ୍ରୁଟି

ସୁନାବେଡ଼ା/ସେମିଲିଗୁଡା,୪।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)




ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କିନ୍ତୁ ଏହାର ସୁଫଳ ମିଳୁ ନ ଥିବା କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଫଳକରୁ ଜଣାପଡ଼ୁଛି। ଏହି ଫଳକଗୁଡ଼ିକରେ ଓଡ଼ିଆ ବନାନରେ ତ୍ରୁଟି ରହିଛି।

କେନ୍ଦ୍ର ସରକାରଙ୍କ ଭାରତ ମାଳା ଯୋଜନାରେ ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ୬ ଲାଇନ ରାସ୍ତା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ଏହି ରାସ୍ତା ପାର୍ଶ୍ୱରେ ଚିହ୍ନଟ ପାଇଁ ସ୍ଥାନ ଗୁଡ଼ିକର ନାମ ଫଳକ ଲଗାଯାଇଛି। ଫଳକ ଗୁଡ଼ିକ ଓଡ଼ିଆ ଓ ଇଂଲିଶରେ ଲେଖା ରହିଛି। କିନ୍ତୁ ଅନେକ ଫଳକରେ ଓଡ଼ିଆ ନାଁ ଗୁଡିକରେ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳକରେ କୁନ୍ଧୁଲି ବଦଳରେ କୁଣ୍ଡୁଲି ଓ ପଟାଙ୍ଗି ବଦଳରେ ପୋଟାଙ୍ଗି ରହିଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରୁ ଇଂଲିଶ ନାମ ଫଳକ ହଟାଇବାରେ ସରକାର ବିଫଳ ହୋଇଥିବା ବୁଦ୍ଧିଜୀବି ପ୍ରକାଶ କରିଛନ୍ତି। ପୂର୍ବ ସରକାର ଏଥିପାଇଁ ନିୟମ ସହ ଦଣ୍ଡ ବିଧାନ ବ୍ୟବସ୍ଥା କରିଥିଲେ। କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଓଡ଼ିଆରେ ନାମ ଫଳକ ଲଗାଇବାକୁ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ସହର ପରିକ୍ରମା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରୁ ହୋଇଥିବା ତ୍ରୁଟି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସହ ସ୍ଥାନୀୟ ବ୍ୟକ୍ତିଙ୍କ ସହଯୋଗରେ ସେଥିରେ ସୁଧାର କରାଯିବ ବୋଲି ସେ କହିଛନ୍ତି।

# ତରଭୁଜ ଚାଷକରି ଶିକ୍ଷକ ଲକ୍ଷପତି

## ପେସା ଶିକ୍ଷକ, ନିଶା ଚାଷ


କେନ୍ଦୁଝର,୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)



ତରଭୁଜ କ୍ଷେତରେ ସତ୍ୟଜିତ ଲାଗୁରୀ।

ପେସାରେ ଶିକ୍ଷକ, ନିଶା ତାଙ୍କର ଚାଷ। ଶିକ୍ଷକ ଚାକିରି ପରେ ବି କୁଳ ବେଉସାକୁ ଭୁଲି ପାରିନାହାନ୍ତି। ଚାକିରି ସହ ତରଭୁଜ ଚାଷକରି ଅନେକ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ମୁଣ୍ଡାସାହିର ଶିକ୍ଷକ ସତ୍ୟଜିତ ଲାଗୁରୀ। ପ୍ରାୟ ୧୧ ଏକର ଜମିରେ ତରଭୁଜ ଚାଷ କରି ଲକ୍ଷପତି ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ପ୍ରକାଶ ଯେ, ସତ୍ୟଜିତ୍ ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତାଙ୍କ ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷକତା କରୁଛନ୍ତି। ଚାଷୀ ପରିବାରର ହୋଇଥିବାରୁ ପୂର୍ବରୁ କେବଳ ଧାନ ଚାଷ କରୁଥିଲେ। ଏବେ ୩ ବର୍ଷ ଧରି ତରଭୁଜ ଚାଷ କରି ଭଲ ରୋଜଗାର କରୁଛନ୍ତି। ସେ ଗୋଲ, ଲମ୍ବା କିରଣ ଆଦି ୨ ପ୍ରକାରର ତରଭୁଜ ଚାଷ ପାଇଁ ଡିସେମ୍ବରରେ ମଞ୍ଜି ଆଣିଥିଲେ। ଏଥିପାଇଁ ନୂଆ ମୋଲଚିଂ ପଦ୍ଧତିରେ ଚାଷ କରିବାକୁ ପ୍ରଥମେ ଟ୍ରେ ଯୋଗେ ଭଲ ତରଭୁଜ ବିହନ ଚାରା ପକାଇଥିଲେ। ଏହା ଦ୍ୱାରା ରୋଗପୋକ କମ ହୋଇଥାଏ ବୋଲି ସେ କୁହନ୍ତି। ପରେ ଶ୍ରମିକଙ୍କୁ ଲଗାଇ କ୍ଷେତରେ ଚାରାରୋପଣ କରିଥିଲେ। ଏ ନେଇ ସେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ସରକାରଙ୍କ ଯୋଜନାରେ ଗଭୀର ନଳକୂପ ଖୋଳିଥିବା ବୋରୱେଲରୁ କ୍ଷେତରେ ଜଳସେଚନ କରୁଛନ୍ତି। ଏବେ କ୍ଷେତରେ କଳାରଙ୍ଗର ଗୋଲ ତରଭୁଜ ଫଳିଛି। ଭଲ କିସମର ତରଭୁଜ ଚାଷ ହୋଇଥିବାରୁ ଜିଲା ସମେତ ରାଜ୍ୟ ବାହାର ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦିର ବ୍ୟବସାୟୀ ଗାଡ଼ି ଯୋଗେ କ୍ଷେତରୁ ତରଭୁଜ କିଣି ନେଉଛନ୍ତି। ଗତ ଏକ ମାସ ମଧ୍ୟରେ ସେ ପ୍ରାୟ ୭ ଲକ୍ଷ ଟଙ୍କାର ତରଭୁଜ ବିକ୍ରି କରିଥିବା କହିଛନ୍ତି। କ୍ଷେତରେ ଥିବା ବଳକା ତରଭୁଜ ଆଉ ୪ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ସ୍କୁଲରୁ ଫେରିବା ପରେ ବଳକା ସମୟରେ ନିଜକୁ ଚାଷ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଧାନ ଅମଳ ପରେ ତରଭୁଜ ଚାଷ କରିବା ଲାଭଦାୟକ ହୋଇଛି ବୋଲି ପ୍ରକାଶ କରିଛନ୍ତି। ଏହା ପରେ ମିଠାମକା ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜିଲା କୃଷି ବିଭାଗ ପକ୍ଷରୁ ଅଧିକ ଜ୍ଞାନକୌଶଳ ଏବଂ ସହାୟତା ଯୋଗାଇ ଦିଆଗଲେ, ଆଗକୁ ବିଭିନ୍ନ ଚାଷ କରିପାରିବେ ବୋଲି କହିଛନ୍ତି।

# ଘୋଷଣାରେ ସୀମିତ ନଦୀଭିତ୍ତିକ ବନ୍ଦର




ପାରାଦୀପ,୪।୪(ଶରତ ରାଉତ)

## ଆଜି ଜାତୀୟ ନୌବାଣିଜ୍ୟ ଦିବସ

ଆଜି ହେଉଛି ବିଶ୍ୱ ନୌବାଣିଜ୍ୟ ଦିବସ। ନୌବାଣିଜ୍ୟ ଓଡ଼ିଶାର ପ୍ରାଚୀନ ପରମ୍ପରା ମଧ୍ୟରେ ଅନ୍ୟତମ ବୋଲି କୁହାଯାଏ। ପଣ୍ୟ କାରବାରରେ ବୃହତ୍ ବନ୍ଦର ମଧ୍ୟରେ ପାରାଦୀପ ବନ୍ଦର ଦେଶର ୧ ନଂ. ବନ୍ଦର ଭାବେ ସ୍ଥାନ ପାଇଛି। ଏହାସତ୍ତ୍ୱେ ନୌବାଣିଜ୍ୟର ବିକାଶ ପାଇଁ ରାଜ୍ୟରେ ଅନେକ କାର୍ଯ୍ୟ ଏବେ ବି ବାକି ରହିଛି। ନଦୀଭିତ୍ତିକ ବନ୍ଦର ଘୋଷଣାରେ ସୀମିତ ଥିଲାବେଳେ ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ହୋଇପାରିନାହିଁ।

ସମ୍ପ୍ରତି ଦେଶର ୯୫ ପ୍ରତିଶତ ପଣ୍ୟ କାରବାର ଜଳପଥରେ ହେଉଛି। ଏହା ଦେଶର ଅର୍ଥନୀତି ମଧ୍ୟରୁ ୭୦ ଭାଗ। ଜଳପଥରେ ପଣ୍ୟ କାରବାରକୁ ନୌବାଣିଜ୍ୟ କୁହାଯାଏ। ଓଡ଼ିଶାରୁ ଆରମ୍ଭ ହୋଇଥିବା ପ୍ରାଚୀନ ପରମ୍ପରାରକୁ ମନେ ପକାଇବା ପାଇଁ

ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ଏହାବାଦ୍ ଏପ୍ରିଲ୍ ୫ରେ ସରକାରୀଭାବେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଏ। ଶନିବାର ୬୨ତମ ନୌବାଣିଜ୍ୟ ଦିବସ ଦେଶର ସମସ୍ତ ବନ୍ଦରରେ ପାଳନ କରାଯାଉଛି।


ଏହି ଦିବସ ପାଳନ କରିବା ସମ୍ପର୍କରେ ଅବସରପ୍ରାପ୍ତ କ୍ୟାପଟେନ ପ୍ରେମାନନ୍ଦ ରାଉତ କୁହନ୍ତି, ୧୯୧୯ରେ ଭାରତର ସିଣ୍ଡିଆ ଷ୍ଟିମ ନାଭିଗେଶନ କମ୍ପାନୀ ପକ୍ଷରୁ ପ୍ରଥମ କରି ଏକ ପଣ୍ୟବାହୀ ଜାହାଜ ଏସ୍‌ଏସ୍ ଲୟାଲିଟି ବମ୍ବେରୁ ଲଣ୍ଡନ ସଫଳତାର ସହ ଯାତ୍ରା କରିଥିଲା। ସେହି ସ୍ମୃତିରେ ଏପ୍ରିଲ ୫କୁ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ଜାହାଜର ନାବିକମାନଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ। ଚଳିତ ଥର ରାଜ୍ୟର ପାରାଦୀପ ବନ୍ଦର ମଧ୍ୟରେ କାମ କରୁଥିବା ବିଭିନ୍ନ କମ୍ପାନୀ ଯଥା ଷ୍ଟିଭେଡର୍ସ ସଂସ୍ଥା, ଏଜେଣ୍ଟ, ସାମୁଦ୍ରିକ କମ୍ପାନୀଗୁଡ଼ିକରେ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ।

ଦେଶର ସର୍ବାଧିକ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି। ସେହି ଖଣିଜ ପଦାର୍ଥ ଲୁହାପଥର, କୋଇଲା, ଚୂନପଥର, ବକ୍ସାଇଟ, ଫେରୋକ୍ରୋମ, ଚାର୍ଜକ୍ରୋମ ଆଦି ବିଦେଶକୁ ରପ୍ତାନି ଓ ଆମଦାନୀ ହେଉଛି। ସେଥିରେ ପାରାଦୀପ ବନ୍ଦରର ପ୍ରମୁଖ ଭୂମିକା ରହିଛି। ଦେଶର ୧୨ଟି ବୃହତ୍ ବନ୍ଦର ମଧ୍ୟରେ ଏବେ ଏହି ବନ୍ଦର ୧ନମ୍ବର ସ୍ଥାନରେ ରହିଛି। ରାଜ୍ୟର ୪୮୨ କିମି ଉପକୂଳରେ ଏକଦା ୧୨ରୁ ଅଧିକ ବନ୍ଦର ଥିଲା ବୋଲି ନୌବାଣିଜ୍ୟ ପରମ୍ପରା କିମ୍ବଦନ୍ତୀରୁ ଜଣାଯାଏ। ମାତ୍ର ସମୟାନୁକ୍ରମେ ସେଗୁଡ଼ିକ ବନ୍ଦ ହୋଇଯାଇଛି। ୧୯୬୨ରେ ପାରାଦୀପ ବନ୍ଦର ପ୍ରତିଷ୍ଠା ହୋଇଥିଲା। ଏଠାରେ କାରବାର ବୃଦ୍ଧି ପାଇବା ପରେ ରାଜ୍ୟରେ ଅଧିକ ବନ୍ଦର କରିବା ପାଇଁ ପୂର୍ବତନ ସରକାର ଘୋଷଣା କରିଥିଲେ।

ସେଗୁଡ଼ିକ ହେଲା ଗଞ୍ଜାମ ଜିଲାର ଗୋପାଳପୁର, ସୁଭଦ୍ରାପୁର, ପାଲୁର, ପୁରୀ ଜିଲାର ଅସ୍ତରଙ୍ଗ, ଭଦ୍ରକ ଜିଲାର ଧାମରା, କେନ୍ଦ୍ରାପଡା ଜିଲାର ହୁକିଟୋଲା। ସେଥିରୁ ଗୋପାଳପୁର ଓ ଧାମରା ବନ୍ଦର ଏବେ ସୁଦ୍ଧା ହୋଇଛି। ଅନ୍ୟ ବନ୍ଦର ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାବାଦ୍ ୧୨ଟି ନଦୀଭିତ୍ତିକ ବନ୍ଦର ହେବ ବୋଲି କୁହାଯାଇଥିଲା। ସେଥିମଧ୍ୟରୁ କେବଳ ଗୋଟିଏ ପାରାଦୀପର ଇଫ୍‌କୋ କାରଖାନା ପଛପଟ ମହାନଦୀରେ ହୋଇଛି। ଏହାମଧ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା ମୁହାଣ ନିକଟରେ ବନ୍ଦର ହେବାର ଭଲ ଭିତ୍ତିଭୂମି ଅଛି ବୋଲି ପୂର୍ବତନ ଉପସଂରକ୍ଷକ କ୍ୟାପଟେନ ଅତୁଲ୍ୟ ମହାପାତ୍ର କହିଛନ୍ତି। ତାହା ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ। ରାଜ୍ୟରେ ନୂତନ ସରକାର ଆସିଲା ପରଠାରୁ ଆଉ ବନ୍ଦର ସମ୍ପର୍କରେ ଚର୍ଚ୍ଚା ହେଉନାହିଁ।

ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନ (ଓଡ଼ିଶା ମେରିଟାଇମ ଏକାଡେମୀ) ପାରାଦୀପରେ ଅଛି। ସେଠାରେ ପାଠପଢ଼ିବା ପାଇଁ ବର୍ଷକୁ ୮୦ଟି ସିଟ୍ ରହିଛି। ସେଥିରେ ରାଜ୍ୟ ଓ ଅନ୍ୟ ରାଜ୍ୟର ୪୦ ଜଣ ଲେଖାଏ ପିଲା ପଢ଼ିବାର ବ୍ୟବସ୍ଥା ରହିଛି। କିନ୍ତୁ ସେଠାରେ ଝିଅମାନଙ୍କ ପଢ଼ିବା ପାଇଁ ଏପର୍ଯ୍ୟନ୍ତ ସୁବିଧା ହୋଇନାହିଁ। ୧୯୯୨ରୁ ଉକ୍ତ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତା'ର ବିକାଶ ହୋଇନାହିଁ। ସରକାର ଶିଳ୍ପ ସଂସ୍ଥାର ବିକାଶ ପାଇଁ ଘୋଷଣା କରୁଛନ୍ତି। କିନ୍ତୁ ବନ୍ଦର ବିକାଶ ଉପରେ ନୀରବତା ଅବଲମ୍ବନ କରୁଛନ୍ତି। ଏଥିରେ ଅର୍ଥନୀତିରେ ସୁଧାର କିପରି ହେବ ବୋଲି ଆଲୋଚନା ହେଉଛି। ଦେଶର ୭୫୧୬ କିମି ଉପକୂଳରେ ଏବେ ସରକାରୀ ଭାବେ ୧୨ଟି ବୃହତ୍‌ବନ୍ଦର ଓ ୨୦୦ରୁ ଅଧିକ ଛୋଟ ମଧ୍ୟମ ବନ୍ଦର ରହିଛି। ଏହାର ବିକାଶ ପାଇଁ କେନ୍ଦ୍ର ସରକାର ସାଗରମାଳା ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ କେବେ ଅଧିକ ବନ୍ଦର ଓ ଜାହାଜ ଚଳାଚଳ ହେବ ତାହା ଦେଖିବାକୁ ରହିଲା।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

-ଅଶୋକାଷ୍ଟମୀ, ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ଶ୍ରୀ ବାସନ୍ତିଦୁର୍ଗା ଦେବ୍ୟାଃ ମହାନବମୀ ପୂଜା



# ବିଚିତ୍ର ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଦେଖିବାକୁ ଗଲେ ଜଣେ ତଦନ୍ତକାରୀ ଏବେ ଆର୍ଥିକ ନୀତି ଉପରେ ପରାମର୍ଶ ଦେଉଛନ୍ତି। ଆମେ ଅର୍ଥନୀତିଜ୍ଞମାନଙ୍କୁ ଛାଡ଼ି ଦେଉଛନ୍ତି ନା ଅର୍ଥ ବ୍ୟବସ୍ଥା ଫୋରେନ୍ସିକ ଆନାଲିସିସ୍ ବିଷୟ ପାଲଟିଗଲାଣି? ଇଡିରେ ଥିବା ସମୟରେ ମିଶ୍ର ହାଇ ପ୍ରୋଫାଇଲ ତଦନ୍ତଗୁଡ଼ିକରେ ଉଲ୍ଲେଖନୀୟ କାମ କରିଥିଲେ ଏବଂ ଆର୍ଥିକ ହେରଫେର ପ୍ରତି ଏକ ଗମ୍ଭୀର ଦୃଷ୍ଟିକୋଣ ଆପଣାଇଥିଲେ। ଜଟିଳ ଆର୍ଥିକ ଅପରାଧଗୁଡ଼ିକୁ ସଞ୍ଚାଳନ କରିବାରେ ତାଙ୍କର ଅଭିଜ୍ଞତା ଇଏସି-ପିଏମ୍ ପାଇଁ ନୂତନ ଦୃଷ୍ଟିକୋଣ ଆଣିପାରେ। ଆର୍ଥିକ ଅପରାଧଗୁଡ଼ିକର ଦୁର୍ବଳ ଭାଗକୁ ବୁଝିବାରେ ସେ ଦକ୍ଷ ଥିଲେ, ଯାହା ଆମ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଥିବା ଛିଦ୍ରକୁ ଠାବ କରିବାରେ ସେ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିବ। କିନ୍ତୁ ପରାମର୍ଶଦାତା ଭୂମିକାରେ ରହିବା ଲାଗି ଚାହୁଁଥିବା ଅର୍ଥନୀତିଜ୍ଞଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାର ଏକ ପ୍ରମାଣ କି? ଇଏସି-ପିଏମ୍ର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରାୟଙ୍କ ଆକସ୍ମିକ ମୃତ୍ୟୁ ଯୋଗୁ ଏହି ପଦବୀ ପୂରଣ କରିବାର ଆବଶ୍ୟକତା ପଡ଼ିଲା। ଦେବରାୟ ଜଣେ ଅର୍ଥନୀତିଜ୍ଞ ଭାବେ ବ୍ୟାପକ ଜ୍ଞାନର ଅଧିକାରୀ ଥିଲେ। ଏଭଳି ଜଣେ ଦକ୍ଷତାସମ୍ପନ୍ନ ବିଶାଳ ବ୍ୟକ୍ତିଙ୍କ ସ୍ଥାନ ନେବା କିଛି କମ୍ କଥା ନୁହେଁ। ତେବେ ନୀତି ପରାମର୍ଶର ଦୌଡ଼ରେ ପ୍ରବେଶ କରିବାକୁ ଅଭିଜ୍ଞ ଅର୍ଥନୀତିଜ୍ଞମାନଙ୍କ ଅନିଚ୍ଛା ସ୍ପଷ୍ଟ ହୋଇଛି। ନୂତନ ଦୃଷ୍ଟିକୋଣ ଅପରିହାର୍ଯ୍ୟ ଥିବାବେଳେ ଅଭିଜ୍ଞ ଅର୍ଥନୀତିଜ୍ଞଙ୍କ ଅନୁପସ୍ଥିତି ପରିଷଦରେ ଗଭୀର ଆର୍ଥିକ ଆଲୋଚନା ଉପରେ ପ୍ରଶ୍ନ ଉଠାଉଛି। ଏଣୁ ମିଶ୍ରଙ୍କ ନିଯୁକ୍ତି ସଙ୍କେତ ଦେଉଛି ଯେ, ଆମ ଅର୍ଥ ବ୍ୟବସ୍ଥାରେ ରହିଥିବା ବିଭାଗ ଦୁର୍ବଳତା ବା ଛିଦ୍ରକୁ ଠାବ କରି ତାହାକୁ ଦୂରକରିବା ପାଇଁ ଏକ ଯାଞ୍ଚର ଆବଶ୍ୟକତା ଅଛି।

### ପରିବର୍ତ୍ତନକୁ ଗୁରୁତ୍ୱ

୨୦୧୪ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ତଥା କୂଟନୀତିଜ୍ଞ ନିଧି ତିୱାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣତଃ ଏହି ପଦବୀରେ ଆଇଏଏସ୍ ଅଧିକାରୀଙ୍କ ପ୍ରାଧାନ୍ୟ ରହିଥାଏ। କିନ୍ତୁ ଦେଖାଯାଉଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ତା' କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ପରିବର୍ତ୍ତନ କରୁଛି। ମାତ୍ର ୨୪ ବର୍ଷ ବୟସରେ ତିୱାରୀ ୟୁପିଏସ୍ସି ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତାର ସହ ୯୬ତମ ସ୍ଥାନ ହାସଲ କରିଥିଲେ। ପରେ ଭାରତର କୂଟନୈତିକ ପଦବୀଗୁଡ଼ିକରେ ତାଙ୍କ କ୍ୟାରିୟରର ଯାତ୍ରା ଭିନ୍ନ ଥିଲା। ବର୍ତ୍ତମାନ ପିଏମ୍ଓରେ ଉପ ସଚିବ ଭାବେ ତାଙ୍କ ନିଯୁକ୍ତି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ପ୍ରସ୍ତୁତ କରିଛି। କିନ୍ତୁ ଏହି ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି। ପାରମ୍ପରିକ ଭାବେ ଏହି ପଦବୀରେ ଆଇଏଏସ୍ ଅଧିକାରୀମାନେ ରୁହନ୍ତି, ଯେଉଁମାନେ ବିଶାଳ ଶାସନ ପ୍ରକ୍ରିୟାକୁ ସଞ୍ଚାଳନ କରିଥାନ୍ତି। ଅନ୍ୟପଟେ ଆଇଏଫ୍ଏସ୍ ହେଉଛି ଡିପ୍ଲୋମାଟ୍ କ୍ୟାଡର। ଏହି ନିଯୁକ୍ତି ପିଏମ୍ଓ ଗତିଶୀଳତାରେ ଏକ ସୂକ୍ଷ୍ମ ତଥା ରହସ୍ୟମୟ ପରିବର୍ତ୍ତନକୁ ସୂଚିତ କରୁଛି। ଜଣେ ଆଇଏଫ୍ଏସ୍ ଅଧିକାରୀ ଏହି ପଦବୀରେ ରହିବା ଏକ ରଣନୀତିକ କରିଷ୍ମା ହୋଇପାରେ। ଏହାର ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ, ବିଶ୍ୱସ୍ତରରେ ମୋଦିଙ୍କ ଅଗ୍ରଗତି ତାଙ୍କ ନେତୃତ୍ୱ ଶୈଳୀର ଏକ ପ୍ରମୁଖ ଅଂଶ ହୋଇଯାଇଛି। ପିଏମ୍ଓରେ ଏହା କେବଳ ଏକ ଅନିୟମିତ ନିଯୁକ୍ତି ନୁହେଁ। ଆଇଏଏସ୍ଙ୍କ ପ୍ରାଧାନ୍ୟ ଥିବା ଏହି ପଦବୀରେ ବାହାରୁ ବିଶେଷଜ୍ଞଙ୍କୁ ଅଣାଯାଇ ନିଯୁକ୍ତ କରାଯିବା ଧାରା ଆମେ ଦେଖୁଛୁ। ଯଦି ଏହି ଧାରା ଜାରି ରହେ, ତେବେ ଆମେ ଭାରତର ସର୍ବୋଚ୍ଚ କାର୍ଯ୍ୟାଳୟର କାର୍ଯ୍ୟଧାରାରେ ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିପାରିବା।

### ସାରଦାଙ୍କ ପ୍ରତିକ୍ରିୟା

ଗୋରାଙ୍କ ପ୍ରତି ଭାରତର ଆସକ୍ତି ଅଧିକ ହେବାରେ ଲାଗିଛି। ଆମ ଚଳଚ୍ଚିତ୍ର, ବିବାହ ବିଜ୍ଞାପନ ଏବଂ ଏପରିକି ଅନୌପଚାରିକ ପ୍ରଶଂସାରେ ଏହା ରହିଛି। କିନ୍ତୁ କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲିଧରନ ଏକ ବର୍ଣ୍ଣଗତ ଟିପ୍ପଣୀର ଶିକାର ହୋଇଥିଲେ। ସେ କେବଳ ଏଭଳି ମନ୍ତବ୍ୟକୁ ଏଡ଼ାଇଯାଇ ନ ଥିଲେ, ବରଂ ଏହାକୁ ଆତ୍ମବିଶ୍ୱାସ ଓ ଗରିମାର ଏକ ବିଷୟକୁ ବଦଳାଇ ଦେଇଥିଲେ। ଏହି ପଦବୀରେ ସାରଦାଙ୍କ ପୂର୍ବରୁ ତାଙ୍କ ସ୍ୱାମୀ ଥିଲେ। ସୋସିଆଲ ମିଡିଆରେ ସାରଦାଙ୍କ ନେତୃତ୍ୱ ଓ ତାଙ୍କ ସ୍ୱାମୀଙ୍କ ନେତୃତ୍ୱ ମଧ୍ୟରେ ତୁଳନାକରି 'କଳା ବନାମ ଗୋରା' କ୍ୟାମ୍ପେନର ପ୍ରତିକ୍ରିୟାରେ ସେ ନିଜକୁ ନିରୀହ ବୋଲି ପ୍ରତିପାଦିତ କରି ନ ଥିଲେ। ଏହା ବଦଳରେ ସେ କଳା ବର୍ଣ୍ଣ ସପକ୍ଷରେ ଦୃଢ଼ ମତ ରଖିଥିଲେ। ସେ କଳା ବର୍ଣ୍ଣକୁ ଶକ୍ତିଶାଳୀ କହିଥିଲେ। କଳା ହିଁ ସର୍ବ ବିଦ୍ୟମାନ ଏବଂ ବ୍ରହ୍ମାଣ୍ଡର ସତ୍ୟ। ଏହି ପଦ୍ୟାତ୍ମକ ମନ୍ତବ୍ୟ ଜଣକୁ ଆଶ୍ଚର୍ଯ୍ୟ କରିଦେବ ଯେ, ସମାଜ ଆରମ୍ଭରୁ କାହିଁକି କଳାକୁ ବଦନାମ କରି ଆସିଛି। ଆଇଏଏସ୍ ସଂଘ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶରୀରର ବର୍ଣ୍ଣରୁ ଜଣେ ଅଧିକାରୀଙ୍କ ଦକ୍ଷତା ମାପ କରାଯାଏନି ବୋଲି କହିଥିଲେ। କିନ୍ତୁ ବାସ୍ତବତା ହେଉଛି, ୨୦୨୫ରେ ଏଭଳି ସମର୍ଥନ ଦରକାର। ଏଭଳି କଳା ଲୋକଙ୍କ ପ୍ରତି ଭେଦଭାବ କେବଳ ଅତୀତରୁ ରହିଆସଛି ତାହା ନୁହେଁ, ଏବେ ବି ଏହା ବଳବତ୍ତର ରହିଛି। ଏହା ଲିଙ୍ଗଗତ, ଜାତିଗତ ଓ ସାମଜିକ ସ୍ଥିତିଗୁଡ଼ିକରେ ଗମ୍ଭୀର ଭାବେ ରହିଛି। ମୁରଲିଧରନଙ୍କ ପ୍ରତିକ୍ରିୟା କେବଳ ଏକ ଖରାପ ମନ୍ତବ୍ୟକୁ ଟାଳିଦେବା ପାଇଁ ନ ଥିଲା, ବରଂ ଏହା ବିଷୟକୁ ସମ୍ପୂର୍ଣ୍ଣ ବଦଳାଇଦେଇଥିଲା।

Email: dilipcherian@gmail.com

# ଶିଶୁ ବାଟିକାରେ ଶିଶୁ ହସିବେ



ଅକ୍ଷୟ କୁମାର ମିଶ୍ର

ଦଳ ମତ ନିର୍ବିଶେଷରେ ସଭିଏ ଏ କଥା କୁହନ୍ତି- ଶିଶୁ ହସିଲେ ଦୁନିଆ ହସେ। କିନ୍ତୁ ସତରେ କ'ଣ ସମସ୍ତ ଶିଶୁ ଏଠାରେ ହସନ୍ତି ନା ସେମାନଙ୍କର ହସ ଦେଖିବା ପାଇଁ କାର୍ଯ୍ୟକ୍ରମ ନିଆଯାଏ? ହଁ, ଏହା ତ ନିଶ୍ଚୟ ଶିଶୁ ହାତରେ ଖେଳନାଟିଏ ଧରାଇଦେଲେ, ଚକୋଲେଟ୍‌ଟିଏ ଦେଲେ ସେ ହସିବ। କିନ୍ତୁ ସେ ହସ କ୍ଷଣସ୍ଥାୟୀ। ସେ କେମିତି ଚିରଦିନ ପାଇଁ ହସିବ ଅର୍ଥାତ୍ ସେ ବଡ଼ ହେବ, ଆଗକୁ ବଢ଼ିବ, ତା'ର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ଘଟିବ, ତା' ଭିତରେ ଜିଜ୍ଞାସା ବଢ଼ିବ, ସେ କେମିତି ପ୍ରଶ୍ନ ପଚାରିବ, ସର୍ବୋପରି ସେ ଜଣେ ଭଲ ମଣିଷ ଭାବରେ ଦୁନିଆ ଦାଣ୍ଡରେ ଉଭା ହେବ ଏଥିପାଇଁ ଯେଉଁ ଆନ୍ତରିକତା ଆବଶ୍ୟକ ତାହା ସମସ୍ତଙ୍କ ଠି ଅଛି ନା ସବୁକିଛି ପ୍ରଚାରସର୍ବସ୍ୱ ଏହା ହିଁ ବଡ଼ ପ୍ରଶ୍ନ।

ସମ୍ପ୍ରତି ସରକାରଙ୍କର ଏକ ନିଷ୍ପତ୍ତି ଦ୍ୱନ୍ଦ୍ୱରେ ପକାଉଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଏପ୍ରିଲ ୨ ତାରିଖ ଦିନ ଆମ ରାଜ୍ୟ ତମାମ୍ ପ୍ରବେଶ ଉତ୍ସବ ସାଙ୍ଗକୁ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଗଲା। ଖଡ଼ିଛୁଆଁ କାର୍ଯ୍ୟକ୍ରମଟି ନୂତନ ଭାବେ ହାତକୁ ନିଆଯାଇଥିବା ବେଳେ ପ୍ରବେଶ ଉତ୍ସବ ବେଶ୍ କିଛି ବର୍ଷ ହେଲା ପ୍ରାଥମିକ ବିଦ୍ୟାଳୟରେ ପାଳନ ହୋଇ ଆସୁଛି। ଆମ ରାଜ୍ୟର ନୂଆ ସରକାର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦କୁ ବିଧିବଦ୍ଧ ଭାବେ ଲାଗୁ କରିଛନ୍ତି। ମୁଁ ତଥା ଅନ୍ୟାନ୍ୟ ଲେଖକମାନେ ଏହି ଜାତୀୟ ଶିକ୍ଷାନୀତି ଉପରେ ବିଶ୍ଳେଷଣାତ୍ମକ ଲେଖା ଲେଖିବା ବେଳେ ଏଥିରେ ଥିବା ବିଦ୍ୟାଳୟ ଶିକ୍ଷାଟି କେମିତି ଚାରୋଟି ସ୍ତରରେ ବିଭକ୍ତୀକରଣ ହୋଇଛି ସେ ସମ୍ପର୍କରେ ଉଲ୍ଲେଖ କରିଛୁ। ଏହି ସ୍ତରର ପ୍ରଥମ ସୋପାନଟି ହେଲା ପ୍ରାରମ୍ଭିକ ସ୍ତର, ଯାହା ପାଞ୍ଚଟି ଶ୍ରେଣୀକୁ ନେଇ ଗଠିତ। ତିନି ବର୍ଷ ପ୍ରାକ୍ ପ୍ରାଥମିକ ଯାହାକୁ ଶିଶୁ-୧, ଶିଶୁ-୨, ଶିଶୁ-୩ ଏବଂ ପ୍ରାଥମିକ ବିଦ୍ୟାଳୟର ଥିବା ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ଏଥିରେ ଅନ୍ତର୍ଭୁକ୍ତ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରଥମ ତିନୋଟି ଶ୍ରେଣୀ ଅଙ୍ଗନୱାଡିରେ ଖୋଲାଯିବ କିମ୍ବା ଅନ୍ୟାନ୍ୟ ଘରୋଇ ଶିକ୍ଷାନୁଷ୍ଠାନରେ ଏହି ଶିକ୍ଷା ଗ୍ରହଣ କରିପାରିବେ। ନୀତିରେ ଥିବା ପ୍ରାବଧାନ ଅନୁଯାୟୀ ଶିଶୁଟି ତିନି ବର୍ଷ ହେଲେ ସେ ଭର୍ତ୍ତିହେବ ଶିଶୁ-୧ରେ ଏବଂ ଛଅ ବର୍ଷ ହେଲେ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଥମ ଶ୍ରେଣୀରେ। ମାତ୍ର ଆମ ରାଜ୍ୟରେ ପାଞ୍ଚ ବର୍ଷ ହେଲେ ଶିଶୁମାନେ ଭର୍ତ୍ତି ହେବେ ଶିଶୁ ବାଟିକାରେ, ଯାହା ସଦ୍ୟତମ ନିଷ୍ପତ୍ତି ଅନୁଯାୟୀ ୨୦୨୫-୨୬ ଶିକ୍ଷା ବର୍ଷଠାରୁ ପ୍ରଥମକରି ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଖୋଲିବ। ତେବେ ଖଡ଼ିଛୁଆଁ କେଉଁଠି ହେବ? ଶିଶୁ-୧ରେ ନା ଶିଶୁ-୩ରେ ଭର୍ତ୍ତିହେବା ପରେ? ଯଦି ଶିଶୁ-୩ରେ ଅକ୍ଷର ଶିକ୍ଷା ଆରମ୍ଭ ହେବ ତେବେ ଶିଶୁ-୧ ଓ ୨ ରେ କ'ଣ ହେବ?



ଅଙ୍ଗନୱାଡିର ଅବସ୍ଥାକୁ ବୋଧହୁଏ ସରକାର ହୃଦୟଙ୍ଗମ କରିଛନ୍ତି। ଏଇଥିପାଇଁ ଶିଶୁ ବାଟିକା ନାମରେ ଆଉ ଏକ ନୂତନ ସୋପାନ ପ୍ରାଥମିକ ବିଦ୍ୟାଳୟ ସହିତ ସଂଯୁକ୍ତ କରି ଶିକ୍ଷାକୁ ଆଗେଇ ନେବାପାଇଁ ପରିକଳ୍ପନା କରିଛନ୍ତି। ହେଲେ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ତଦ୍ରୁପ। ପଚାଶ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି। ଆଉ ଯଦି ପ୍ରତି ଶ୍ରେଣୀକୁ ଜଣେ ଶିକ୍ଷକ ହିସାବ କରାଯାଏ ତେବେ ଲକ୍ଷାଧିକ ଶିକ୍ଷକ ଆବଶ୍ୟକ। ଏଥିପ୍ରତି ଧ୍ୟାନ ନ ଦେଇ ସରକାର କାମ ଚଳେଇ ନେବା ମତଲବରେ ଅଛନ୍ତି। ଅନେକ ବିଦ୍ୟାଳୟ ଅଛି ଯେଉଁଠାରେ ଆଠଟି ଶ୍ରେଣୀ; ମାତ୍ର ଶିକ୍ଷକ ଅଛନ୍ତି ଦୁଇ କିମ୍ବା ତିନି ଜଣ। ଶିକ୍ଷକ ଅଭାବ ଯୋଗୁ ପ୍ରାଥମିକ ଶିକ୍ଷା ଯେତେବେଳେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ଗୁଣାତ୍ମକ ଶିକ୍ଷା କଥା ଦୂରେ ଥାଉ ଛାତ୍ରୀଛାତ୍ରଙ୍କର ଶ୍ରେଣୀଗତ ଦକ୍ଷତା ନାହିଁ ବୋଲି ଯେତେବେଳେ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଉଛି ସେତିକି ବେଳେ ଆଉ ୪୫ହଜାର ଶ୍ରେଣୀ ଏଥିରେ ଯୋଡ଼ି ହୋଇଛି। ଶିଶୁ ବାଟିକା ଖୋଲିବା ନିଷ୍ପତ୍ତି ଅଗ୍ରହଣୀୟ ନୁହେଁ। କିନ୍ତୁ ଶିକ୍ଷକ ନିଯୁକ୍ତି ନ ଦେଇ ଏଭଳି ନିଷ୍ପତ୍ତି ନେବା ଶିଶୁର ବୌଦ୍ଧିକ ବିକାଶର ପରିପନ୍ଥୀ। କିଏ ଏମାନଙ୍କୁ ପଢ଼ାଇବେ? କୌଣସି ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ଏମାନଙ୍କର ଯତ୍ନ ନେବ କିଏ ? ଏମିତି ସ୍ଥିତିରେ ଶିଶୁମାନେ ହସିବେ ତ?

ଅର୍ଦ୍ଧାଧିକ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ନିମ୍ନମାନର। ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଗୋଟିଏ କୋଠରିରେ ଏକାଧିକ ଶ୍ରେଣୀ ଚାଲୁଛି। ପାନୀୟ ଜଳର ସୁବନ୍ଦୋବସ୍ତ ଏପର୍ଯ୍ୟନ୍ତ ସବୁ ବିଦ୍ୟାଳୟରେ ହୋଇପାରି ନାହିଁ। ବହୁ ବିଦ୍ୟାଳୟରେ ଶୌଚାଳୟ ନାହିଁ। ନିଜସ୍ୱ ଖେଳପଡ଼ିଆ ନାହିଁ। ଇନ୍‌ଡୋର ଷ୍ଟାଡିୟମ୍ କଥା ସ୍ୱପ୍ନ। ଏଭଳି ପରିବେଶରେ କୋମଳମତି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କେତେ ତ୍ୱରାନ୍ୱିତ ହେବ ତାହା ହିଁ ବିଚାର୍ଯ୍ୟ। ଯଦି ଶୈଶବ ଅବସ୍ଥାରେ ଶିଶୁ ପାଇଁ ଯାହା ଲୋଡ଼ା ତାହା ସେ ନ ପାଏ, ତେବେ ଭବିଷ୍ୟତ ହସିବ କେମିତି ?

ପ୍ରବେଶ ଓ ଖଡ଼ିଛୁଆଁ ନିଶ୍ଚୟ ଖୁସିର ଖବର। ପ୍ରେରଣା ଯୋଗାଇବ। କିନ୍ତୁ ଶିଶୁ ବାଟିକାରେ କ'ଣ ପଢ଼ାଯିବ, ତା'ର ପାଠ୍ୟଖସଡ଼ା କ'ଣ ହେବ, ସେଥିପାଇଁ ଯେଉଁ ପୁସ୍ତକ ଆବଶ୍ୟକ ତାହା ଛପା ହେଲାଣି କି ନାହିଁ ଏ ସମ୍ପର୍କରେ ଶିକ୍ଷା ଅଧିକାରୀମାନେ ନିରୁତ୍ତର। ସରକାର ମଧ୍ୟ ନୀରବ। ତେବେ କ'ଣ ଏମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ଘଟିବ, ଯାହା ଏଯାବତ୍ ଘଟି ଚାଲିଛି। ଅର୍ଥାତ୍ ଶିକ୍ଷା ବର୍ଷ ଅଧାଅଧି ହେଲେ ଯାଇ ପାଠ୍ୟ ପୁସ୍ତକ ଆସିବ? ପ୍ରବେଶ ଖଡ଼ିଛୁଆଁ ଉତ୍ସବ ସରିଗଲେ ଯେ ଯାହା ବାଟରେ। ଆଉ ଯାହା ହେବ କାଗଜ କଲମରେ। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଶିଶୁର ବସ୍ତାନି ଖାଲି, ପାଠ ଘର ଶୂନ।

ସବୁଠାରୁ ବଡ଼ କଥା ହେଲା ଶିଶୁମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କର ମନକଥା ବୁଝିବା। ସାମାନ୍ୟ ମାନସିକ ବୋଝ ଏମାନଙ୍କର ନିରୀହ ମନରେ ଗଭୀର କ୍ଷତ ସୃଷ୍ଟି କରିବାର ସମ୍ଭାବନା ଥାଏ। ଆମ ଦେଶରେ ହେଉ ବା ରାଜ୍ୟରେ ହେଉ ଏହି ଅକାଟ୍ୟ ସତ୍ୟଟିକୁ ସରକାରମାନେ ବୁଝିବାକୁ ନାରାଜ। ଏଠାରେ କଥାରେ ସଭିଏ କହନ୍ତି ଶିଶୁ ଦେଶର ଭବିଷ୍ୟତ। କିନ୍ତୁ କାର୍ଯ୍ୟରେ ତାହା ପ୍ରତିଫଳନ ହୁଏ ନାହିଁ। ସମସ୍ତେ କଥାରେ କହନ୍ତି ଶିଶୁର ଅଭାବ ଅସୁବିଧାକୁ ଆଜି ହିଁ ପୂରଣ କରିବା ବାଞ୍ଛନୀୟ। କିନ୍ତୁ ଏହା ନ କରି ସୁବିଧା ହେଲେ ବୁଝିବା, ଭବିଷ୍ୟତରେ ପୂରଣ ହୋଇଯିବ ବୋଲି ମିଛ ପ୍ରତିଶ୍ରୁତି ଦେବା ଚିରାଚରିତ ଅଭ୍ୟାସରେ ପରିଣତ ହୋଇଗଲାଣି। ଏହା କେବଳ ଭୁଲ୍ ନୁହେଁ, ଅପରାଧ। କାରଣ ବହୁ ବିଶେଷଜ୍ଞଙ୍କ ମତ ଛଅ ବର୍ଷ ଭିତରେ ଶିଶୁ ମସ୍ତିଷ୍କର ୮୫ ଶତକଡ଼ା ବିକାଶ ଘଟିଥାଏ। ଅର୍ଥାତ୍ ଶାରୀରିକ, ମାନସିକ ତଥା ବୌଦ୍ଧିକତାର ତଡ଼ିତ ଅଭିବୃଦ୍ଧିର ସମୟ ହେଉଛି ଶୈଶବ। ଏହି ସମୟରେ ସାମାନ୍ୟତମ ତ୍ରୁଟି, ଅବହେଳା, ଅଣଦେଖା ଶିଶୁର ଭବିଷ୍ୟତକୁ ନଷ୍ଟ କରିଦେବା ସହିତ ଏକ ଭିନ୍ନ ଦୁନିଆ ଭିତରକୁ ଠେଲି ଦେଇପାରେ। ଏଣୁ ଯାହା ତାଙ୍କର ଲୋଡ଼ା ତାହା ଆଜି ଦିଆଯାଉ କାଲିକୁ ନୁହେଁ। ଅପେକ୍ଷା ପାଇଁ ବେଳ କାହିଁ ? ଏହାକୁ ଗମ୍ଭୀରତାର ସହିତ ଚିନ୍ତନ ନ କଲେ ଅପେକ୍ଷା ଉପେକ୍ଷାରେ ପରିଣତ ହେବ।

ସଭାପତି, ଓଷ୍ଟା
ମୋ :୯୯୩୮୭୬୩୨୩୭

# ପେଟ୍ରୋଲ ଟାଙ୍କିର ମନିବ୍ୟାଗ



ଶୁଭନାରାୟଣ ଶତପଥୀ

ମନିବ୍ୟାଗ ହେଉଛି ଅର୍ଥ ରଖିବାର ମୁଣା। ମନି ବ୍ୟାଗ୍‌ର ରଙ୍ଗ, ଦିଗ, ସାଙ୍କେତିକ ଚିହ୍ନ, ସ୍ୱଚ୍ଛତା ଆଦିକୁ ବାସ୍ତୁବିଦ୍ୟାରେ ବର୍ଣ୍ଣନା କରାଯାଇଛି। ବିଶେଷ କରି ବ୍ୟବସ୍ଥିତ ଓ ସଫା, ସୁନ୍ଦର ମନିବ୍ୟାଗ ହେଉଛି ସମ୍ମାନ, ଧନଧାନ୍ୟ ଓ ସକାରାତ୍ମକ ଶକ୍ତିର ନିଦର୍ଶନ। ପେଟ୍ରୋଲ ଟାଙ୍କି କର୍ମଚାରୀଙ୍କ କାନ୍ଧରେ ଝୁଲୁଥିବା ମନିବ୍ୟାଗ ଏହି ଆଲେଖ୍ୟର ପ୍ରସଙ୍ଗ। ଯେଉଁମାନେ ପେଟ୍ରୋଲ ଟାଙ୍କିକୁ ଯାଇ ଗାଡ଼ିରେ ପେଟ୍ରୋଲ ପକାଇଛନ୍ତି ସେମାନେ ଉଭୟ କର୍ମଚାରୀ ଓ ମନିବ୍ୟାଗ ସହିତ ପରିଚିତ। ଏହି ମନିବ୍ୟାଗ ଗାଡ଼ିରେ ପେଟ୍ରୋଲ ଭରୁଥିବା କର୍ମଚାରୀଙ୍କ କାନ୍ଧରେ ଝୁଲୁଥାଏ ଓ ଏହା ତାଙ୍କ ହାତ ପାହାନ୍ତାରେ ରହିଥାଏ। ସେଥିରେ ଟଙ୍କା ରଖିବା ଓ ଗ୍ରାହକଙ୍କୁ ଦେବା ସହଜ ହୋଇଥାଏ। ଅଧିକାଂଶ ସମୟରେ ଦେଖାଯାଏ ସେହି ବ୍ୟାଗ୍‌ର ଚେନ୍ କାମ କରୁ କି ନ କରୁ ଖୋଲା ରହିଥାଏ ଓ କର୍ମଚାରୀମାନେ ଗ୍ରାହକଙ୍କ ସାମ୍ନାରେ ଟଙ୍କା ଦେଣନେଣ କରନ୍ତି।

ଥରେ ରମେଶବାବୁ ନିଜ ସ୍କୁଟିଟି ନେଇ ପେଟ୍ରୋଲ ପକାଇବାକୁ ପେଟ୍ରୋଲ ଟାଙ୍କିକୁ ଗଲେ। କଥା ପ୍ରସଙ୍ଗରେ ପେଟ୍ରୋଲ ପକାଇବାକୁ ଆମେ ତେଲ ପକାଇବା କହୁ। ତେବେ ରମେଶବାବୁ ଗାଡ଼ିରେ ତେଲ ପକାଇସାରିବା ପରେ ଦୁଇଟି ଖଡ଼ଖଡ଼ିଆ ଦୁଇଶହ ଟଙ୍କିଆ ନୋଟ ବଢ଼ାଇଦେଲେ ପେଟ୍ରୋଲ ପକାଇଥିବା କର୍ମଚାରୀଙ୍କୁ। ଯୁବ କର୍ମଚାରୀ ଜଣକ ଦେଖିବାକୁ ବେଶ୍ ହ୍ୟାଣ୍ଡସମ। ନିଜର ଶାର୍ଟ ପ୍ୟାଣ୍ଟ ଜୋତା ଟୋପି ମଧ୍ୟ ବେଶ୍ ପରିଷ୍କାର ରଖିଛନ୍ତି। ତେବେ ରମେଶବାବୁଙ୍କଠାରୁ ଉକ୍ତ ନୋଟ୍‌କୁ ହସହସ ମୁହଁରେ ସେ ଗ୍ରହଣ କରି ନିଜର କାନ୍ଧରେ ପଡ଼ିଥିବା ମନିବ୍ୟାଗରେ ରଖିଲେ। ମନିବ୍ୟାଗଟି ନୋଟ୍ ଓ କଏନରେ ଭାରାକ୍ରାନ୍ତ ହୋଇ ରହିଥାଏ। ରମେଶବାବୁ ନିରେଖି ଦେଖିଲେ ସେହି ମନିବ୍ୟାଗଟିକୁ। ବ୍ୟାଗଟି ପୂରାପୂରି କୋତରା ବା ମଇଳାପୂର୍ଣ୍ଣ। ପ୍ରତିଦିନର ବ୍ୟବହାରରେ ଧୂସର ବ୍ୟାଗଟି କଳା ପଡ଼ିଗଲାଣି। ଆଉ ସେହି ବ୍ୟାଗର ଚାରୋଟି ପକେଟ୍‌ର କୌଣସି ଚେନ୍ କାମ କରୁନାହିଁ। ଅର୍ଥାତ୍ ଚାରିମୁଣାଯାକ ଖୋଲା ପଡ଼ିଛି। ସବୁଦିନ ଓ ପ୍ରତି ମୁହୂର୍ତ୍ତରେ ବ୍ୟବହାର ଓ ହାତବାଜି ମୁଣାର ପ୍ରତିଟି ଧାର ଓ ଚାରିପାଖ କଳା ପଡ଼ିଯାଇଛି। କେଉଁଠି କେଉଁଠି ମୁଣା ସିଲେଇ ହୋଇଥିବା ଦେଖିବାକୁ ମିଳେ। ରମେଶବାବୁ ବ୍ୟାଗ ଆଡ଼କୁ ଲକ୍ଷ୍ୟକରି ଯୁବକଙ୍କୁ ବ୍ୟଙ୍ଗାତ୍ମକ ଢଙ୍ଗରେ କହିଲେ, ଭାଇ ଇଏ ତୁମ ବ୍ୟାଗ ତୁମ ସହ ଜମାରୁ ମ୍ୟାଚ କରୁନି। ଯୁବକ ଜଣକ ମୁରୁକି ହସିଦେଲେ। ରମେଶବାବୁ ସେଠାରୁ ଚାଲିଗଲେ। ଯୁବକଜଣକ ରମେଶବାବୁଙ୍କ କଥାକୁ ଠଉରେଇ ପାରିଥିଲେ କି ନାହିଁ କହିହେବ ନାହିଁ। ଠିକ୍ ସାତଦିନ ପରେ ରମେଶବାବୁ ସହରର ଆର ମୁଣ୍ଡରେ ଥିବା ଅନ୍ୟ ଏକ ଟାଙ୍କିକୁ ତେଲ ପକାଇବାକୁ ଗଲେ। ସେଠାରେ ମଧ୍ୟ ସମାନ ଅବସ୍ଥା। ଗାଡ଼ିରେ ତେଲ ପକାଉଥିବା ଯୁବତୀଜଣକ ନିଜର ବେଶପୋଷାକକୁ ଯେତିକି ପରିଷ୍କାର ପରିଚ୍ଛନ୍ନ ଓ ସୁନ୍ଦର ରଖିଛନ୍ତି, ତାଙ୍କ କାନ୍ଧରେ ପଡ଼ିଥିବା ମନିବ୍ୟାଗ୍‌ର ଅବସ୍ଥା ସେତିକି ଅପରିଷ୍କାର ଓ ଚେନ୍ ଛିଡ଼ା। ବାସ୍ତବରେ ଏହି ମନିବ୍ୟାଗରେ ଦିନକୁ ଲକ୍ଷାଧିକ ଟଙ୍କା କାରବାର ହୁଏ। ଏ ଦୃଷ୍ଟିରୁ ବ୍ୟାଗର ଗୁରୁତ୍ୱ ଢେର ବେଶି। କିନ୍ତୁ ସେହି ବ୍ୟାଗର ଅବସ୍ଥା କହିଲେ ନ ସରେ।



ପୁନର୍ବାର ରମେଶବାବୁ ଯେତେବେଳେ ଦୁଇମାସ ପରେ ଗାଡ଼ିରେ ତେଲ ପକାଇବାକୁ ପ୍ରଥମ ପେଟ୍ରୋଲ ଟାଙ୍କିକୁ ଗଲେ ରମେଶବାବୁ ଦେଖିବାକୁ ପାଇଲେ ଯେ ସେହି ଯୁବ କର୍ମଚାରୀଜଣକ ଚାକିରି ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ବଦଳରେ ସେଠାରେ ଆଉ ଜଣେ ଯୁବକ କାମ କରୁଛନ୍ତି। ତେଲ ପକାଇସାରି ଟଙ୍କା ଦେଲାବେଳେ ରମେଶବାବୁ ପୁଣି ସେହି ବ୍ୟାଗଟିକୁ ନିରୀକ୍ଷଣ କଲେ। ପଚାରିଲେ ଆଚ୍ଛା ବାବୁ, ଏହି ବ୍ୟାଗ ବୋଧହୁଏ ତୁମ ପୂର୍ବରୁ କାମ କରୁଥିବା ଯୁବକ ଜଣକ ବ୍ୟବହାର କରୁଥିଲେ ? ଯୁବକଟି ହଁ କହିଲା। ରମେଶବାବୁ ନିଶ୍ଚିତ ହୋଇଗଲେ ଯେ ଯେତେ କର୍ମଚାରୀ ଆସନ୍ତୁ ବା ଯାଆନ୍ତୁ ପଛକେ ମନିବ୍ୟାଗ ବଦଳେ ନାହିଁ। ତେବେ ତାଙ୍କ ମତରେ ଅନ୍ତତଃ ପକ୍ଷେ ମନିବ୍ୟାଗର ମହତ୍ତ୍ୱ ଓ ଇଜତକୁ ସମ୍ମାନ ଦେବା କଥା। କାରଣ ଯେଉଁବ୍ୟାଗ ଦ୍ୱାରା ପେଟ୍ରୋଲ ଟାଙ୍କିର ଆର୍ଥିକ ଦେଣ ନେଣ ହୁଏ ଯଦି ସେ ବ୍ୟାଗର ଏମିତି ଅବସ୍ଥା ରହିବ ତେବେ ସେଠାରେ ରହୁଥିବା ସମସ୍ତ ବ୍ୟକ୍ତିଙ୍କ ମାନସିକତା କିପରି ହୋଇଥିବ? ଏପ୍ରଶ୍ନ ରମେଶବାବୁଙ୍କ ମନକୁ ଆନ୍ଦୋଳିତ କରୁଥାଏ। ଏ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ କଥା। କାରଣ ସ୍ୱଚ୍ଛତାର ପାରମ୍ପରିକ ରୂଢ଼ି ପରି ଆଧୁନିକତାର ସ୍ପର୍ଶରେ କୁହାଯାଇପାରେ 'ଟାଙ୍କି ପରିମଳ ମନିବ୍ୟାଗରୁ'। ଏହି କଥା ରମେଶବାବୁ ସେହି ଟାଙ୍କିର ମାଲିକଙ୍କୁ କହିବାରୁ ମାଲିକ ଜଣକ କହିଲେ ଆପଣ ଡିଜିଟାଲ ପେମେଣ୍ଟ କାହିଁକି କରୁ ନାହାନ୍ତି ? ଏକଥା ଶୁଣି ରମେଶବାବୁ ଟିକେ ରହିଗଲେ ଆଉ ତାଙ୍କ ମନ ପରିବର୍ତ୍ତନ ହୋଇଗଲା। ମନିବ୍ୟାଗ ଅସ୍ୱଚ୍ଛ ହୋଇପାରେ କିନ୍ତୁ ମାଲିକଙ୍କ ଏହି ବାର୍ତ୍ତା ଆର୍ଥିକ ସ୍ୱଚ୍ଛତାର ବାର୍ତ୍ତା ବହନ କରେ। ରମେଶବାବୁ ନିଷ୍ପତ୍ତି କଲେ ଯେ ପରବର୍ତ୍ତୀ ସମୟରେ ଟାଙ୍କିରେ ତେଲପକାଇବା ବେଳେ ଏଥର ଡିଜିଟାଲ ପେମେଣ୍ଟ କରିବେ। ଆଉ ମନିବ୍ୟାଗକୁ ତାଙ୍କ ଟଙ୍କା ଯିବନି କି ସେଠାରୁ ଆସିବନି। ତଥାପି କୋଭିଡ୍ ଭଳି ଭୟଙ୍କର ସଂକ୍ରମଣର ବାହାକ ଏହି ମନିବ୍ୟାଗ ନ ହେବ ତା'ର ଗ୍ୟାରେଣ୍ଟି କିଏ ଦେବ ? ସେ ଯାହାହେଉନା କାହିଁକି ରମେଶବାବୁଙ୍କ ଏପରି ଚିନ୍ତା ବାସ୍ତବିକ ଚିନ୍ତାର ବିଷୟ। ସେ ପେଟ୍ରୋଲଟାଙ୍କିର ମନିବ୍ୟାଗ ହେଉ ବା ପିଲାଙ୍କ ସ୍କୁଲ ବ୍ୟାଗ, ବ୍ୟକ୍ତିଗତ ମନିପର୍ସ ହେଉ ବା ମହିଳାଙ୍କ ଭ୍ୟାନିଟି ବ୍ୟାଗ ଏ ସବୁର ଏକ ବ୍ୟବହାରିକ ସୀମା ବା ଭାଲିଡିଟି ବା ଏକ୍ସପାଏରି ରହିବା ଉଚିତ। ନଚେତ୍ ଏହି ବ୍ୟାଗ କେତେ ପୁରୁଷ ଯାଏ ଏହାର ବ୍ୟବହାର ହେଉଥିବ ତାହା କହିହେବ ନାହିଁ। ପ୍ରତିଦିନ ଶହଶହ ଗ୍ରାହକ ତେଲ ପକାଇବାକୁ ଟାଙ୍କିକୁ ଯାଆନ୍ତି। ଆଜି ମଧ୍ୟ ଅର୍ଦ୍ଧାଧିକ ଗ୍ରାହକ ନୋଟ, କଏନର ନଗଦ ବ୍ୟବହାର କରି ଗାଡ଼ିରେ ତେଲ ପକାନ୍ତି। ସେଥିପାଇଁ ତ ଏ ମନିବ୍ୟାଗ ଅଛି। ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାଯାଏ ଯେ ଅଧିକ ବ୍ୟବହାର ହେଉଥିବା, ବିଭିନ୍ନ ସ୍ଥାନ ଓ ନିରନ୍ତର ହାତ ସଂସ୍ପର୍ଶରେ ଆସୁଥିବାରୁ ଏହି ବ୍ୟାଗ କୀଟାଣୁମୟ ହୋଇଥାଏ। ଏପରି ହ୍ୟାଣ୍ଡବ୍ୟାଗଗୁଡ଼ିକ ଖୁବ୍ କମ୍ ସଫା ବା ପରିଷ୍କାରପରିଚ୍ଛନ୍ନ କରାଯାଉଥିବାରୁ ସେଥିରେ ଏକ ଟଏଲେଟ ସିଟ୍‌ରେ ଥିବା ବ୍ୟାକ୍ଟେରିଆର ପରିମାଣଠାରୁ ୨୦ ଶତକଡ଼ା ଅଧିକ ରହିଥାନ୍ତି। ଯେପର୍ଯ୍ୟନ୍ତ ଅର୍ଥ ଦେଣନେଣ ସମ୍ପୂର୍ଣ୍ଣ ଡିଜିଟାଇଜେଶନ ନ ହୋଇଛି ସେ ପର୍ଯ୍ୟନ୍ତ ଏହି ମନିବ୍ୟାଗ ରହିବ। ତେବେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କ କାନ୍ଧରେ ଏକ ସୁସ୍ଥ ମନିବ୍ୟାଗଟିଏ ଥିଲେ ଏହା କାମ କରିବାର ସ୍ପୃହାକୁ ଦ୍ୱିଗୁଣିତ କରିବ ଓ ଗ୍ରାହକ ନାକ ଟେକିବେ ନାହିଁ। ତେବେ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ କହିବାକୁ ଗଲେ ମନିବ୍ୟାଗ୍‌ର ଅବସ୍ଥା ଦେଖି ରମେଶବାବୁଙ୍କ ଭଳି ଅନେକ ବ୍ୟକ୍ତି ମନି ଡିଜିଟାଇଜେଶନ ପଦ୍ଧତିକୁ ଆପଣେଇ ନ ଥିବେ ବୋଲି କହିହେବ ନାହିଁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣର ସଫଳତା କଥା ଯେତିକି ଜୋର କୁହାଯାଉଛି ତାହାର ବାସ୍ତବତା ସେତିକି ନୁହେଁ। ଦେଶରେ ଏମିତି ଅଞ୍ଚଳ ରହିଛି ଯେଉଁଠି ଏବେ ବି ପାନୀୟ ଜଳର ଅଭାବ ରହିଛି। ପିଲାମାନେ ସ୍କୁଲରେ ମଧ୍ୟ ତାହା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଡ. ଅନିଲ ରାଜବଂଶୀଙ୍କ ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତି ଏହି ସମସ୍ୟାର ଅନେକାଂଶରେ ସମାଧାନ କରିପାରିବ। ରାଜବଂଶୀ ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ଏହି ପଦ୍ଧତିରେ ପିଲାମାନଙ୍କଠାରେ ଦେଖାଯାଉଥିବା ସଂକ୍ରମଣ ହ୍ରାସ କରିବା ସହ ସେମାନଙ୍କୁ ସୁସ୍ଥ ରଖିବ ବୋଲି କହନ୍ତି ରାଜବଂଶୀ। ସେ ଏହି ପଦ୍ଧତିକୁ ବ୍ୟବହାର କରି ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ବଡ଼ କଥା ହେଉଛି, ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଇ ତାହାକୁ ସାଧାରଣ ଶାଢ଼ି ମାଧ୍ୟମରେ ଫିଲଟର ବ୍ୟବସ୍ଥା କରାଯାଇଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୭୬

- ଭୁବନେଶ୍ୱର ଓ ରାଉରକେଲାରେ କଲୋନୀ ତିଆରି ପାଇଁ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ କର୍ପୋରେସନ ପକ୍ଷରୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡକୁ ୨୭ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର।
- ବେରୁଟ ଓ ସହରତଳି ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ସୈନ୍ୟମାନଙ୍କ ମଧ୍ୟରେ ପ୍ରବଳ ଗୁଳିଗୋଳା ଘଟି ୩୦ ନିହତ।
- ରାଷ୍ଟ୍ରପତି ଫ୍ରାନ୍ସିସୋ ଡା କୋଷ୍ଟା ଗୋମ୍ସ ପର୍ତ୍ତୁଗାଲର ନୂତନ ସମ୍ବିଧାନ ଜାରୀ କରିଛନ୍ତି।

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଯୁବତୀ ସଖୀ ଦୁଇ
ଜୀବିତ କରି କୋମଳ ପଦେ
ନିଦାଘ ବନ ଭୂଇଁ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | 4 | | | 8 | 3 |
| | | | | 8 | | | | |
| 6 | | | | 5 | | 2 | 9 | 4 |
| 4 | | | 3 | | | 5 | | |
| | 6 | 5 | | | | | 7 | |
| | 7 | | | | | | | |
| | | | | 7 | | | 2 | |
| | 9 | | | | 8 | | | |
| 7 | 4 | | | | 2 | 3 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 9 | 8 | 7 | 1 |
| 3 | 8 | 1 | 7 | 5 | 6 | 9 | 4 | 2 |
| 7 | 9 | 4 | 1 | 8 | 2 | 5 | 6 | 3 |
| 5 | 3 | 7 | 6 | 9 | 1 | 4 | 2 | 8 |
| 6 | 2 | 9 | 4 | 3 | 8 | 1 | 5 | 7 |
| 4 | 1 | 8 | 5 | 2 | 7 | 6 | 3 | 9 |
| 8 | 5 | 3 | 2 | 1 | 4 | 7 | 9 | 6 |
| 9 | 4 | 6 | 8 | 7 | 3 | 2 | 1 | 5 |
| 1 | 7 | 2 | 9 | 6 | 5 | 3 | 8 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଧାନସଭା ଆସନ ବୃଦ୍ଧି ହେଉ

ମହାଶୟ,

ରାଜ୍ୟ ବିଧାନସଭାର ଆସନ ସଂଖ୍ୟାକୁ ବୃଦ୍ଧି କରାଯାଉ, ଯାହା ଦୀର୍ଘ ବର୍ଷରୁ ଯେତିକି ସେତିକି ଅଛି। ଲୋକସଂଖ୍ୟା ଦୃଷ୍ଟିରୁ ପ୍ରଶାସନର ସୁପରିଚାଳନା ପାଇଁ ଏହା ୧୭୦ରୁ ୧୮୦ ମଧ୍ୟରେ ବୃଦ୍ଧି କରାଗଲେ ଭଲ ହୁଅନ୍ତା। ଆମ ରାଜ୍ୟରେ ଲୋକସଭା ନିର୍ବାଚନ ମଣ୍ଡଳୀ ସଂଖ୍ୟା କମ୍ ଥିବାରୁ ଅନ୍ୟ ରାଜ୍ୟ ତୁଳନାରେ ସଦସ୍ୟ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ। ସେହିପରି ରାଜ୍ୟ ସଭା ଆସନ ସଂଖ୍ୟା ବି ଯଥେଷ୍ଟ କମ୍। ଏଣୁ ଉଭୟ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟଡପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଳସ ଶୋଭାଯାତ୍ରାରେ ୧୦ ହଜାର ମହିଳା

## ➤ ଭଦ୍ରକରେ ଶ୍ରୀରାମ ନବମୀ ମହୋତ୍ସବ ➤ ୪ ଧାମରୁ ଆସିଲା ଆଜ୍ଞାମାଳ

ଭଦ୍ରକ,୪।୪(ସନାତନ ରାଉତ/ରବିନାରାୟଣ ଖିଲାର)

ଶ୍ରୀରାମ ନବମୀ ପାଇଁ ଭଦ୍ରକ ଜିଲାର ସବୁଠି ଉତ୍ସବମୁଖର। ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଶୁକ୍ରବାର ଅପରାହ୍ନ ୫ଟାରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରୀତିନୀତି ଅନୁଯାୟୀ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ୪ ଧାମରୁ ଆଜ୍ଞାମାଳ ଆସିଛି। ପୂର୍ବାହ୍ନରେ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣି, ଯାଜପୁରର ବିରଜା କ୍ଷେତ୍ର ଓ ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠ ସମେତ ଚଳିତବର୍ଷ ପ୍ରଥମଥର ଅଯୋଧ୍ୟା ଶ୍ରୀରାମ ମନ୍ଦିରରୁ ଆସିଥିବା ଆଜ୍ଞାମାଳ ଚରମ୍ପା ବରାଳପୋଖରୀ ଶ୍ରୀ ହନୁମାନ ମନ୍ଦିରରେ ରଖାଯାଇଥିବା ବେଳେ ଶତାଧିକ ଭକ୍ତଙ୍କ ଦ୍ୱାରା ଅଣାଯାଇ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି।

ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଜିଲାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରୁ ବାହାରି ସାଳନ୍ଦୀ ନଦୀର ପଞ୍ଚମୁଖୀ ହନୁମାନ ମନ୍ଦିର ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ଘଟୋତ୍ତଳନ କରାଯାଇ ବିଶାଳ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରୀ ବଜାର, ଟାଉନହଲ୍ ଛକ, ପୋଷ୍ଟ ଅଫିସ ଛକ, ନୂଆବଜାର ହୋଇ ଯଜ୍ଞ ସ୍ଥଳ ଗାନ୍ଧୀପଡ଼ିଆକୁ ଫେରିଥିଲେ। ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତାକର୍ତ୍ତା ଭାବେ ସନାତନ ସାହୁ, ପ୍ରହ୍ଲାଦ ନାୟକ, ଅମ୍ବିକା ପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି। ବାବା ଆଖଣ୍ଡଳମଣିଙ୍କ ପୀଠରୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରିଷ୍ଠ ସାମାଜିକ କର୍ମୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ସମିତିର ଉପଦେଷ୍ଟା ବଦ୍ରୀ ନାରାୟଣ ଧଳ ଓ ଭଦ୍ରକାଳୀଙ୍କ ପୀଠରୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିଲା। କଳସ ଶୋଭାଯାତ୍ରାରେ ମହାଯଜ୍ଞ ସମିତିର ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, ଦୀନବନ୍ଧୁ ପତି, କହ୍ନେଇ ଦାସ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଓ ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, ରଘୁନାଥ ସାହୁ, ବରିଷ୍ଠ ସଦସ୍ୟ ବିଜୟ ଭୂଷଣ ନାୟକ, ଡ. ଦେବରାଜ ପାତ୍ର, ପ୍ରତାପ ଦାସ, ଶ୍ରୀକାନ୍ତ ଲେଙ୍କା, ମାନସ ବାରିକ, ବୃନ୍ଦାବନ ଜେନା, ରଞ୍ଜନ ବଳ, ବିଶ୍ୱରଞ୍ଜନ ଦାସ, ରଞ୍ଜିତ ମହାପାତ୍ର, ଚନ୍ଦନ ନାୟକ, ମହିଳା ସେବିକା ରଞ୍ଜିତା ସ୍ୱାଇଁ, ଗୀତାଞ୍ଜଳି ପଢ଼ିଆରୀ, ମାଳତୀଲତା ସାହୁ, ପଙ୍କଜିନୀ ଲେଙ୍କା, ମନସ୍ମିତା ଖୁଣ୍ଟିଆ, କଳ୍ପନା ଜେନା, ଭାରତୀ ବିଶ୍ୱାଳ, ଊର୍ମିଳା ସେଠୀ, ପଦ୍ମିନୀ ଦ୍ୱିବେଦୀ, ରମିତା ପାଢ଼ୀ, ସୁମିତ୍ରା ପାଣି, ମଧୁସ୍ମିତା ମହାପାତ୍ର, ଶ୍ରାବଣୀ କିନ୍ନର ପ୍ରମୁଖ ସାମିଲ ଥିଲେ।



ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

## ଶଙ୍ଖ, ହୁଳହୁଳିରେ କମ୍ପିଲା କାଳୀପଡ଼ିଆ



ଚାନ୍ଦବାଲି,୪।୪(କିଷାନ ପାତ୍ର): ଶ୍ରୀରାମ ମହାଯଜ୍ଞ କମିଟି ଆନୁକୂଲ୍ୟରେ ଚାନ୍ଦବାଲି କାଳୀପଡ଼ିଆଠାରେ ଶୁକ୍ରବାର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମହିଳାମାନେ ସ୍ଥାନୀୟ କାଳୀମନ୍ଦିର ପ୍ରାଙ୍ଗଣରୁ ବାହାରି ବିଶାଳ ପଟୁଆରରେ ଶଙ୍ଖ, ହୁଳହୁଳି ଦେଇ ନଗର ପରିକ୍ରମା କରି ଫରେଷ୍ଟ ଘାଟଠାରେ ବୈତରଣୀ ନଦୀରୁ ଜଳ ଉଠାଇ କାଳୀପଡ଼ିଆକୁ ଫେରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ କରାଯାଇଛି। ସାଗର ସାହୁ, ସୌଦାମିନୀ ସାହୁ ସଂକଳ୍ପ କରୁଥିବା ବେଳେ ସାର୍ଥକ ନାୟକ, ନିତ୍ୟପ୍ରକାଶ ବେହେରା, ମନୋଜ ସେଠୀ, ସତ୍ୟରଞ୍ଜନ ସାହୁ, ଅଭୟ ସାମଲ, ଚନ୍ଦନ ରାଉତ, ବିଜୟ ବେହେରା, ବିଳାସ ନାୟକ, ଉଦୟ କେତନ ବିଶ୍ୱାଳ, ବୁନୁ ମହାନ୍ତି, ବିନୋଦ ସାହା, ସିଦ୍ଧାନ୍ତ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ଜୟ ଶ୍ରୀରାମ ଧ୍ୱନିରେ ଆଖଣ୍ଡଳମଣି ପୀଠ ମୁଖରିତ

ଧୁଷୁରୀ, ୪।୪ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଗାନ୍ଧୀପଡ଼ିଆରେ ଶୀରାମ ନବମୀ ମହାଯଜ୍ଞ ପାଇଁ ଶୁକ୍ରବାର ମଧ୍ୟାହ୍ନରେ ଆରଡ଼ି ଆଖଣ୍ଡଳମଣି ପୀଠରୁ ଆଜ୍ଞାମାଳ ଭଦ୍ରକ ଅଭିମୁଖେ ନିଆଯାଇଥିଲା। ପ୍ରଥମେ ମନ୍ଦିର ଗର୍ଭଗୃହରେ ଏହି ଆଜ୍ଞାମାଳକୁ ସେବାୟତମାନେ ପୂଜାର୍ଚ୍ଚନା କରି ବେଢ଼ା ପରିକ୍ରମା କରିଥିଲେ। ପରେ ଏହାକୁ ଏକ ସୁସଜ୍ଜିତ ରଥରେ ଅବସ୍ଥାପିତ କରି ପୀଠ ପରିକ୍ରମା କରାଯାଇଥିଲା। ଢୋଲ, ମହୁରୀ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଖୋଳ, କରତାଳ ଓ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଜୟ ଶ୍ରୀରାମ ଧ୍ୱନିରେ ପୀଠ ମୁଖରିତ ହୋଇଥିଲା। ସୁଧୀର ପାଢ଼ୀ, ଜୀବନାନନ୍ଦ ପାଢ଼ୀ, ଦେବଦତ୍ତ ପାଢ଼ୀ, ତ୍ରୀଶୁ ପାଢ଼ୀ, ଲଲାଟ କିଶୋର ପାଢ଼ୀ, ଆଶିଷ ପାଢ଼ୀ, ଉତ୍ତମ ମିଶ୍ର, ବାଲାଜୀ ପାଢ଼ୀ, ରାଧାକାନ୍ତ ପାଢ଼ୀ, ସ୍ୱଦେଶ ପଣ୍ଡା, ସନ୍ଦୀପ ନାୟକ, ସତ୍ୟଶିବ ନାୟକ, ଦୀପକ ରଞ୍ଜନ ବିଶ୍ୱାଳ, ସଦାନନ୍ଦ ମଲ୍ଲିକ, ସୁବାଷ ସାହୁ, ଶରତ ଚନ୍ଦ୍ର ବେହୁରିଆ, ଚନ୍ଦ୍ରକାନ୍ତ ନାୟକ, ଆକାଶ ଦାସ ପ୍ରମୁଖ ଆଜ୍ଞାମାଳ ସହ ଭଦ୍ରକ ଯାତ୍ରା କରିଥିଲେ।

## ଅଯୋଧ୍ୟାରେ କଳସ ଶୋଭାଯାତ୍ରା

ସାବରଙ୍ଗ,୪।୪(କାଳିପଦ ରାୟ): ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁରର ଅଯୋଧ୍ୟାଠାରେ ଶ୍ରୀରାମ ନବମୀ ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା କଳସ ନେଇ ମାଟିପକାସ୍ଥିତ ନବଗ୍ରହ ପୋଖରୀରେ ବୁଡ଼ାଇ ପାରମ୍ପରିକ ଘଣ୍ଟ, ଢୋଲ, କରତାଳ, ମହୁରୀ ବାଦ୍ୟ ସହ ମହାଆଡ଼ମ୍ବରରେ ଅଯୋଧ୍ୟାସ୍ଥିତ ରାମମନ୍ଦିର ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। କୁମାରୀ ପୂଜନ, ଗୋପୂଜନ, ସାଧୁସନ୍ଥ ପୂଜନ ସହ ଦେବୀ ଦୁର୍ଗାଙ୍କ ଆରାଧନା କରାଯାଇଥିଲା। ପଞ୍ଚାୟତର ସରପଞ୍ଚ ଜାନକୀ ବାରିକ, ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ରମାକାନ୍ତ ବାରିକ, ଚକ୍ରଧର ବେହେରା, ତ୍ରୈଲୋଚନ ବାରିକ, ଜୟଦେବ ବାରିକ, ଅଞ୍ଜନ କୁମାର ଖିଲାର, ଧର୍ମନାରାୟଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଗେରୁଆ ପତାକାରେ ଝଲସୁଛି ଅଞ୍ଚଳ

ବନ୍ତ,୪।୪(ହରି ନାରାୟଣ ମହାନ୍ତି): ଭଦ୍ରକର ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଜିଲାର ମୁଖ୍ୟ ବଜାର ଅଞ୍ଚଳଗୁଡ଼ିକ ଗେରୁଆ ପତାକାରେ ଝଲସୁଛି। ବନ୍ତ ସଦର ମହକୁମାସ୍ଥିତ ଥାନା ଛକ, ମେଡିକାଲ ଛକ, କେନ୍ଦୁଆପଦା ଛକ, ପିଏନ୍‌ବି ଛକ, ଜଳସେଚନ ଅଫିସ ଛକ, ଡିଗିଆଡି, ପୋଷ୍ଟ ଅଫିସ ଛକ, ପୁରୁଣାବଜାର, ବ୍ଲକ ଛକ ଆଦି ସ୍ଥାନ ଗେରୁଆ ପତାକାମୟ ହୋଇଯାଇଛି। ସେହିପରି ଡିଗିଆଡି ଓ ଜଳସେଚନ ଛକରେ ମହୋତ୍ସବ ପାଇଁ ବିରାଟ ବ୍ୟାନର ଲଗାଯାଇଛି। ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶୁକ୍ରବାର ଭଦ୍ରକରେ ଅନୁଷ୍ଠିତ ବିଶାଳ ମହିଳା କଳସ ଶୋଭାଯାତ୍ରାରେ ବନ୍ତ ବ୍ଲକରୁ ଶତାଧିକ ମହିଳା ସାମିଲ ହୋଇଥିଲେ।



ବନ୍ତ ଥାନା ଛକ।

## ବ୍ୟବସାୟୀଙ୍କୁ ଆକ୍ରମଣ

ଧୁଷୁରୀ,୪।୪(ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ରାଜକିଶୋର ନାୟକ(୬୧)ଙ୍କୁ ଶୁକ୍ରବାର ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଧୁଷୁରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି। ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଏନେଇ ରାଜକିଶୋରଙ୍କ ଅଭିଯୋଗ ଆଧାରରେ ଧୁଷୁରୀ ଥାନାରେ ଏକ ମାମଲା (ନଂ.୧୪୪/୨୫) ରୁଜୁ ହୋଇଛି।

## ତହସିଲଦାରଙ୍କ ମାଧ୍ୟମରେ ସମାଧାନ

### ରାସ୍ତାରେ ଚାଷୀ କ୍ଷୀର ଢାଳିବା ପ୍ରସଙ୍ଗ

ଚାନ୍ଦବାଲି,୪।୪ (କିଷାନ ପାତ୍ର): ଚାନ୍ଦବାଲି ଅଞ୍ଚଳର ଗୋପାଳକମାନେ କ୍ଷୀରର ଉପଯୁକ୍ତ ମୂଲ୍ୟ ନ ପାଇ ରାସ୍ତାରେ କ୍ଷୀର ଢାଳିବା ପ୍ରସଙ୍ଗରେ ତହସିଲଦାରଙ୍କ ମାଧ୍ୟମରେ ସମାଧାନ କରାଯାଇଛି। ଗୋପାଳକମାନେ ଗତ ବୁଧବାର ପୂର୍ବାହ୍ନରେ ଏନ୍‌ଏସିରେ ଥିବା ଚାନ୍ଦବାଲି ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଆଗରେ ସେମାନଙ୍କ ହଜାର ଲିଟର କ୍ଷୀର ରାସ୍ତାରେ ଢାଳି ଦେଇଥିଲେ। ଏନେଇ ଚାନ୍ଦବାଲି ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇ ବିଏମ୍‌ସିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇବାକୁ ଦାବି କରିଥିଲେ। ଏନେଇ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ଅପରାହ୍ନରେ ଚାନ୍ଦବାଲି ତହସିଲ ପରିସରରେ ତହସିଲଦାର ଭବତୋଷ ମଲ୍ଲିକ ବିଏମ୍‌ସି ଭଦ୍ରକ ୟୁନିଟ୍ ଇନ୍‌ଚାର୍ଜ ମଣିଭଦ୍ର ବେହେରା, ଚାନ୍ଦବାଲି ବିଏମ୍‌ସି ଷ୍ଟାଫ୍‌ଙ୍କ ସହ ଗୋପାଳକ ବା ସମିତି ମେମ୍ବରମାନଙ୍କୁ ନେଇ ଆଲୋଚନା କରିଛନ୍ତି। ନିଷ୍ପତ୍ତି ଅନୁସାରେ ଚାଷୀମାନେ ଶନିବାରଠାରୁ କ୍ଷୀର ଦେବେ ଏବଂ ମୂଲ୍ୟ ବାବଦରେ ସରକାରଙ୍କୁ ଅବଗତ କରାଯିବ। ଅନ୍ୟ ସମସ୍ୟା ଯଥାଶୀଘ୍ର ସମାଧାନ ହେବ ବୋଲି ତହସିଲଦାର ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଗୋପାଳକ ଇନ୍ଦ୍ରମଣି ବାରିକ, ସସ୍ମିତ ମହାନ୍ତି, ଅରବିନ୍ଦ ଦାସ, ତପନ ପରିଡ଼ା, ଜଗବନ୍ଧୁ ଦାସ, ଭରତ ଚନ୍ଦ୍ର ଦାସ, ସନ୍ଧ୍ୟାରାଣୀ ଦାସ, ପ୍ରଶାନ୍ତ ରାଉଳ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## ଆରଡ଼ିରୁ ଆସିଲା ଆଜ୍ଞାମାଳ

### ୨୦ରୁ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ

ଚାନ୍ଦବାଲି, ୪।୪ (ରତିକାନ୍ତ ବାରିକ)

ଆସନ୍ତା ୨୦ ତାରିଖରୁ ଦୁର୍ଗାପଡ଼ିଆଠାରେ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ଆରମ୍ଭ ହେବ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। କନିକା ଓ ଚାନ୍ଦବାଲିର ବୁଦ୍ଧିଜୀବୀ, ପରିବେଶବିତ୍, ସାଂସ୍କୃତିକ ସଙ୍ଗଠକ, କଳାକାର, ସାମାଜିକ କର୍ମୀ ଏବଂ ସର୍ବଦଳୀୟ ନେତୃବୃନ୍ଦଙ୍କ ଦ୍ୱାରା ଏହି ମହେତ୍ସବ ଆୟୋଜିତ ହେଉଛି। ଗୁରୁବାର ଏକ ୩୫ଜଣିଆ କାର୍ଯ୍ୟକର୍ତ୍ତା ଦଳ ମା' ଦୁର୍ଗାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଇକ୍ ରାଲିରେ ଯାଇ ଆରଡ଼ି ଧାମ ବାବା ଆଖଣ୍ଡଳମଣିଙ୍କଠାରୁ ଆଜ୍ଞାମାଳ ଆଣିଛନ୍ତି। ପରେ ସୁସଜ୍ଜିତ କାର୍ ଓ ମୋଟର ସାଇକେଲ ରାଲିରେ କେନ୍ଦ୍ରାପଡ଼ା ଅଞ୍ଚଳର ରାଜକନିକା ମଧ୍ୟଦେଇ ପୁନଃ ଦୁର୍ଗାପଡ଼ିଆଠାରେ ଭୂମିପୂଜନ କରିଛନ୍ତି। ବୈତରଣୀ ନଦୀର ପୁନରୁଦ୍ଧାର ଏବଂ ଉପକୂଳ ପରିବେଶ ସୁରକ୍ଷା ପାଇଁ ଜନସଚେତନତାମୂଳକ କଳା ସଂସ୍କୃତି ଓ ବାଣିଜ୍ୟିକ ମେଳାର ଆୟୋଜନ ସହ ଆଞ୍ଚଳିକ ଭାଇଚାରା ଲାଗି ଏହି ସମ୍ପର୍କ ସେତୁକୁ ଦୃଢ଼ୀଭୂତ କରିବା ଲକ୍ଷ୍ୟରେ ସାର୍ବଜନୀନ ଆୟୋଜନ ବୋଲି କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି। ୨୦୧୪ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ କରୋନା ପରଠାରୁ ବନ୍ଦ ହୋଇଯାଇଥିଲା। ଏବେ ପୁଣି ସମସ୍ତଙ୍କ ସହଯୋଗରେ ଆୟୋଜନ କରାଯାଇଛି।



ଶୋଭାଯାତ୍ରାରେ ଆଜ୍ଞାମାଳ ଅଣାଯାଉଛି।

## ବିଦ୍ୟାଳୟର ବାର୍ଷିକ ସମାରୋହ

ବାସୁଦେବପୁର,୪।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ଗୋପାଳପୁର ମାତୃଭୂମିଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ୨୪ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଉଦୟ ନାରାୟଣ ମଲ୍ଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଶିକ୍ଷା ସହ ଆଧ୍ୟାତ୍ମିକତା ଓ ଶ୍ରୀମା ଅରବିନ୍ଦଙ୍କ ଚିନ୍ତା ଚେତନାକୁ ଯୋଡ଼ି ଦିଆଗଲେ ପୂର୍ଣ୍ଣତା ପ୍ରାପ୍ତି ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ନବଜୀବନ ଶିକ୍ଷା ସଂସଦର ରାଜ୍ୟ ସଂଯୋଜକ ବ୍ରଜମୋହନ ବେହେରା ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷା ସଂସଦର ସଂଯୋଜକ ନାରାୟଣ ଅଗସ୍ତି, ଏବିଇଓ ଅମିୟ ମହାଳିକ, ସାମାଜିକ କର୍ମୀ ବିଦ୍ୟାଧର ପଣ୍ଡା, ଶିକ୍ଷାନୁଷ୍ଠାନର ସଭାପତି ଭକ୍ତରଞ୍ଜନ ଅଗସ୍ତି ଓ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅମର ନାଥ ଦାସ ବିବରଣୀ ପାଠ ଓ ଅରବିନ୍ଦ ପାଠଚକ୍ରର ବ୍ଲକ ଆବାହକ ରମାକାନ୍ତ ଦଳେଇ ମଞ୍ଚ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଶାବଳ ଆଘାତରେ ଠିକା ଶ୍ରମିକ ମୃତ

ତିହିଡ଼ି, ୪।୪ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଡାଙ୍ଗମାଳ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟୁତ୍ ଖୁଣ୍ଟ ଉଠାଇବା ବେଳେ ଶାବଳ ବାଜି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା କିଶୋରନଗର ଥାନା ଅଧୀନ ଖେଣ୍ଡାଳ ଗ୍ରାମର ସଞ୍ଜୟ ଭୋଇ(୩୬)। ସୂଚନା ଅନୁଯାୟୀ, ତିହିଡ଼ି ବିଦ୍ୟୁତ୍‌ବିଭାଗ ଅଧୀନରେ ବିଭିନ୍ନ ଅଞ୍ଚଳର କିଛି ଲୋକ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସେହି ଶ୍ରମିକମାନେ ପୂର୍ବାହ୍ନ ୧୦ଟା ବେଳେ ଡାଙ୍ଗମାଳ ଗ୍ରାମରେ ଶାବଳ ସହାୟତାରେ ବିଦ୍ୟୁତ୍ ଖୁଣ୍ଟ ଉଠାଉଥିଲେ। ହଠାତ୍ ଶାବଳଟି ଛିଟିକି ସଞ୍ଜୟଙ୍କ ଛାତିରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଲାୟନ୍ସ କ୍ଲବ୍‌ର ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ, ୪।୪ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଲାୟନ୍ସ କ୍ଲବରେ ୪ଥର ସଭାପତି ଭାବେ ଦାୟିତ୍ୱରେ ଥିବା ଅଶୋକ ମହାନ୍ତି ଚଳିତବର୍ଷ ପାଇଁ ଭାଇସ ଜିଲା ଗଭର୍ନର ଭାବେ ଦାୟିତ୍ୱ ନେଇଛନ୍ତି। ବୁଧବାର ତାଙ୍କୁ ସଂସ୍କୃତି ଭବନଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ସହ ଅନ୍ୟ ଦୁଇଜଣ ଡିଜି(ଡିଷ୍ଟ୍ରିକ୍ଟ ଗଭର୍ନର) ଓ ଭିଡିଜି (ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ନର)ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲାୟନ୍ସ କ୍ଲବ ଭଦ୍ରକ ଓ ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନ ମିଳିତ ସହଯୋଗରେ ସଭା ଅନୁଷ୍ଠିତ ହୋଇଥିଲା। ନବନିର୍ବାଚିତ ଡିଷ୍ଟ୍ରିକ୍ଟ ଗଭର୍ନର ମମତା ଦାଶ ଓ ଫାଷ୍ଟ ଭାଇସ୍ ଡିଷ୍ଟ୍ରିକ ଗଭର୍ନର ବିକାଶ ନାୟକ ଓ ସେକେଣ୍ଡ ଡିଷ୍ଟ୍ରିକ୍ଟ ଗଭର୍ନର ଅଶୋକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପିଡିଜି ପ୍ରକାଶ ଜେନା ପରିଚାଳନା ଓ ଲାୟନ୍ସ କ୍ଲବ ଡିଭାଇନର ସଭାପତି ପଦ୍ମନ ରାୟ ସଭାପତିତ୍ୱ କରିଥିଲେ। ଆର୍ ସି ପ୍ରଭାତ ଧଳ ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବ୍ ବାଲେଶ୍ୱର ଓମଗ, ଏମ୍ ପାୱାର, ଯାଜପୁର ଟାଉନ, ଯାଜପୁର, କଟକ ପ୍ଲାଟିନମ, କଟକ ଗ୍ରେଟର, ଯାଜପୁର ରୋଡ୍ ଷ୍ଟିଲ ସିଟି, କେନ୍ଦ୍ରାପଡ଼ା ନୀଳଚକ୍ର, ରୋଟାରୀ କ୍ଲବ ଭଦ୍ରକ ସହ ବରିଷ୍ଠ ନାଗରିକ ମଞ୍ଚ, ତ୍ୟାଗଭୂମି, ସାହିତ୍ୟ ସଂସ୍କୃତି ମଞ୍ଚ, ସାମ୍ବାଦିକ ବନ୍ଧୁ ସଙ୍ଗଠନ ଯୋଗଦେଇ ଅଶୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଲାୟନ୍ସ କ୍ଲବର ଜିଲା ଗଭର୍ନର, ଭାଇସ୍ ଜିଲା ଗଭର୍ନରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଗାଧୋଇବା ବେଳେ ପୋଖରୀରେ ବୁଡ଼ିଗଲେ ଯୁବକ

ତିହିଡ଼ି,୪।୪(ସଞ୍ଜିତ ବଳ): ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଝିଙ୍କିରିଆ ଗ୍ରାମରେ ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗଦାଧର ମହାଳିକ(୩୨)। ସୂଚନା ଅନୁଯାୟୀ, ସେ ଗୁରୁବାର ଅପରାହ୍ନରେ କାମରୁ ଫେରି ମାଲସାହିରେ ଥିବା ଏକ ପୋଖରୀରେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପୋଖରୀରେ ୪ ଘଣ୍ଟା ଧରି ଖୋଜିବା ପରେ ରାତି ପ୍ରାୟ ସାଢ଼େ ୯ଟା ବେଳେ ତାଙ୍କ ମୃତଦେହ ମିଳିଥିଲା। ତିହିଡ଼ି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୫) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ସରପଞ୍ଚଙ୍କ ସମ୍ପୃକ୍ତି ନାହିଁ: ଭାଜପା

### ଯୁବକଙ୍କୁ ଆକ୍ରମଣ ଘଟଣା

ଧାମନଗର,୪।୪(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ରାଧାବଲ୍ଲଭପୁର ପଞ୍ଚାୟତ ସରପଞ୍ଚ ପ୍ରିତମ ଦାସ ଓ ତାଙ୍କ ଭାଇ ବନ୍ଧଟିଆ ଗ୍ରାମର ଜଣେ ଯୁବକଙ୍କୁ ଆକ୍ରମଣ କରିଥିବା ଧାମନଗର ଥାନାରେ ଅଭିଯୋଗ ପରେ ଦୁଇ ରାଜନୈତିକ ଦଳ ପକ୍ଷରୁ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ବିଜେଡି ନେତୃବୃନ୍ଦ ବୁଧବାର ଧାମନଗର ଏସ୍‌ଡିପିଓଙ୍କୁ ଭେଟି ଦୋଷୀଙ୍କୁ ଗିରଫ ଦାବି କରିଥିଲେ। ସରପଞ୍ଚଙ୍କ ସମ୍ପୃକ୍ତି ନ ଥିବାବେଳେ ବିଜେଡି ହୀନ ଉଦ୍ଦେଶ୍ୟ ରଖି ତାଙ୍କୁ ଘଟଣା ସହ ଯୋଡ଼ି ହୀନ ରାଜନୀତି କରୁଛି ବୋଲି ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ଆରୋପ ଆଣିଛି। ରାଧାବଲ୍ଲଭପୁରସ୍ଥିତ ବୁଢ଼ୀ ଜାଗୁଳାଇ ମନ୍ଦିର ପରିସରରେ ସରପଞ୍ଚଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ ଜରିଆରେ ଭାଜପା ଏହାର ଜବାବ ରଖିଛି।

ପଧାନି ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଭାଜପା ନେତୃବୃନ୍ଦ କହିଛନ୍ତି, ଚାରିଦିନ ତଳେ ବନ୍ଧଟିଆ ଗ୍ରାମର ଉକ୍ତ ଯୁବକ ଅନ୍ୟ ଜଣେ ଯୁବକଙ୍କୁ କାହିଁକି ବିଜେଡି ଛାଡ଼ି ଭାଜପା ହେଲୁ କହି ତାଙ୍କ ଘରକୁ ଯାଇ ତାଙ୍କୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିଲେ। ଏହାକୁ ସରପଞ୍ଚଙ୍କ ବଡ଼ଭାଇ ପ୍ରତିବାଦ କରିଥିଲେ ଏବଂ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ସରପଞ୍ଚ ଅନୁପସ୍ଥିତ ଥିଲେ। ସମ୍ପୃକ୍ତ ଯୁବକଙ୍କ ହାତ କଟି ଯାଇଥିବା ବେଳେ ତାଙ୍କୁ ସରପଞ୍ଚ ଏବଂ ତାଙ୍କ ଭାଇ ଭୁଜାଲିରେ ଆକ୍ରମଣ କରିଥିବା ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗର କୌଣସି ସତ୍ୟତା ନ ଥିବାବେଳେ ବିଜେଡି ହୀନ ରାଜନୀତି କରି ସରପଞ୍ଚଙ୍କୁ ଘଟଣା ସହ ଯୋଡ଼ିବାକୁ ଅପଚେଷ୍ଟା କରୁଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ସରପଞ୍ଚ ଦାସଙ୍କ ସମେତ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ଶହୀଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ଭାଜପା ଜିଲା ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଉପସଭାପତି ଚତୁର୍ଭୁଜ ନାୟକ, ଦୀପ୍ତିରଞ୍ଜନ ଜେନା, ହେମନ୍ତ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୦ରୁ ୧୧୪ କୁଣ୍ଡୀୟ ମହାଯଜ୍ଞ

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝରରେ ରାଜ୍ୟସ୍ତରୀୟ ସନାତନ ଧର୍ମ ସୁରକ୍ଷା ପରିଷଦ ପକ୍ଷରୁ ଏପ୍ରିଲ ୧୦, ୧୧ ଓ ୧୨ ତାରିଖରେ ୧୧୪ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ପରିଷଦ ପକ୍ଷରୁ ଶୁକ୍ରବାର ମା’ କାଳୀତୀର୍ଥ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଯଜ୍ଞରେ ୧୧୪ଟି ଯଜ୍ଞ କୁଣ୍ଡ, ୨୨୮ କର୍ତ୍ତା, ୨୫୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ, ୫୦୦ରୁ ଊର୍ଦ୍ଧ୍ୱ ସନ୍ୟାସୀ ଉପସ୍ଥିତ ରହିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବରେ ଯୋଗଦେବେ। ପ୍ରତ୍ୟହ ପାଲା, ଦାଶକାଠିଆ, ପ୍ରବଚନ, ଭଜନ ସନ୍ଧ୍ୟା ଏବଂ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ଆବାହକ ନିରଞ୍ଜନ ଦାଶ, ଓକିଲ ମନୋରଞ୍ଜନ ପାଢ଼ୀ, କେନ୍ଦୁଝର ବୈଦିକ ବ୍ରାହ୍ମଣ ପରିଷଦ ସମ୍ପାଦକ ଡ. ଦେବଦତ୍ତ ଷଡ଼ଙ୍ଗୀ, ସଭାପତି ମଧୁସୂଦନ ମିଶ୍ର ବିବରଣୀ ପ୍ରଦାନ କରିଥିଲେ।

### ବ୍ଲକସ୍ତରୀୟ ଇକୋ କ୍ଲବ୍ ପ୍ରଦର୍ଶନୀ ମେଳା

ଛେନାପଦି,୪।୪(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଇକୋ କ୍ଲବ୍ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ତତ୍ତ୍ୱାବଧାନରେ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଓମକାର ଅନ୍ୱେଷ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ମୋହନ ଚରଣ ବେହେରା ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରମୋଦ ବେହେରା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ମୋଟ ୪୦ଟି ଇକୋ ବିଦ୍ୟାଳୟରୁ ପ୍ରଦର୍ଶନୀ ନିମନ୍ତେ ୪୨ଟି ପ୍ରକଳ୍ପ ଆସିଥିଲା। ମାନସୀ ସାହୁ, ଲୀଳାବତୀ ଜେନା, ଅନିତା ବେହେରା, ପ୍ରମୋଦ ବେହେରା, ସରୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଯୋଡ଼ା ବସ୍ଷ୍ଟାଣ୍ଡରେ ପାନୀୟ ଜଳ ସମସ୍ୟା

## ଖରାରେ ଡହଳବିକଳ ଯାତ୍ରୀ

ଯୋଡ଼ା,୪।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବସ୍ଷ୍ଟାଣ୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଆକ୍ୱାଗାର୍ଡ ଅଚଳ ହୋଇଯାଇଥିବାରୁ ଯାତ୍ରୀ ପ୍ରତିକ୍ଷାଳୟରେ ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳୁଛି। ଅତ୍ୟଧିକ ରୌଦ୍ରତାପକୁ ନଜରରେ ରଖି ତୁରନ୍ତ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

ପ୍ରକାଶ ଯେ, ଯାତ୍ରୀ ପ୍ରତିକ୍ଷାଳୟରେ ଥିବା ଜଳ ବିଶୋଧନ ଯନ୍ତ୍ର(ଆକ୍ୱାଗାର୍ଡ)ଟି ଦୀର୍ଘ ମାସ ହେବ ଅଚଳ ହୋଇପଡ଼ିଛି। ଏବେ ଗ୍ରୀଷ୍ମ ପ୍ରବାହ ହେତୁ ପ୍ରଚଣ୍ଡ ଖରାରେ ଯାତ୍ରୀ ପିଇବା ପାଣି ଟିକେ ପାଉନାହାନ୍ତି। କିଛି ଲୋକ ଦୋକାନରୁ ପାଣି ବୋତଲ କିଣି ପିଉଥିବା ବେଳେ ସ୍ଥାନୀୟ ହୋଟେଲରୁ ବୋତଲରେ ପାଣି ଭର୍ତ୍ତି କରି ନେଉଥିବା ଦେଖିବାକୁ ମିଳିଛି। ଯାତ୍ରୀ ଶିବଶଙ୍କର ବିଶାଳ କୁହନ୍ତି, ଖଣି ସହର ଯୋଡ଼ା ଭଳି ପୌରପାଳିକାରେ ଏଭଳି ଅବସ୍ଥା ଦୁର୍ଭାଗ୍ୟଜନକ। ଝାଡ଼ଖଣ୍ଡ ଯାଉଥିବା ମହିଳା ଯାତ୍ରୀ ଶକୁନ୍ତଳା ହେମ୍ବ୍ରମ କହିଛନ୍ତି, ପାଣି ହୋଟେଲରୁ ପିଇବାକୁ ପଡୁଛି। ବସଯାତ୍ରୀ ଯୁଗଳ କିଶୋର ସାହୁ କହିଛନ୍ତି, ବସ୍ଷ୍ଟାଣ୍ଡରେ ଥିବା ମେଶିନ ଅଚଳ ହୋଇପଡ଼ିଛି। ପୌର କର୍ମଚାରୀ, ସୁପରଭାଇଜରଙ୍କୁ ଏହା କିପରି ଦେଖାଯାଉନାହିଁ। ଏ ସମ୍ପର୍କରେ ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ଯାତ୍ରୀ ପ୍ରତିକ୍ଷାଳୟରେ ପାଣି ବିଶୋଧନ ମେଶିନ ଖରାପ ଥିବା ଖବର ଜାଣିନାହାନ୍ତି। ଅବଗତ ହେବା ପରେ ଖୁବ୍‌ଶୀଘ୍ର ଏହାର ମରାମତି କରି ଯାତ୍ରୀଙ୍କ ପାନୀୟ ଜଳର ବ୍ୟବସ୍ଥା କରିବେ ବୋଲି କହିଥିଲେ।


ଅଚଳ ହୋଇପଡ଼ିଥିବା ଆକ୍ୱାଗାର୍ଡ ମେଶିନ।

# ମାର୍ଗଦର୍ଶିକା ଅଭାବରୁ ପଡ଼ି ରହିଛି ଅନୁଦାନ ଟଙ୍କା

## ଚନ୍ଦ୍ରଶେଖର ମହାବିଦ୍ୟାଳୟ

ଚମ୍ପୁଆ,୪।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଥିବା ଚନ୍ଦ୍ରଶେଖର ମହାବିଦ୍ୟାଳୟ ଉନ୍ନତି ପାଇଁ ଅର୍ଥ ଅଛି। ମାତ୍ର ମାର୍ଗଦର୍ଶିକା ଅଭାବରୁ ଭିତିଭୂମିର ବିକାଶ ହୋଇପାରୁନାହିଁ। ବ୍ୟାଙ୍କରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରହିଛି। ସୁଧ ବଢୁଛି ମାତ୍ର ଉନ୍ନତି କାମରେ ଲାଗିପାରୁନାହିଁ।

ସୂଚନା ଅନୁସାରେ, ୨୦୧୮-୧୯ ମସିହାରେ ତତ୍‌କାଳିନ ସରକାରଙ୍କ ପକ୍ଷରୁ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଆନୁସାଙ୍ଗିକ ଉନ୍ନତି ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା ହୋଇଥିଲା। ଘୋଷଣାର କିଛିଦିନ ପରେ ଅର୍ଥ ପ୍ରଦାନ କରାଯାଇଥିଲା। ଟଙ୍କା ଆସିଲା, ମାତ୍ର କେମିତି, କେଉଁ ବିଭାଗ ଦ୍ୱାରା ଏପରିକି କ’ଣ କାମ କରାଯିବ, ସେନେଇ ମାର୍ଗଦର୍ଶିକା ଆସିଲାନାହିଁ। ଫଳରେ ଆଜି ପର୍ଯ୍ୟନ୍ତ ଟଙ୍କା ବ୍ୟାଙ୍କରେ ପଡ଼ିରହିଛି। ପଡ଼ି ରହିଥିବା ଅର୍ଥକୁ ମହାବିଦ୍ୟାଳୟର ଉନ୍ନତିମୂଳକ କାମରେ ଖର୍ଚ୍ଚ ପାଇଁ ୨୦୨୩ରେ ଅଧ୍ୟକ୍ଷ ସମ୍ମିଳନୀରେ ବର୍ତ୍ତମାନର ଅଧ୍ୟକ୍ଷ ରାଜେନ୍ଦ୍ର କର ମାର୍ଗଦର୍ଶିକା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ଆଜି ପର୍ଯ୍ୟନ୍ତ ତାହା ମିଳିପାରିଲାନାହିଁ। ଅନ୍ୟପକ୍ଷରେ ମହାବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ, ବଙ୍କଳ ଛାତ୍ରାବାସର ନବୀକରଣ, ସମ୍ମାନ ଶ୍ରେଣୀ ପାଇଁ ଗୃହର ଆବଶ୍ୟକ, ନୂତନ ଲାବରେଟୋରି ଆବଶ୍ୟକତା ରହିଛି। ଏପରିକି ଆଗାମୀ ଦିନରେ ବାଣିଜ୍ୟ ବିଭାଗ ଖୋଲିବା ସହ ସଂସ୍କୃତ, ଏଜୁକେଶନରେ ସିଟ୍ ବୃଦ୍ଧିର ସମ୍ଭାବନା ରହିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କର ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ମିଳିଲେ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି ସହ ବିଭିନ୍ନ ବିଭାଗର ପ୍ରୟୋଗଶାଳା କରାଯାଇପାରନ୍ତା ବୋଲି ମତଦେଇଛନ୍ତି।

# ଓଡ଼ିଆ ନାମଫଳକ ଲଗାଇବାକୁ ସଚେତନତା

## ଓଡ଼ିଆ ପକ୍ଷର ଚତୁର୍ଥ ଦିବସ


ଅଧିକାରୀମାନେ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି।

କେନ୍ଦୁଝର,୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ପ୍ରଥମ ଭାଷାଭିତ୍ତିକ ରାଜ୍ୟଭାବେ ଓଡ଼ିଶା ପ୍ରତିଷ୍ଠା ହୋଇଥିଲା। ଓଡ଼ିଆ ଭାଷାକୁ ନେଇ ଆମ ପରିଚୟ କିନ୍ତୁ ଉପଯୁକ୍ତ ସଚେତନତା ଅଭାବରୁ ଅଧିକାଂଶ ଦୋକାନ ବଜାରରେ ନାମ ଫଳକରେ ଓଡ଼ିଆ ଭାଷାର ବ୍ୟବହାର ହେଉନାହିଁ। ଆମ ଭାଷାର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ-୨୦୨୫ର ଚତୁର୍ଥ ଦିବସରେ ଓଡ଼ିଆରେ ନାମଫଳକ ଅଭିଯାନ ଆୟୋଜିତ ହୋଇଛି। ଏହି କ୍ରମରେ ଶୁକ୍ରବାର କେନ୍ଦୁଝରର ବିଭିନ୍ନ ସ୍ଥାନରେ ସଚେତନତା ପଦଯାତ୍ରା ଆୟୋଜିତ କରି ଅଭିଯାନର ଶୁଭାରମ୍ଭ ହୋଇଛି।

ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ସଚେତନ କରାଯାଇଛି। ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟନାରାୟଣ ମାଳି, ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, କେନ୍ଦୁଝରଗଡ଼ ପୌର ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଅତିରିକ୍ତ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖା ନ ଥିଲା ମାଲିକଙ୍କୁ ଓଡ଼ିଆରେ ଲେଖିବା ପାଇଁ ସଚେତନ କରାଯାଇଥିଲା।

### ୯ରେ ତୁରୁମୁଙ୍ଗା ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

ପାଟଣା,୪।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ଉତ୍ସବ ଅପ୍ରେଲ ୯, ୧୦ ଓ ୧୧ ତାରିଖ ପାଳନ କରାଯିବ। ଏଥି ନିମନ୍ତେ ପାଟଣା ବିଧାୟକ ଅଖିଳ ନାଏକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମିତିର ସଂଯୋଜକ ମୋତିରାମ ସାହୁ, ସମ୍ପାଦକ ପ୍ରମୋଦ ସାହୁ ଓ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖ ସୂଚନା ଦେଇଛନ୍ତି। ଶିକ୍ଷା ବିକାଶ ସମିତିର ପ୍ରାକ୍ତନ ସାଧାରଣ ସମ୍ପାଦକ ଅମର ବର ଖଟୁଆ, ଶଶିଭୂଷଣ ପଲେଇ, ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାସ ମତାମତ ଦେଇଥିଲେ।

# ଗିଧିବାସ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କିକୋଟ,୪।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ମସିଣାବିଲା ପଞ୍ଚାୟତ ଗିଧିବାସ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଳତି ମୁଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଢେଙ୍କିକୋଟ ବିଦ୍ୟାଳୟ ସର୍କଲ ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନ, ମୁଖ୍ୟ ବକ୍ତାଭାବେ କାଶିବେଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାଶିବ ବେହେରା, ସମ୍ମାନୀୟ ଅତିଥିଭାବେ ସାମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତ ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ କମଳ ନାୟକ ପରିଚାଳନା କରିଥିଲେ। ଟାଟା କମ୍ପାନୀ ଟାଟା ଆସ୍ୱାୟାର ତରଫରୁ ଗ୍ରାମର ସବିତା ମୁଣ୍ଡାଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି।



# ଦୁଲୁକିବ ଛଉ ପଡ଼ିଆ

## ୧୧ରୁ ପ୍ରସିଦ୍ଧ ଚୈତ୍ର ପର୍ବ

ବାରିପଦା,୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଛଉ ପଡ଼ିଆଠାରେ ପ୍ରସିଦ୍ଧ ଚୈତ୍ର ପର୍ବ ଅନୁଷ୍ଠିତ ହେବ। ୫ ଦିନ ଧରି ଛଉପଡ଼ିଆ ମଞ୍ଚ ଦୁଲୁକିବ। ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏହି ପର୍ବକୁ ଭିନ୍ନ ଢଙ୍ଗରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ପାରମ୍ପରିକ ଉତ୍ସବର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଦର୍ଶକଙ୍କ ମନୋରଞ୍ଜନ ପାଇଁ ଏହାକୁ ଅଧିକ ଆକର୍ଷଣୀୟ କରିବା ତଥା ଜାତୀୟସ୍ତରରେ ଏହାକୁ ଜନାଦୃତ କରିବା ପାଇଁ ଅନ୍ୟାନ୍ୟ କିଛି କାର୍ଯ୍ୟକ୍ରମ ଯୋଡ଼ାଯାଇଛି। ଚୈତ୍ର ପର୍ବ ସହିତ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏଥିରେ ପାଖାପାଖି ୧୭୫ଟି ଷ୍ଟଲ ବସିବ। ଯେଉଁଥିରେ ସ୍ଥାନୀୟ ଅଞ୍ଚଳ, ରାଜ୍ୟର ଅନ୍ୟାନ୍ୟ ଜିଲା ଓ ରାଜ୍ୟ ବାହାରର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ହେବ।

ପ୍ରଥମ ଦିନ ଅପରାହ୍ନରେ ଏକ କାର୍ଣ୍ଣିଭାଲ ଶୋଭାଯାତ୍ରା ସହର ପରିକ୍ରମା କରିବ। ବାଣ,ରୋଷଣୀ,ରଙ୍ଗୋଲି,ଡିଜେ ସାଉଣ୍ଡ ଓ ମୟୂରଭଞ୍ଜ ତଥା ଓଡ଼ିଶାର ଲୋକକଳା ସହିତ ଜଡ଼ିତ କଳସ ଯାତ୍ରା, ଘୋଡ଼ାନାଚ ଝୁମର ନାଚ, ଆଦିବାସୀ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ କରାଯିବ। ଉକ୍ତ ଶୋଭାଯାତ୍ରା ମା’ ଅମ୍ବିକା ମନ୍ଦିରରୁ ବାହାରି ସହର ପରିକ୍ରମା କରି ଛଉ ପଡ଼ିଆଠାରେ ପହଞ୍ଚିବ। ଉଦ୍‌ଘାଟନୀ ଉତ୍ସବ ପରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ଦଳ ଦ୍ୱାରା ମିଳିତ ଭାବେ ଛଉନୃତ୍ୟ ପରିବେଷଣ କରାଯିବ। ଏହାପରେ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ପରେ ଜିଲାର ଗ୍ରାମାଞ୍ଚଳ ଛଉନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବ।

୧୨ ତାରିଖ ସନ୍ଧ୍ୟାରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ଦଳ ନୃତ୍ୟ ପରିବେଷଣ କରିବା ସହିତ ସମ୍ବଲପୁର ଜିଲାର ଦୁଲଦୁଲି ନାଚ ଓ କଳାହାଣ୍ଡି ଜିଲାର ବଜଶାଲ ନୃତ୍ୟ ପରିବେଷଣ ହେବ। ତୃତୀୟ ଦିନ ସନ୍ଧ୍ୟାରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ଦଳ, ପୁରୁଲିଆ ଓ ଷଢ଼େଇକଳା ଛଉନୃତ୍ୟ ଦଳ ଦ୍ୱାରା ନୃତ୍ୟ ପରିବେଷଣ ହେବ। ଚତୁର୍ଥ ଦିନ ସନ୍ଧ୍ୟାରେ ଛାଉଣୀ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଛଉନୃତ୍ୟ ପରିବେଷଣ ହେବା ସହିତ ମଣିପୁର ରାଜ୍ୟର ଥାଙ୍ଗ-ଟା ନୃତ୍ୟ, ଆସାମ ରାଜ୍ୟର କଳାକାରଙ୍କ ଦ୍ୱାରା ବିହୁ ନୃତ୍ୟ, ମହାରାଷ୍ଟ୍ରର କଳାକାରଙ୍କ ଦ୍ୱାରା ମର୍ଦାନି ଖେଲ ନୃତ୍ୟ ଏବଂ କେରଳର କଳାକାରଙ୍କ ଦ୍ୱାରା କଲାରିପାୟତ୍ତୁ ନୃତ୍ୟ ପରିବେଷଣ ହେବ। ଏଥି ସହିତ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଏବଂ ହସ୍ତଶିଳ୍ପକୁ ଜନ ଆଦୃତ କରିବା ପାଇଁ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୫ ତାରିଖ ସନ୍ଧ୍ୟାରେ ଛାଉଣୀ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ଓଡ଼ିଆ ସଂସ୍କୃତି ଓ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଉକ୍ତ ଦିନ ମଧ ମଣିପୁରର ଥାଙ୍ଗ-ଟା ଆସାମର ବିହୁ, ମହାରାଷ୍ଟ୍ରର ମାର୍ଦାନୀ ଖେଲ ଓ କେରଳର କଲାରିପାୟତ୍ତୁ ନୃତ୍ୟ ପରିବେଷଣ ହେବ। ଶେଷ ରଜନୀରେ ଓଡ଼ିଆ ଲୋକପ୍ରିୟ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତିଙ୍କ ଦ୍ୱାରା ସଂଗୀତ ପରିବେଷଣ ହେବ।

ଏତଦ୍ ବ୍ୟତୀତ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗେମ ଜୋନ୍ ରହିବ। ଯେଉଁଥିରେ ମୋଟକା ଫୋଡ଼୍, ଟାର୍ଗେଟ ଟସ୍, କମ୍ବିନେଶନ ଟଚ୍ ଇତ୍ୟାଦି ଖେଳ ରହିବ। ଦର୍ଶକମାନେ ଚାହିଁଲେ ନିର୍ଦ୍ଧାରିତ ଏଣ୍ଟ୍ରି ଫି ଜରିଆରେ ଖେଳି ପାରିବେ। ଏଥିସହିତ ସମୟ ବ୍ୟବଧାନରେ ମଞ୍ଚରୁ ଛଉ ଉପରେ ଆଧାରିତ କିଛି କୁଇଜ୍ କରାଯିବ ଏବଂ ଠିକ୍ ଉତ୍ତର ଦାତାଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି।

# ବେତନଟୀ ବୋହୂ ଆରବିଆଇ ଡେପୁଟି ଗଭର୍ଣ୍ଣର

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବେତନଟୀ (ଧରଣୀଧର ମହାନ୍ତି),୪।୪


ଡ. ପୁନମ ଗୁପ୍ତା।

ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ବୋହୂ ଡ. ପୁନମ ଗୁପ୍ତା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଛନ୍ତି। ସେ ୩ ବର୍ଷ ଲାଗି ଏହି ପଦବୀରେ କାର୍ଯ୍ୟ କରିବେ। ଏହା ପୂର୍ବରୁ ସେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦରେ ସଦସ୍ୟ ଭାବେ ଅବସ୍ଥାପିତ ଥିଲେ। ପୁନମ ବେତନଟୀର ଅବସରପ୍ରାପ୍ତ ବରିଷ୍ଠ ଇଞ୍ଜିନିୟର ଅଜିତ କୁମାର ମିଶ୍ର ଏବଂ ରମା ମିଶ୍ରଙ୍କ ପୁଅ ଅର୍ଥନୀତିଜ୍ଞ ଦୀପକ ମିଶ୍ରଙ୍କ ସ୍ତ୍ରୀ। ସ୍ୱାମୀ ଦୀପକ ବିଶ୍ୱବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ସେ ଦି ଇଣ୍ଡିଆନ କାଉନସିଲ ଫର ରିସର୍ଚ୍ଚ ଅନ ଇଣ୍ଟରନ୍ୟାଶନାଲ ଇକୋନୋମିକ ରିଲେସନ୍ସ(ଆଇ.ସି.ଆର.ଆଇ.ଇ.ଆର)ର ନିର୍ଦ୍ଦେଶକ ତଥା ଚିଫ୍ ଏକଜିକ୍ୟୁଟିଭ ଅଛନ୍ତି।

# ଉଦଳାରେ ବାସନ୍ତୀ ଦୁର୍ଗାପୂଜା

ଉଦଳା,୪।୪(ସନ୍ତୋଷ କୁମାର ବାଛିନି)

ଉଦଳା ମୁଖ୍ୟ ସହର ବାସନ୍ତୀ ମଣ୍ଡପଠାରେ ୫୫ ତମ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ଅପରାହ୍ନ ସାଢେ ୩ଟା ସମୟରେ ବିଲ୍ୱାଧିବାସ, ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ମହାସପ୍ତମୀ ତିଥିରେ ସର୍ବ ପୁରାତନ ମଠବନ୍ଧ ସତ୍ପେଶ୍ୱର ଘାଟରୁ ଘଟୋ ଉତ୍ତୋଳନ କରାଯାଇ ପୂର୍ବାହ୍ନ ୧୦ଟା ୩୦ ମି.ରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ନୀତିକାନ୍ତି, ପୂଜାର୍ଚ୍ଚନା ଓ ଚଣ୍ଡୀ ପାଠ କରାଯାଇଥିଲା। ଦେବୀ ବାସନ୍ତୀଙ୍କର ମହାସପ୍ତମୀ ପୂଜା ବେଶ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି ବୋଲି କମିଟିର ସଭାପତି ବିଷ୍ଣୁପାଦ ସଦୁଆଳ ସୂଚନା ଦେଇଛନ୍ତି। ପଣ୍ଡିତ ପ୍ରଭାକର ଶତପଥୀ, ମନୋରଞ୍ଜନ ଶତପଥୀ, ସୁଧାକର ଆଚାର୍ଯ୍ୟ ପୂଜାବିଧି ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ଭୋଳାନାଥ ଜେନା, ନାରାୟଣ ମହାପାତ୍ର ଏବଂ ତପନ ଦାସ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ଏବଂ ସମସ୍ତ କାର୍ଯ୍ୟ ସମ୍ପାଦିତ କରିଥିଲେ। ଶନିବାର ଦେବୀଙ୍କ ମହାଷ୍ଟମୀ ପୂଜା ସହିତ ସନ୍ଧ୍ୟା ୭ ଟା ସମୟରେ ସନ୍ଧି ପୂଜା ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପୂଜକ ପ୍ରଭାକର ଶତପଥୀ ସୂଚନା ଦେଇଛନ୍ତି।


ଘଟୋତ୍ତଳନ ଶୋଭାଯାତ୍ରା।

# ବାରିପଦା ଉତ୍ସବ ମୁଖର

## ମା’ବାସନ୍ତୀ ପୂଜା

ବାରିପଦା, ୪।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମା’ବାସନ୍ତୀ ପୂଜା ପାଇଁ ମୟୂରଭଞ୍ଜ ଜିଲା ବାରିପଦା ସହର ଉତ୍ସବ ମୁଖର ହୋଇଛି। ଗୁରୁବାର ବିଲ୍ୱାଧିବାସ ଓ ଶୁକ୍ରବାର ଘଟ ଉତ୍ତୋଳନ କରାଯାଇ ପୂଜା ମଣ୍ଡପରେ ସ୍ଥାପନ ପରେ ମା’ଙ୍କ ସପ୍ତମୀ ପୂଜା ହୋଇଥିଲା। ଶନିବାର ମହାଷ୍ଟମୀ, ରବିବାର ନବମୀ ଓ ସୋମବାର ଦଶମୀ ବା ଭସାଣିଯାତ୍ରା ଅନୁଷ୍ଠିତ ହେବ। ତେବେ ସହରର ସର୍ବପୁରାତନ ମା’ ବାସନ୍ତୀଙ୍କ ପୂଜା ମଧ୍ୟରେ ଶୁନଗଡ଼ିଆ ପୂଜା କମିଟି ଦ୍ୱାରା ଧାର୍ମିକ ପରିବେଶରେ ଆୟୋଜିତ ହେଉଥିବା ବାସନ୍ତୀ ପୂଜା ୭୨ବର୍ଷ ଧରି ସ୍ୱତନ୍ତ୍ରତା ବହନ କରିଆସୁଛି। ୧୯୫୩ରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଣା, ସ୍ୱର୍ଗତ ବିଜୟ ରାୟ ଓ ସ୍ୱର୍ଗତ ଗୌରମୋହନ ମହାନ୍ତିଙ୍କ ଉଦ୍ୟମରେ ଢ଼ିପାସାହିରେ ଏହି ପୂଜା ଆରମ୍ଭ ହୋଇଥିଲା। କ୍ଷୀତିଶଚନ୍ଦ୍ର ରଣା, ସରୋଜ ରଣା ଓ ଜ୍ଞାନେନ୍ଦ୍ର ପଣ୍ଡାଙ୍କ ମିଳିତ ଉଦ୍ୟମରେ ଏହି ପୂଜାର ୨ବର୍ଷ ପରେ ବାରିପଦା ଷ୍ଟେଶନବଜାର-କୃଷ୍ଣଚନ୍ଦ୍ର ଗୋଲାଇ ରାସ୍ତା ପାର୍ଶ୍ୱରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଣାଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାନରେ ପୂଜା ହୋଇଆସୁଛି। ବର୍ତ୍ତମାନ ପୂଜା କମିଟିର ସଭାପତି ତରୁଣ କୁମାର ମହାନ୍ତି, ସମ୍ପାଦକ ଆଇନଜୀବୀ ପରମାନନ୍ଦ ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ଡା. ମହେନ୍ଦ୍ରନାଥ ଦାସଙ୍କ ସହିତ ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଶୁକ୍ରବାର ସକାଳେ ବୁଢ଼ାବଳଙ୍ଗ ନଦୀର ବୁଢ଼ାରାଉଳ ମଠ ଘାଟରୁ ଧୂମସା ମାଦଳ ଶୋଭାଯାତ୍ରାରେ ଘଟ ଅଣାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ୩ ଦିନର ଆଳତୀ, ସପ୍ତମୀ, ଅଷ୍ଟମୀ, ନବମୀରେ ପ୍ରସାଦ ବଣ୍ଟନ ଓ ଦଶମୀରେ ବିସର୍ଜନ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଏଠାରେ ଭିଡ଼ ଲାଗେ। ଅଷ୍ଟମୀ ଓ ନବମୀରେ ସାଧାରଣଙ୍କ ପାଇଁ ପ୍ରସାଦ ବଣ୍ଟନ ଏହି ପୂଜାରେ ଭାଇଚାରାର ଅନ୍ୟତମ ନିଦର୍ଶନ। ସେହିପରି ଦଶମୀରେ କୌଣସି ଆଧୁନିକତାକୁ ପ୍ରଶ୍ରୟ ନ ଦେଇ ଧାର୍ମିକ ବାତାବରଣରେ ମା’ଙ୍କ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ ବୋଲି କମିଟିର ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି।


ପୂଜା ମଣ୍ଡପରେ ମା’ ବାସନ୍ତୀ।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୪।୪
(ଶାନ୍ତନୁ କୁମାର ମଡୁଆଳ)

ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ ବାଲିଯୋଡ଼ା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ଜଣକ ହେଲେ ମାଣଡ୍ରୀ ସିଂ (୬୫)। ଶୁକ୍ରବାର ମଧ୍ୟାହ୍ନରେ ସେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। ଏ ନେଇ ଖୁଣ୍ଟା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଯୁବକଙ୍କୁ ହତ୍ୟା ଘଟଣାରେ ୩ ଗିରଫ

ବେତନଟୀ,୪।୪(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ମୁକ୍ତାପୁର ଗ୍ରାମର ମନ୍ମଥ ଦେହୁରୀଙ୍କୁ ହତ୍ୟା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଅନ୍ୟ ୩ ଜଣ ଫେରାର ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହିଗ୍ରାମର ବାରିପଦିଆ ଦେହୁରୀ, ଅନୁ ଦେହୁରୀ ଓ ଯଶୁ ଦେହୁରୀ।

ସୂଚନା ଅନୁଯାୟୀ, ଗତ ୩ ତାରିଖରେ ସାଇକେଲ ଯୋଗେ ମନ୍ମଥ ଘରକୁ ଫେରୁଥିବା ବେଳେ ବାବୁ ଦେହୁରୀ ଏବଂ ବେତନଟିଆ ଦେହୁରୀ ନିଜ ଭିତରେ କୌଣସି କାରଣକୁ ନେଇ ଝଗଡ଼ା କରୁଥିଲେ। ମନ୍ମଥ ସେମାନଙ୍କୁ ଝଗଡ଼ା ନ କରିବା ପାଇଁ କହିବାରୁ ଉତ୍ତ୍ୟକ୍ତ ହୋଇ ବେତନଟିଆ ଏବଂ ବାବୁ ଏକ ଠେଙ୍ଗାରେ ମନ୍ମଥଙ୍କୁ ପିଟିଥିଲେ। ପରେ ଏହି ଘଟଣାକୁ କେନ୍ଦ୍ରକରି ମନ୍ମଥଙ୍କ ଘର ନିକଟରେ ବାରିପଦିଆ ଦେହୁରୀ, ଝୁନୁ ଦେହୁରୀ, ଅନୁ ଦେହୁରୀ, ଯଶୁ ଦେହୁରୀ ଏବଂ ଶିବା ଦେହୁରୀ ମିଶି ମନ୍ମଥଙ୍କୁ ଧରିଥିବା ବେଳେ ବେତନଟିଆ ଏବଂ ବାବୁ ମିଶି ଏକ କୁରାଢ଼ିରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ମନ୍ମଥଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୯୭/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ବର୍ଗର ସାମ୍ରାଜ୍ୟରେ ଓଡ଼ିଆ ଉଦ୍ୟୋଗୀ ବିରଜା

**ଏକ ସାଧାରଣ ପରିବାରରୁ 'ବିଗିଜ୍ ବର୍ଗର' ବ୍ରାଣ୍ଡ୍ ପ୍ରତିଷ୍ଠା ପର୍ଯ୍ୟନ୍ତ ଓଡ଼ିଆ ପୁଅ ବିରଜା ରାଉତଙ୍କ ଯାତ୍ରା। ଏହି ଯାତ୍ରା କେବଳ ତାଙ୍କର ବ୍ୟବସାୟିକ ସଫଳତାକୁ ଦର୍ଶାଉନାହିଁ, ବରଂ ସୁଯୋଗର ସଦୁପଯୋଗ କରିବାର କଳା, ଆହ୍ବାନର ମୁକାବିଲା କରିବା ସହ ସ୍ୱପ୍ନକୁ ସାକାର କରିବାର ପ୍ରୟାସକୁ ମଧ୍ୟ ଦର୍ଶାଉଛି।**

ଧରିତ୍ରୀ | OrissaPOST BUSINESS EMINENCE AWARDS

ଦେଶରେ ମ୍ୟାକ୍‌ଡୋନାଲ୍ଡ୍ସ, ଡୋମିନସ୍ ଏବଂ କେଏଫ୍‌ସି ଭଳି ଫାଷ୍ଟଫୁଡ୍ ବ୍ରାଣ୍ଡର ଚାହିଦା ରହିଥିବାବେଳେ ବର୍ଗର୍ ବଜାରରେ ହୋମଗ୍ରୋନ୍ ବ୍ରାଣ୍ଡ୍ 'ବିଗିଜ୍ ବର୍ଗର୍' ନିଜର ସ୍ଥିତି ସୁଦୃଢ଼ କରିପାରିଛି। ଓଡ଼ିଆ ଉଦ୍ୟୋଗୀ ବିରଜା ରାଉତଙ୍କ ବର୍ଗର୍ ନିଶା ତାଙ୍କୁ ଏହି ବ୍ୟବସାୟିକ ସଫଳତା ଆଣିଦେଇଛି। କେନ୍ଦୁଝର ଜିଲାରେ ଜନ୍ମିତ ବିରଜା ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଶିକ୍ଷାଲାଭ କରିଛନ୍ତି। ପଢ଼ାସାରିବା ପରେ ଅନ୍ୟମାନଙ୍କ ପରି ସେ ମଧ୍ୟ ବେଙ୍ଗାଲୁରୁରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ୨୧ ବର୍ଷ ହୋଇଥିଲା ସେତେବେଳେ ସେ ପ୍ରଥମ ଥର ପାଇଁ ବର୍ଗର୍ ଚାଖିବାର ସୁଯୋଗ ପାଇଥିଲେ। ସେହି ବର୍ଗର୍ ଯେ ତାଙ୍କ ଭବିଷ୍ୟତ ବଦଳାଇଦେବ ତାହା କେହି କେବେ ଚିନ୍ତା କରି ନ ଥିଲେ। ଇଣ୍ଟରନ୍ୟାଶନାଲ ଫାଷ୍ଟଫୁଡ୍ ଚେନ୍ ଦେଶରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ଭାରତୀୟ ଖାଦ୍ୟ ଶିଳ୍ପ ବିଶେଷକରି ଗରମେଟ୍, ଗ୍ରିଲଡ୍ ବର୍ଗର୍ କ୍ଷେତ୍ରରେ କୌଣସି ଭାରତୀୟ ବ୍ରାଣ୍ଡ୍ ନ ଥିବା ସେ ହୃଦୟଙ୍ଗମ କରିଥିଲେ। ବର୍ଗର୍‌ର ଦେଶୀ ବିକଳ୍ପ ଭାବେ ହୋମଗ୍ରୋନ୍ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ପାଇଁ ସେ ସ୍ଥିର କରିଥିଲେ।

### ଛୋଟ କିଓସ୍କରୁ ବିଗିଜ୍ ବର୍ଗର୍ ପାଲଟିଛି ନ୍ୟାଶନାଲ ଚେନ

ବିରଜା ୨୦୧୧ରେ ବିମର୍ ଫୁଡ୍ ଆଣ୍ଡ୍ ବେଭେରେଜସ୍ ପ୍ରାଇଭେଟ ଲିମିଟେଡ୍‌ର ମୂଳଦୁଆ ପକାଇଥିଲେ। ମାତ୍ର ୨୦ହଜାର ଟଙ୍କା ବିନିଯୋଗରେ ସେ ଏକ ଛୋଟ କିଓସ୍କରେ ବର୍ଗର ବ୍ୟବସାୟ ଆରମ୍ଭ କରିଥିଲେ। ବେଙ୍ଗାଲୁରରେ ନିଜ ଅଫିସ୍ ସାମନାରେ ସେ ଏହି କିଓସ୍କ ଖୋଲିଥିବାବେଳେ ଛୁଟିଦିନରେ ବିକ୍ରି ଆରମ୍ଭ କରିଥିଲେ। ସେହି ଛୋଟ କିଓସ୍କ ବର୍ତ୍ତମାନ ବାର୍ଷିକ ଶତାଧିକ କୋଟିର ବ୍ୟବସାୟର ରାସ୍ତା ଦେଖାଇଛି। ୨୦୧୬ରେ ସେ ଆଇଟି ଚାକରୀ ଛାଡ଼ି ବିଗିଜ୍ ବର୍ଗର୍‌କୁ ସମ୍ପ୍ରସାରଣ କରିବାର ନିଷ୍ପତ୍ତି ନେଇଥିଲେ। ଉତ୍ତମ ଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ଗ୍ରିଲଡ୍ ବର୍ଗର୍ ପ୍ରତି ପ୍ରତିବଦ୍ଧତା ହେତୁ ବ୍ରାଣ୍ଡ ଖୁବ୍‌ଶୀଘ୍ର ଲୋକପ୍ରିୟତା ହାସଲ କରିଥିଲା। ବଜାରରେ ମିଳୁଥିବା ଫ୍ରାଏଡ୍ ବର୍ଗର୍ ତୁଳନାରେ ଏହା ସ୍ୱାସ୍ଥ୍ୟକର ବିକଳ୍ପ ଭାବେ ବିବେଚିତ ହେଉଛି। ବର୍ତ୍ତମାନ ୧୬ ରାଜ୍ୟରେ ବିଗିଜ୍ ବର୍ଗରର ୧୫୦ରୁ ଅଧିକ ଆଉଟଲେଟ୍ ସହ ଏହି ବ୍ରାଣ୍ଡ୍ ଦେଶର ସର୍ବବୃହତ୍ ହୋମଗ୍ରୋନ୍ ବର୍ଗର୍ ଚେନ୍ ପାଲଟିଛି।




BIGGIES BURGER

### ସ୍ମାର୍ଟ ବିଜ୍‌ନେସ ମଡେଲ୍

ବିରଜାଙ୍କ ସଫଳତା କେବଳ ତାଙ୍କ ବର୍ଗରରେ ନୁହେଁ, ବରଂ ତାଙ୍କର ବ୍ୟବସାୟିକ ପରିଯୋଜନାରେ ମଧ୍ୟ ପରିଲକ୍ଷିତ ହୋଇଥାଏ। ଆଇଟି ପ୍ରଫେସନାଲ, ଆର୍ମି ଭେଟେରାନ୍, ସରକାରୀ କର୍ମଚାରୀଙ୍କୁ ବିଗିଜ୍ ବର୍ଗରର୍ ଫ୍ରାଞ୍ଚାଇଜ୍ ପ୍ରଦାନ କରିଛି। ଉତ୍ତମ ଗୁଣବତ୍ତାକୁ ସର୍ବାଗ୍ରେ ରଖୁଥିବା ବିଗିଜ୍ ବର୍ଗର୍ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରି ପୋଷଣଯୁକ୍ତ ଶୁଦ୍ଧ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ଉପରେ ବିଶ୍ୱାସ ରଖେ। ଫାଷ୍ଟଫୁଡ୍ ବ୍ରାଣ୍ଡଗୁଡ଼ିକ ମେଟ୍ରୋ ସହରରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ବିରଜା ଟାଏର-୨ ଓ ଟାଏର-୩ ସହରକୁ ଗୁରୁତ୍ୱ ଦେଇଥା'ନ୍ତି। ପ୍ରତି ତିନିମାସରେ ୨୫ ନୂଆ ଷ୍ଟୋର ଖୋଲିବାର ସେ ଲକ୍ଷ୍ୟ ରଖିଛନ୍ତି। ବର୍ଗର୍ ବ୍ୟତୀତ ବିଗ୍‌ଗାଏଜ୍ ୱିଙ୍ଗସ୍ ଆଣ୍ଡ ବର୍ଗରସ୍ ନାମରେ ନୂଆ ଭେଞ୍ଚର ପ୍ରତିଷ୍ଠା କରି ବଗର୍ ସହ ଅନ୍ୟାନ୍ୟ ଖାଦ୍ୟ ଓ ପାନୀୟକୁ ସ୍ଥାନ ଦେଇଛନ୍ତି। ତାଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ବିଭିନ୍ନ ବର୍ଗର ଗ୍ରାହକଙ୍କ ଚାହିଦା ମେଣ୍ଟାଇବାକୁ ରାସ୍ତା ପ୍ରଶସ୍ତ କରିଛି। ଦିନକୁ ଦିନ ବିଗିଜ୍ ବର୍ଗର ବ୍ୟବସାୟ ବିସ୍ତାର କରିଚାଲିଥିବାବେଳେ ଭାରତର ନିଜସ୍ୱ ବର୍ଗର୍‌କୁ ବିଶ୍ୱସ୍ତରରେ ପରିଚିତ କରାଇବା ବିରଜାଙ୍କ ଲକ୍ଷ୍ୟ ରହିଛି।

### ସାରା ଭାରତକୁ ଗର୍ବିତ କରିଛନ୍ତି ଓଡ଼ିଆ ଉଦ୍ୟୋଗୀ

କେନ୍ଦୁଝରରୁ ବେଙ୍ଗାଲୁରୁ ଏବଂ ଆଇଟି କ୍ଷେତ୍ରରୁ ଖାଦ୍ୟ ଶିଳ୍ପ ଯାଏ ବିରଜାଙ୍କ ଏହି ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶର ଯୁବଉଦ୍ୟୋଗୀଙ୍କୁ ସେ ସଫଳତାର ବାଟ ଦେଖାଇଛନ୍ତି। ଉତ୍ତମ ଭାବନା ସହ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ରହିଲେ ସବୁକିଛି ସମ୍ଭବ କରିପାରେ ବୋଲି ବିରଜା ପ୍ରମାଣିତ କରିଛନ୍ତି।


ବିରଜା ରାଉତ

# ମାର୍ଚ୍ଚରେ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୪।୪

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ମାସିକ ଗାଡ଼ି ବିକ୍ରି ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚରେ କମ୍ପାନୀର ମୋଟ୍ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି ହୋଇଛି। ବିଶେଷକରି ଘରୋଇ ବଜାରରେ ୪,୦୧,୪୧୧ ୟୁନିଟ୍ ବିକ୍ରି ହୋଇଥିଲାବେଳେ ୨୬,୦୩୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ମୋଟ୍ ୫୮,୩୧,୧୦୪ ୟୁନିଟ୍ ଗାଡ଼ି ବିକ୍ରି କରିଛି, ଯେଉଁଥିରେ ପୂର୍ବ ବର୍ଷ ତୁଳନାରେ ୧୯% ଅଭିବୃଦ୍ଧି ହାସଲ କରିଛି। ଏଥିମଧ୍ୟରେ ୫୩,୨୬,୦୯୨ ୟୁନିଟ୍ ଘରୋଇ ବଜାରରେ ବିକ୍ରି ହୋଇଥିଲାବେଳେ ୫,୦୫,୦୧୨ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିଲା।

# ଆଜିଠାରୁ ରିଲାଏନ୍ସ ଡିଜିଟାଲର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'

ଭୁବନେଶ୍ୱର,୪।୪




ରିଲାଏନ୍ସ ଗ୍ରୁପ୍‌ର ସହାୟକ କମ୍ପାନୀ ତଥା ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ଏବଂ ସ୍ୱତନ୍ତ୍ର ସେଲ୍‌ସ ୨୦୨୫ ଏପ୍ରିଲ ୫ରୁ ଆରମ୍ଭ ହେଉଛି। ସେହିଭଳି ଭାରତରେ ସବୁଠାରୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍ ଉପରେ କମ୍ପାନୀ ଅଗ୍ରଣୀ ବ୍ୟାଙ୍କ କାର୍ଡ ଏବଂ ପେପର ଫାଇନାନ୍ସ ଉପରେ ପ୍ରାୟ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫରଗୁଡ଼ିକ ୨୦୨୫ ଏପ୍ରିଲ ୨୦ ପର୍ଯ୍ୟନ୍ତ ସମସ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ରିଲାଏନ୍ସ ଡିଜିଟାଲ୍‌ର ଅଫ୍‌ଲାଇନ ଷ୍ଟୋର ଏବଂ ମାଇ ଜିଓ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମ reliance-digital.in ରେ ବୈଧ ରହିଛି। ସେହିପରି ସହଜ ଫାଇନାନ୍ସିଂ, ଇଏମ୍‌ଆଇ ବିକଳ୍ପ ଏବଂ ଦ୍ରୁତତମ ବିତରଣ ଏବଂ ସଂସ୍ଥାପନ ସହ ଭାରତ ପାଇଁ ଅପ୍‌ଗ୍ରେଡ୍ କରିବାର ଠିକ୍ ସମୟ ଆସିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ, ୪।୪: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୩୧(୯୩୦.୬୭) ପଏଣ୍ଟ ହ୍ରାସ ଘଟି ୭୫,୩୬୫(୭୫,୩୬୪.୬୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୬(୩୪୫.୬୫) ପଏଣ୍ଟ କମି ୨୨,୯୦୪(୨୨,୯୦୪.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବିଜିୟୁ ୯ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪।୪

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୯ମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଅହମ୍ମଦାବାଦ ୟୁନିଭର୍ସିଟିର ଏକ୍‌ଜିକ୍ୟୁଟିଭ ପ୍ରୋଭୋଷ୍ଟ ଏବଂ ଆଇଆଇଏମ୍ ବାଙ୍ଗାଲୋର ଏବଂ ଆଇଆଇଏମ୍ ଅହମ୍ମଦାବାଦର ପୂର୍ବତନ ପ୍ରଫେସର ଦେବନାଥ ତିରୁପତି ପ୍ରତିଷ୍ଠା ଦିବସ ଉପରେ ନିଜର ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଦେଶରେ ଉଚ୍ଚଶିକ୍ଷାର ବିକାଶ ଉପରେ ବିସ୍ତୃତ ବର୍ଣ୍ଣନା କରିବା ସହ ସ୍ୱାଧୀନତା ପୂର୍ବରୁ ଏବଂ ପରେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ମଧ୍ୟ ଦେଶରେ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ବିର୍ଲା ପରିବାରର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ୟୁନିଭର୍ସିଟିର ପ୍ରତିଷ୍ଠାତାମାନଙ୍କର ପ୍ରଶଂସା କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ସ୍ୱାଗତ ଭାଷଣ ଦେଇଥିବା ସହ ୟୁନିଭର୍ସିଟି ପରିବର୍ତ୍ତନଶୀଳ ଯାତ୍ରା ଉପରେ ଗୁରୁତ୍ୱାରୋପକରି ଏହାର ଅଭିବୃଦ୍ଧି ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜିୟୁ ପକ୍ଷରୁ ୪୧ ଜଣ ଫାକଲ୍ଟି ଏବଂ କର୍ମଚାରୀଙ୍କୁ ସେମାନଙ୍କର ଦୀର୍ଘ ୧୦ ଦର୍ଷର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୟୁନିଭର୍ସିଟିର ମାଗାଜିନ୍ ଇନ୍ଦ୍ରଧନୁଷ୍‌ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଜିୟୁ ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜିୟୁ ପକ୍ଷରୁ ୪୧ଟି ବୃକ୍ଷରୋପଣ କରାଯାଇଥିଲା ଯାହା ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତର ପ୍ରତୀକ ଥିଲା। ଏହି ପ୍ରତିଷ୍ଠା ଦିବସ ସମାରୋହ ବିଜିୟୁର ସମୃଦ୍ଧ ଐତିହ୍ୟ, ଶୈକ୍ଷିକ ଉତ୍କର୍ଷ ଓ ଶିକ୍ଷାଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ବିଏସ୍‌ଏସ୍‌ସିସିଆର୍‌ଆଇର ପ୍ରଥମ ବାର୍ଷିକୀ ଉତ୍ସବ




ଖବରଦାତା ସମ୍ମିଳନୀକୁ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

- ସିସିଆର୍‌ଆଇର ସମ୍ପ୍ରସାରଣ
- ଖୁବ୍‌ଶୀଘ୍ର ବିଏମ୍‌ଟି ସେଣ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୪।୪ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ କ୍ୟାନ୍‌ସର ଚିକିତ୍ସାଳୟ ତଥା ଶ୍ରୀ ଶଙ୍କରା କ୍ୟାନ୍‌ସର ଫାଉଣ୍ଡେଶନ୍ ଚାରିଟେବୁଲ୍ ଟ୍ରଷ୍ଟର ପ୍ରମୁଖ ୟୁନିଟ୍ ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍‌ସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ବା ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ପ୍ରଥମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇର କ୍ୟାନ୍‌ସର କେୟାର ଆଣ୍ଡ ରିସର୍ଚ୍ଚ ଇନ୍‌ଫ୍ରାଷ୍ଟ୍ରକ୍ଚର (ସିସିଆର୍‌ଆଇ)ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଖୁବ୍‌ଶୀଘ୍ର ବିଏସ୍‌ଏସ୍‌ସିସିଆର୍‌ଆଇରେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ (ବିଏମ୍‌ଟି) ସେଣ୍ଟରର ଶୁଭାରମ୍ଭ କରାଯାଉଛି ବୋଲି ଚିକିତ୍ସାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନସ୍ଥିତ ପ୍ରେସ୍‌କ୍ଲବରେ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଏସ୍‌ଏସ୍‌ସିସିଆର୍‌ଆଇର ବରିଷ୍ଠ ଅଧିକାରୀ ନାଗରାଜଙ୍କ ସମେତ ଡା. ଲଲାଟେନ୍ଦୁ ଷଡଙ୍ଗୀ, ଡା. ବି.ଏସ୍. ଶ୍ରୀନାଥ ଏବଂ ଡା. ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଆମେ ନିକଟରେ ପ୍ରଥମ ପୂର୍ତ୍ତି ଉତ୍ସବ ପାଳନ କରିଛୁ। ଏହି ବର୍ଷକ ମଧ୍ୟରେ ଆମେ ଅନେକ ଉପଲବ୍ଧି ହାସଲ ସହ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ବର୍ଷକ ମଧ୍ୟରେ ଆମେ ୫୦୦୦ରୁ ଅଧିକ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ଓ ସେବା ଯୋଗାଇଦେଇଛୁ। ଆଗାମୀ ଦିନରେ ଆମେ ନୂଆ ନୂଆ ସେବା ଓ ସୁବିଧା ମଧ୍ୟ ଉପଲବ୍ଧ କରାଇବୁ। ଫଳରେ ଓଡ଼ିଶା ଓ ଓଡ଼ିଶା ନିକଟବର୍ତ୍ତୀ ରାଜ୍ୟର ରୋଗୀ ବାହାର ରାଜ୍ୟକୁ ଆଉ ଯାଇ ଅତିରିକ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ସମସ୍ୟାରେ ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରୟାସ ଆରମ୍ଭ କରିଛୁ।

# ବଲାଙ୍ଗୀରରେ ଆକାଶର ନୂତନ ଶାଖା



ମୁଖ୍ୟଅତିଥି ପୌରାଧ୍ୟକ୍ଷା ଲିକା ସାହୁ ଆକାଶର ବଲାଙ୍ଗୀର ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୪।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ (ଆକାଶ)ର ନୂତ ଶାଖା ବଲାଙ୍ଗୀର ଠାରେ ଆରମ୍ଭ ହୋଇଛି। ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆକାଶର ଏକାଡେମିକ୍ ଡାଇରେକ୍ଟର ରାଜୀବ ନୟନଙ୍କ ସମେତ ଅଜୟ ଦାସ, ପ୍ରଭାତ କୁମାର ଛତୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ମେଡିକାଲ, ଆଇଆଇଟି, ଜେଇଇ ପରୀକ୍ଷା ପାଇଁ କୋଚିଂ ଦିଆଯିବା ସହ ଷଷ୍ଠରୁ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ଫାଉଣ୍ଡେଶନ୍ କୋର୍ସ କୋଚିଂ ଆରମ୍ଭ କରାଯିବ।

# ଜେଏସ୍‌ଏଲ୍‌ରେ ପରିବେଶ ମାସ ପାଳିତ

ଭୁବନେଶ୍ୱର,୪।୪




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଯାଜପୁର ପ୍ଲାଣ୍ଟ ପରିସରରେ ପରିବେଶ ମାସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍ ପକ୍ଷରୁ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ, ବିଶ୍ୱ ଜଳ ଦିବସ ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ ଅନ୍ତର୍ଭୁକ୍ତ ରହିଥିଲ। ଏପରିକି କମ୍ପାନୀର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡିକର ମୂଳ ଲକ୍ଷ୍ୟ ଥିଲା। ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ଚାରା ବଣ୍ଟନ ଅଭିଯାନ ସହ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସ୍‌ଏଲ୍ ପ୍ଲାଣ୍ଟ ପରିସରରେ ଏକ ମେଗା ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧିକରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ। ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ, ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ଜେଏସ୍‌ଏଲ୍‌ର ଏନ୍‌ଜିଓ ସହଭାଗୀ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଯାହାଦ୍ୱାରା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୁସ୍ଥ ଜୀବନଯାପନ ବିଷୟରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା।

ଏହି ଅବସରରେ ଯାଜପୁରର ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ପରିବେଶଗତ ସ୍ଥିରତା ପ୍ରତି ଧ୍ୟାନ ଆମ କାର୍ଯ୍ୟର ମୂଳ ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଏବଂ ଆମେ ଆମର ପରିବେଶ ଗତ ପ୍ରଭାବ ହ୍ରାସ କରିବାକୁ ପ୍ରତିବଦ୍ଧ ରହିଛୁ।

# ଆଇଟିଏସ୍ ଜରିଆରେ ୬୦%ରୁ ଅଧିକ ମାଲ ପରିବହନ

ଭୁବନେଶ୍ୱର,୪।୪

ମାଲ ପରିବହନ କ୍ଷେତ୍ରରେ ଟ୍ରକ୍‌ର ଆବଶ୍ୟକତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଇଣ୍ଡିଆନ ଟ୍ରକିଂ ସେକ୍ଟର (ଆଇଟିଏସ୍)ର ଆବଶ୍ୟକତା ବର୍ତ୍ତମାନ ମଧ୍ୟ ପୂର୍ବପରି ବଳବତ୍ତର ରହିଛି। ଭାରତର ଟ୍ରକ୍ ଉପଯୋଗୀ କ୍ଷେତ୍ର ଦେଶର ୬୦%ରୁ ଅଧିକ ମାଲ ପରିବହନ ସହ ଦ୍ରୁତ ବିସ୍ତାର ପାଇଁ ପ୍ରସ୍ତୁତ ମଧ୍ୟ ହେଉଛି। ସେହିଭଳି ନୀତି ଆୟୋଗର ତଥ୍ୟ ଅନୁଯାୟୀ ୨୦୫୦ ମଧ୍ୟରେ ମାଲ ପରିବହନର ଚାହିଦା ଚତୁର୍ଦ୍ଦଗରେ ବ୍ୟାପିବାର ଯଥେଷ୍ଟ ଆଶା କରାଯାଉଛି, ଯେହେତୁ ଟ୍ରକ୍ ସଂଖ୍ୟା ୨୦୨୨ ବର୍ଷର ୪ ମିଲିୟନ ତୁଳନାରେ ୧୭ ମିଲିୟନକୁ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏପରିକି ଅର୍ଥନୈତିକ ବିକାଶରେ ଏହି ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ଘର୍ଷଣଜନିତ ବୃଦ୍ଧି ପାଇଁ ଚିନ୍ତାର କାରଣ ହୋଇଛି, ଯେହେତୁ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣରେ ଟ୍ରକ୍‌ଗୁଡ଼ିକର ସ୍ଥିତି ତୃତୀୟ ସ୍ଥାନରେ ରହିଛି।




ସେହିପରି ମାଲ ପରିବହନର ଚାହିଦା ୨୦୫୦ ବେଳକୁ ଚତୁର୍ଦ୍ଦଗରେ ବ୍ୟାପକ ହେବା ସହିତ ଟ୍ରକ୍ ସଂଖ୍ୟା ୨୦୨୨ର ୪ ମିଲିୟନ ତୁଳନାରେ ୧୭ ମିଲିୟନକୁ ବୃଦ୍ଧି ଆଶା ରହିଛି। ତଥ୍ୟ ମୁତାବକ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣର ସ୍ଥିତି ତୃତୀୟ ସ୍ଥାନରେ ଥିବାବେଳେ ଅଣକାର୍ବନୀକରଣକୁ ବ୍ୟବସାୟିକ ଭାବେ ତଥା ପରିବେଶ ଅଗ୍ରାଧିକାର ଭିତ୍ତିକ ଭାବରେ ପ୍ରସ୍ତୁତ କରାଯାଉଛି।

ଏ ସମ୍ପର୍କରେ ଟାଟା ମୋଟର୍ସର ଉପାଧ୍ୟକ୍ଷ ଏବଂ ବାଣିଜ୍ୟିକ ମୁଖ୍ୟ (ଟ୍ରକ୍‌ସ) ରାଜେଶ କୌଲ କହିଛନ୍ତି, ବିବିଧ ଇନ୍ଧନ ରଣନୀତି ସହ ଟାଟା ମୋଟର୍ସ ଏହି ପରିବର୍ତ୍ତିତ ଧାରାକୁ ବଜାର ରଖିଛି। ଯେଉଁ ଦିଗରେ କାର୍ଯ୍ୟ କରିବାକୁ ଆମକୁ ଆହୁରି ଆଗକୁ ବଢ଼ାଇଛି, ସେଗୁଡ଼ିକ ହେଉଛି ସମନ୍ୱିତକାରୀ ବ୍ୟାଟେରି-ଇଲେକ୍ଟ୍ରିକ୍, ଏଲ୍‌ଏନ୍‌ଜି ଏବଂ ହାଇଡ୍ରୋଜେନ କ୍ଷମତାଶାଳୀ ଟ୍ରକ୍, ଯାହାକି ବିବିଧ କାର୍ଯ୍ୟକାରୀ ଆବଶ୍ୟକତାକୁ ପୂରଣ କରିପାରିବ। ଟ୍ରକ୍ କ୍ଷେତ୍ରରେ କେବଳ ଗୋଟିଏ ପରିସରକୁ ନେଇ କାର୍ଯ୍ୟ ସମ୍ପାଦନ ଯଥେଷ୍ଟ ନୁହେଁ। ସଂକ୍ଷିପ୍ତ ରହଣି କାର୍ଯ୍ୟକାରିତା ପାଇଁ ଏହାକୁ ବ୍ୟବହାର କରାଯିବ। ଯେହେତୁ ବ୍ୟାଟେରି ପରିଚାଳିତ ବୈଦ୍ୟୁତିକ ଟ୍ରକ୍ ଆଦର୍ଶ, ସିଏନ୍‌ସି, ଏଲ୍‌ଏନ୍‌ଜି ତଥା ହାଇଡ୍ରୋଜେନ୍ ପ୍ରଦାନକାରୀ ସକ୍ଷମ ସମାଧାନ ଦୂର ରହଣି ମାଲ ପରିବହନ କାର୍ଯ୍ୟକାରିତା ପାଇଁ ସର୍ବୋକୃଷ୍ଟ ରହିଛି। ହାଇଡ୍ରୋଜେନ୍ କ୍ଷମତାଯୁକ୍ତ ଟ୍ରକ୍ ପ୍ରଣାଳୀ ବ୍ୟବସ୍ଥା ଲମ୍ବା ଅବଧି ଲକ୍ଷ୍ୟକୁ ଧରି ରଖିବା ସହିତ ବଡ଼ ଧରଣର ଗ୍ରହଣୀୟତା ଧୀର ମନ୍ଥର ହୋଇଛି। ଏଥିସହ ପ୍ରାକୃତିକ ଗ୍ୟାସ୍ ସମୂହ ଏବଂ ହାଇଡ୍ରୋଜେନ୍ ଇଣ୍ଟରନାଲ କମ୍ବସନ ଇଞ୍ଜିନ (ଏଚ୍‌୨-ଆଇସିଇ) ଜ୍ଞାନକୌଶଳ ଆଗାମୀ ଅବଧିରେ ପରିବର୍ତ୍ତନ ପାଇଁ ଯଥେଷ୍ଟ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ବୃଦ୍ଧଙ୍କ ଉପରେ ମାଡ଼ିଗଲା ଟ୍ରକ୍

ସୋର, ୪।୪(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ୧୬ନମ୍ବର ଜାତୀୟ ରାଜପଥରେ ଅଭିରାମ ମଲିକ ସାଇକେଲ ଯୋଗେ ବାରିକପୁର ହାଟକୁ ଯାଉଥିବା ବେଳେ ପେଟ୍ରୋଲ ପମ୍ପରୁ ବାହାରୁଥିବା ଟ୍ରକ(ନଂ. ଓଡି୧୯ଏଲ ୧୦୨୨) ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଅଭିରାମଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ଘର ସୋର ଥାନା ଦାଣ୍ଡହରିପୁର ଗ୍ରାମରେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ମୃତଦେହ ରଖି ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ସୋର ପୋଲିସ ସହ ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ବାବଦରେ ରେଡକ୍ରସରୁ ୧୦, ୦୦୦ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଆମ୍ବୁଲାନ୍ସ ସହାୟତାରେ ମୃତଦେହକୁ ସୋର ଡାକ୍ତରଖାନା ପଠାଇଥିଲା। ଟ୍ରକକୁ ଜବତ କରି ସୋର ଥାନାକୁ ଆଣିଛି। ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିର୍ଦ୍ଧାରିତ ସମୟରେ ସରୁନି ପ୍ରକଳ୍ପ

**ଖଇରା ବ୍ଲକ: ସ୍ଥାଣୁ ପୂର୍ତ୍ତବିଭାଗ**

ଖଇରା, ୪।୪(ଉତ୍କଳବନ୍ଧୁ ପଣ୍ଡା)


ଅସମ୍ପୂର୍ଣ୍ଣ ସାରଡାଙ୍ଗ-ଅଡା ରାସ୍ତା।

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ପୂର୍ତ୍ତ ବିଭାଗ ଏକପ୍ରକାର ସ୍ଥାଣୁ ଅବସ୍ଥାରେ ପହଞ୍ଚିଛି। ଏବେ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଏହାର ପ୍ରମାଣ ବୋଲି କୁହାଯାଇପାରେ। ବର୍ଷ ବର୍ଷ ଧରି କାମ ଚାଲିଥିଲେ ହେଁ ଯନ୍ତ୍ରୀ ଓ ଅଧିକାରୀଙ୍କ ତାଗିଦ୍ ଅଭାବରୁ କାମ ସରିବାର ନାଁ ଧରୁନାହିଁ କି ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଛି। ଏବେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ନିର୍ମାଣାଧୀନ ଥିବା ବେଳେ ଯନ୍ତ୍ରୀମାନେ ଉପସ୍ଥିତ ରହୁ ନ ଥିବାରୁ ପ୍ରକଳ୍ପଗୁଡିକ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କିଛି କାର୍ଯ୍ୟ ପୂର୍ବଯନ୍ତ୍ରୀଙ୍କ ସମୟରେ ହୋଇଥିବା ବେଳେ ଏବେ ବିଲ୍ ପ୍ରଦାନ କରାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ତୁରନ୍ତ କାର୍ଯ୍ୟଗୁଡ଼ିକ ଠିକ୍ ଢଙ୍ଗରେ କରିବା ସହ ଏବଂ ବର୍ଷାଦିନ ପୂର୍ବରୁ ଶେଷ କରିବା ନେଇ ବିଭିନ୍ନ ପଞ୍ଚାୟତବାସୀ ଦାବି କରିଛନ୍ତି।

ଖଇରା ବ୍ଲକ ପରିସରରେ ମହିଳା ସଙ୍ଗଠନ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଘର ଆବଶ୍ୟକତା ପଡିବା ପରେ ୨୦୨୧ରେ ପାଖାପାଖି ୫୦ଲକ୍ଷ ଟଙ୍କା ବ୍ୟୟରେ ଏକ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ୪ବର୍ଷ ପରେ ମଧ୍ୟ ଘରର ୭୦ଭାଗ କାମ ସରିନାହିଁ। ସେହିଭଳି ରାଣୀତାଲ-କୁପାରୀ ରାସ୍ତାର ବାରାହାପୁରଠାରେ କାଂଶବାଂଶ ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ ୧୪ମାସ ଧରି ଚାଲିଥିଲେ ହେଁ ଏ ପର୍ଯ୍ୟନ୍ତ ଆପ୍ରୋଚ ରୋଡ କାମ ବାକି ରହିଛି। ଯେଉଁଥିପାଇଁ ଯାତ୍ରୀ ପୁରୁଣା ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ଯିବାକୁ ବାଧ୍ୟ ହେଉଛନ୍ତି। ଖଇରା-ସିମୁଳିଆ ୨ ବ୍ଲକକୁ ସଂଯୋଗ କରୁଥିବା ସାରଡାଙ୍ଗ-ମାର୍କୋଣା ଭାୟା ଅଡା ରାସ୍ତାର କାର୍ଯ୍ୟ ଦେଢବର୍ଷ ପରେ ମଧ୍ୟ ସରିବାର ନାଁ ଗନ୍ଧ ଧରୁନି। ଅଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ରାସ୍ତା ଓ ଡ୍ରେନ କାମ ଆଉ ଆଗକୁ ବଢୁ ନ ଥିବାରୁ ରାସ୍ତା ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତତା ସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ହେଁ ଏ ପର୍ଯ୍ୟନ୍ତ ଅଧିକାରୀମାନଙ୍କ ଦ୍ୱାରା କୌଣସି ତଦନ୍ତ ହୋଇପାରିନାହିଁ। ଖଇରା ଆଦର୍ଶ ବିଦ୍ୟାଳୟ ବାଳିକା ଓ ବାଳକ ଛାତ୍ରାବାସ ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିରହିଛି। ବାଳକ ଛାତ୍ରାବାସର ଛାତ ଢଳେଇ ରାତିଅଧିଆ ହେବା ନେଇ ଅଭିଯୋଗ ପରେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ତଦନ୍ତ ହୋଇନାହିଁ। ଏହାଛଡା ସୋର-କୁପାରୀ ରାସ୍ତାର ମରାମତି ବର୍ଷେ ତଳେ ହୋଇଥିବା ବେଳେ ଏବେ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ହରିପୁର ନିକଟରେ କେନାଲ ଉପରେ ଚାଲିଥିବା ପୋଲରେ ପୁରୁଣା ରଡ ଓ ସିମେଣ୍ଟ ବ୍ୟବହୃତ ହେବା ନେଇ ଅଭିଯୋଗ ସତ୍ତ୍ୱେ ଏପର୍ଯ୍ୟନ୍ତ ଯନ୍ତ୍ରୀମାନେ ଏହାକୁ ଗୁରୁତ୍ୱର ଭାବେ ନେଉ ନ ଥିବାରୁ ଏବେ ଏହି ବିଭାଗର ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି। ସହକାରୀ ଯନ୍ତ୍ରୀ ସଙ୍ଗୀତା ସାହୁଙ୍କୁ ପଚାରିବା ପରେ କାମ ଚାଲିବା ସମୟରେ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇପାରନ୍ତା ବୋଲି କହିଛନ୍ତି।

## 'ମା', ବାପା, ଶିକ୍ଷକ ଓ ଜନ୍ମଭୂମିକୁ ଭଲ ପାଅ'

ବାଲେଶ୍ୱର, ୪।୪(ବାଞ୍ଛାନିଧି ଦେ)

**ସାଗରିକା ଶିକ୍ଷା ନିକେତନର ବାର୍ଷିକ ଉତ୍ସବ**

ବାଲେଶ୍ୱର ସଦର ବ୍ଲକ ଅଧୀନ ପରିଖିଛିତ ସାଗରିକା ଶିକ୍ଷା ନିକେତନର ୨୪ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ ଦାସ ଉଦ୍ଘାଟନ କରି ମା', ବାପା, ଶିକ୍ଷକ ଓ ଜନ୍ମଭୂମିକୁ ଭଲ ପାଇଲେ ଛାତ୍ରଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହେବେ ବୋଲି ସେ ବକ୍ତବ୍ୟରେ କହିଥିଲେ। ଅବସରପ୍ରାପ୍ତ ଖଣି ଅଧିକାରୀ ଇଂ. ଭରତ କୁମାର ସାହୁ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ରାଉତ, ସିଆରସିସି ବିଶ୍ୱନାଥ ମହାରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ବିଦ୍ୟାଳୟ ପ୍ରତିଷ୍ଠାତା ମାନସ କୁମାର ମାଇତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ମୁଖ୍ୟ ବିଶ୍ୱଜିତ ଜେନା ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ଅନୁପମ କୁମାର ଜାନା, ନିତ୍ୟାନନ୍ଦ ସାହୁ, ଶେଖ ହବିବୁଲ୍ଲା, ମଞ୍ଜୁ ଜେନା, ଆଲୋକ କୁମାର ଜେନା, ସ୍ୱପ୍ନା ଦେ, ସରିତା ଜାନା ଓ ସୋନାଲିତା ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରଛାତ୍ରୀ।

## ଲଳିତ କବି ଲକ୍ଷ୍ମୀନାରାୟଣଙ୍କ ୧୦୦ତମ ଜୟନ୍ତୀ

ବାଲେଶ୍ୱର, ୪।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ କ୍ୟାମ୍ପସରେ ଲଳିତ କବି ଲକ୍ଷ୍ମୀନାରାୟଣ ମହାରଣାଙ୍କ ୧୦୦ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ।

ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଶିରୀଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଡ. କରୁଣାକର ଦାସ ଯୋଗଦେଇ କବି ଲକ୍ଷ୍ମୀନାରାୟଣଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଲଳିତ କବିଙ୍କ ଦୁଇ ପୁତ୍ର ଡ. ଗୋପୀନାଥ ମହାରଣା ଓ ଜିଲା ସେସନ ଜଜ୍ ଆନନ୍ଦ ନାରାୟଣ ମହାରଣା ଉପସ୍ଥିତ ହୋଇ କବିଙ୍କ ବିବିଧ କୃତି ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପଠନ ଓ ଗବେଷଣାରେ କବିଙ୍କ ରଚନାଶୈଳୀଗୁଡିକ କିପରି ଉପଯୋଗୀ ହୋଇପାରିବ ସେ ସମ୍ପର୍କିତ ସବିଶେଷ ଆଲୋଚନା କରାଯାଇଥିଲା। ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ପ୍ରଫେସର ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଉପସ୍ଥିତ କୁଳପତି ଓ ଅତିଥିଗଣ।

## ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା



ସଚେତନତା ପଦଯାତ୍ରା।

ନୀଳଗିରି, ୪।୪(ପ୍ରଶାନ୍ତ ବିଶ୍ୱାଳ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ବାଲେଶ୍ୱର ଜିଲା ଶ୍ରମବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ନୀଳଗିରି ଉପଖଣ୍ଡସ୍ତରରେ ଓଡ଼ିଆରେ ନାମ ଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ଏକ ସଚେତନତା ପଦଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ସଚେତନତାର ପ୍ଲାକାର୍ଡ ସହିତ ସ୍ଲୋଗାନ ଦିଆଯାଇଥିଲା। ବିଶେଷ କରି ଓଡ଼ିଆ ଭାଷାକୁ ଉଦ୍‌ଜୀବିତ କରିବା ସରକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ କୁହାଯାଉଥିବା ବେଳେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଘରୋଇ ସଂସ୍ଥାରେ ବ୍ୟବହୃତ ନାମଫଳକ ଇଂଲିଶ ବା ଅନ୍ୟ ଭାଷାରେ ନ ଲେଖି ଓଡ଼ିଆ ଭାଷାରେ ଲେଖିବାକୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନୀଳଗିରି ସହକାରୀ ଶ୍ରମ ଅଧିକାରୀ ଶ୍ରୀହରି ସ୍ୱୟଂ ସାମଲ, କର୍ମଚାରୀ ମଧୁସୂଦନ ଷଣ୍ଢ, ସରୋଜିନୀ ନାୟକ, ମହାବୀର ନିର୍ମାଣ ଶ୍ରମିକସଂଘ ସଭାପତି କେଶବ ଲେଙ୍କା, ସମ୍ପାଦକ କୈଳାଶ ଚନ୍ଦ୍ର ଲେଙ୍କା, ଯଦୁନାଥ ବେହେରା, ରାଜେନ୍ଦ୍ର ଜେନା, ନାରୀନେତ୍ରୀ ସଂଯୁକ୍ତା ଓଝା, ନିରଞ୍ଜନ ମହୁରୀ, ସୁରେନ୍ଦ୍ର ବିଶ୍ୱାଳ, ନୃସିଂହ ନାୟକ, ବାପୁନୁ ସିଂ, ବାଦଲ ସିଂ, ଶକୁନ୍ତଳା ବାରିକ, ଭୀମ ପାତ୍ର, ସରୋଜିନୀ ସିଂ, ମିନାକ୍ଷୀ ସିଂ, ସାବିତ୍ରୀ ସିଂ, ଗୀତାରାଣୀ ପାତ୍ର, ଅଜୟ କୁମାର ମହାପାତ୍ର, କାଳିଆ ପାତ୍ର, ରବୀନ୍ଦ୍ର ପାତ୍ର, ଗୋପାଳ ପାତ୍ର ଓ ଭାରତ ପାତ୍ର ପ୍ରମୁଖ ନୀଳଗିରି ଅଞ୍ଚଳର ବହୁ ନିର୍ମାଣ ଶ୍ରମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଶିକ୍ଷା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା, ୪।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ୟୁପି ସ୍କୁଲର ଶିକ୍ଷା କର୍ମଚାରୀ ବିଶ୍ୱନାଥ ସାହୁଙ୍କୁ ବୁଧବାର ସେବାନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଖଇରା ମଣ୍ଡଳ ଅଲୋଷ୍ଟାର ସଭାପତି ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା, ସରପଞ୍ଚ ଟିକିରାଣୀ ସେଠୀ, ଶତ୍ରୁଘ୍ନ ଦାସ, ଭରତ ଚନ୍ଦ୍ର ଦାସ, ଯୋଗେନ୍ଦ୍ର ମହାକୁଡ, ଶଙ୍କର୍ଷଣ ଜେନା, ଶରତ କୁମାର ଜେନା, ସୁଦର୍ଶନ ସେଠୀ, ବିଶ୍ୱାନାଥ ଧନ୍ଦା, ଲମ୍ବୋଦର ଦାସ, ସନ୍ତୋଷ ଦକ୍ଷିଣରାୟ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ବୃତ୍ତାନ୍ତ ପେନସନ କାଗଜ ପ୍ରଦାନ ପରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଆପାଳରେ ସାର୍ବଜନୀନ ବାସନ୍ତୀ ପୂଜା ଶୁଭାରମ୍ଭ

ବାଲିଆପାଳ, ୪।୪(ଗୋପାଳ ଚନ୍ଦ୍ର ସାହୁ)-ବାଲେଶ୍ୱର ଜିଲା ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ ସର୍ବପୁରାତନ ସାର୍ବଜନୀନ ମା' ବାସନ୍ତୀ ପୂଜା ଶୁକ୍ରବାର ଆରମ୍ଭ ହୋଇଛି। ସୁବର୍ଣ୍ଣରେଖା ନଦୀଘାଟରୁ ଘଟ ଉତ୍ତୋଳନ କରାଯାଇ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଆସନ୍ତା ୭ ତାରିଖ ଦଶହରା ଦିନ ଅପରାଜିତା ମାର୍ଜନା ପରେ ଘଟ ବିସର୍ଜନରେ ଶେଷ ହେବ। ରୀତିନୀତି ଅନୁସାରେ ଦିନତମାମ ପୂଜା ହେବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇ ଦଶହରା ଦିନ ପୂର୍ଣ୍ଣାହୁତି ଦିଆଯିବାର ବ୍ୟବସ୍ଥା ରହିଛି। ଚଳିତବର୍ଷ ବାଲିଆପାଳ ଦୁର୍ଗା ପୂଜା କମିଟିର ପରିଚାଳନାରେ ପୂଜା ଅନୁଷ୍ଠିତ ହେଉଛି। ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ପ୍ରିୟନାଥ ସେଠୀ, ଦୁର୍ଗା ପୂଜା କମିଟି ସମ୍ପାଦକ ଅଜୟ କୁମାର ସାହୁ, ଅଜିତ କୁମାର ପାତ୍ର, ପ୍ରାଣକୃଷ୍ଣ ସାହୁ, କମଳାକାନ୍ତ ସାହୁ, ଭାସ୍କର ଚନ୍ଦ୍ର ସାହୁ, ବୁଦ୍ଧିରାମ ବେହେରା, ଗିରଶ ଚନ୍ଦ୍ର ପାତ୍ର, କାଳିଚରଣ ଦେ, ମଧୁସୂଦନ ପ୍ରାମାଣିକ ପ୍ରମୁଖ ସହଯୋଗ କରିଥିଲେ।

## ରଶି ଲଗାଇ ଝୁଲିପଡ଼ିଲେ ନବବଧୂ

ଭୋଗରାଇ, ୪।୪(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନରସିଂହପୁର ଗ୍ରାମର ଜଣେ ନବବଧୂଙ୍କ ମୃତଦେହକୁ ଭୋଗରାଇ ପୋଲିସ ଶୁକ୍ରବାର ଜବତ କରିଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ଅମିତ କରଙ୍କ ସ୍ତ୍ରୀ ମୌମିତା ପଣ୍ଡା(୧୯ )। ଭୋଗରାଇ ପୋଲିସ ମହିଳାଙ୍କ ବାପଘର ଲୋକଙ୍କ ଅଭିଯୋଗକ୍ରମେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୫) ରୁଜୁ କରିଛି।

ନରସିଂହପୁର ଗ୍ରାମର ଅମିତ କର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଦକ୍ଷିଣ ପୁରୁଷୋତ୍ତମପୁର ଗ୍ରାମର ସୁଶାନ୍ତ ପଣ୍ଡାଙ୍କ ଝିଅ ମୌମିତାଙ୍କୁ ୨ମାସ ପୂର୍ବରୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଦମ୍ପତିଙ୍କ ମଧ୍ୟରେ ସନ୍ଦେହ ବାତାବରଣ ସୃଷ୍ଟି ହୋଇଥିଲା। ଉଭୟଙ୍କ ମଧ୍ୟରେ ମାଡ଼ଗୋଳ ମଧ୍ୟ ହୋଇଥିଲା। ଏନେଇ ପଡୋଶୀ ଏବଂ ମୃତା ମହିଳାଙ୍କ ବାପ ଘର ଲୋକେ ଜାଣିବା ପରେ ମୌମିତାଙ୍କୁ ବୁଝାଶୁଝା ନିମନ୍ତେ ଗ୍ରାମରେ ଘନ ଘନ ବୈଠକ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ନବବଧୂ ଘରେ କେହି ନ ଥିବାବେଳେ ଗୁରୁବାର ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ - 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**OFFICE OF THE DISTRICT PROJECT COORDINATOR SAMAGRA SIKSHYA, SUBARNAPUR**
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR SAMAGRA SIKSHYA, SUBARNAPUR**
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) "ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆରଓ-ଆରଓ ଭେସେଲ୍ ଏମ୍‌ଭି ଭୁପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ 'www.iwai.nic.in' ଏବଂ ସିପିପି ପୋର୍ଟାଲ "https://eprocure.gov.in/eprocure/app"ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା। ଅନଲାଇନ୍ ବିଡ୍ https://eprocure.gov.in/eprocure/app ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई-प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई-गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई-प्रोक्योरमेंट कार्यालय का सम्पर्क नं0 | 0326-2311259 |
| 11 | ई-प्रोक्योरमेंट सेल का हेल्प लाईन नं0 | 0651-1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद
PR 349673 (Drinking Water and Sanitation) 25-26 (D)

## ସରକାରୀ ଯୋଜନାର ସମୀକ୍ଷାକଲେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି

ପାଟଣା,୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କୃଷି କାର୍ଯ୍ୟାଳୟକୁ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଶୁକ୍ରବାର ପରିଦର୍ଶନ କରିଛନ୍ତି। ଏଥିସହ ଉଭୟ କେନ୍ଦ୍ର, ରାଜ୍ୟ ସରକାର କୃଷକ କଲ୍ୟାଣ ପାଇଁ କରିଥିବା ଯୋଜନାଗୁଡ଼ିକରୁ ପାଟଣା ବ୍ଲକ୍ କୃଷକମାନେ କିଭଳି ସୁଫଳ ପାଉଛନ୍ତି ସମୀକ୍ଷା କରିଥିଲେ। ଏ ନେଇ ଅନୁଷ୍ଠିତ ବୈଠକରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ପାଟଣା ବ୍ଲକ୍ କୃଷି ଅଧିକାରୀ ବର୍ଷା ବୌଶାଳୀ, ସହକାରୀ କୃଷି ଅଧିକାରୀ ପରେଶ ଦାଶ, ବରିଷ୍ଠ ଭାଜପା ନେତା ଦୁର୍ଗା ଚରଣ ନାୟକ, ବିପିନ ମହାନ୍ତ, ଦିଲ୍ଲୀପ ନାଏକ, ପାଟଣା ମଣ୍ଡଳ ଭାଜପା ସଭାପତି ବ୍ରଜ ସେଠୀ, ବରିଷ୍ଠ ନେତା ପ୍ରକାଶ ସେଠୀ, ନାରାୟଣ ମହାରଣା, ନାରାୟଣ ମହାନ୍ତ, ସୁଦାମଚରଣ ସାହୁ, କମଳାକାନ୍ତ ଚୌଧୁରୀ, ସୁରେନ୍ଦ୍ର ମହାନ୍ତ, ସୌମ୍ୟରଞ୍ଜନ ମହାନ୍ତ, ରମେଶଚନ୍ଦ୍ର ମହାନ୍ତ, ଦୀନବନ୍ଧୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାଗଣା ବିହନ ପାଇ ଚାଷ କରିଥିବା ଚାଷୀଙ୍କ କ୍ଷେତକୁ ସଭାପତି ବୁଲି ଦେଖିଥିଲେ।


ବୈଠକରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଓ ଅନ୍ୟମାନେ।

## ସାମୂହିକ ଛୁଟିରେ ଯୋଗାଣ ସହାୟକ


ଯୋଗାଣ ସହାୟକମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ମୋରଡ଼ା,୪।୪(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ କାର୍ଯ୍ୟରତ ସମସ୍ତ ଯୋଗାଣ ସହାୟକ ଶୁକ୍ରବାରଠାରୁ ସାମୁହିକ ଛୁଟିରେ ରହିଛନ୍ତି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତେ ଛୁଟିରେ ରହିବେ। ଚାକିରି ନିୟମିତ କରାଯିବା ଓ ଦରମା ବୃଦ୍ଧି ସମ୍ପର୍କିତ ଦାବି ପୂରଣ ପାଇଁ ସମସ୍ତେ ଛୁଟିରେ ଥିବା ସୂଚନା ଦେଇଛନ୍ତି। ୧୪ ତାରିଖ ସୁଦ୍ଧା ଯଦି ଦାବି ପୂରଣ ନ ହୁଏ ତେବେ ୧୫ ତାରିଖଠାରୁ ଧାରଣା ଦେଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ମୋରଡ଼ା ବ୍ଲକର ସମସ୍ତ ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ଏକତ୍ରିତ ହୋଇ ସାମୁହିକ ଛୁଟି ପାଇଁ ଏକ ଲିଖିତପତ୍ର ବିଡିଓ ଅଣାକର ନାୟକଙ୍କୁ ପ୍ରଦାନ କରିଛନ୍ତି। ମୋରଡ଼ା ବ୍ଲକ୍ ସଂଘର ସଭାପତି ସୁକଦେବ ମହାକୁଡ଼, ସମ୍ପାଦକ ଜୟନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସମସ୍ତ ଯୋଗାଣ ସହାୟକ ବିଡିଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

**କଂଗ୍ରେସ ଗଠନ କଲା ମାଇନିଂ କମିଟି**

ଭୁବନେଶ୍ୱର,(ରବିନାରାୟଣ ଜେନା): ସୁନ୍ଦରଗଡ଼ ଜିଲାରେ ହୋଇଥିବା ଖଣି ଅନିୟମିତତା ଓ ଖଣି ଅଞ୍ଚଳର ଅଧିବାସୀମାନଙ୍କର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏକ ମାଇନିଂ କମିଟି ଗଠନ କରିଛନ୍ତି । ଏହି କମିଟିରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ସିଏସ୍ ରାଜନ ଏକ୍କା, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ ଏବଂ ସାଗର ଚରଣ ଦାସ ସଭ୍ୟ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।

# ନ୍ୟାୟିକ ତଦନ୍ତ ଦାବିକଲେ ତାରା

**ଭାଜପା ମୁଖ୍ୟଙ୍କ ଖାତାକୁ ରାଜା ଚକ୍ର ଟଙ୍କା ଦେବା ପ୍ରସଙ୍ଗ ତେଜିଲା**

ଭୁବନେଶ୍ୱର,୪।୪
(ରବିନାରାୟଣ ଜେନା)

ଭାଜପା ରାଜ୍ୟ ମୁଖ୍ୟଙ୍କ ଖାତାକୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜା ଚକ୍ର ଦେଇଥିବା ନେଇ ତାଙ୍କ ଓକିଲ ଗଣମାଧ୍ୟମ ସମ୍ମୁଖରେ ମନ୍ତବ୍ୟ ଦେବା ପରେ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜା ଚକ୍ରଙ୍କଠାରୁ ୧କୋଟି ୩୩ ଲକ୍ଷ ଟଙ୍କା ଭାଜପା ନେଇଛି। ରାଜାଙ୍କଠାରୁ କେବଳ ଭାଜପା ଏବେ ଟଙ୍କା ନେଇଛି ତାହା ନୁହେଁ, ପୂର୍ବରୁ ବିଜେଡି ସରକାର ବିପୁଳ ପରିମାଣର ଚାନ୍ଦା ନେଇଛନ୍ତି।

ତାରା କହିଛନ୍ତି, କେବଳ ରାଜା ଚକ୍ର ନୁହନ୍ତି, ବିଶିଷ୍ଟ ଖଣି ବ୍ୟବସାୟୀ ପ୍ରଭାକରନ୍‌ଙ୍କଠାରୁ ଭାଜପା କେତେ ଟଙ୍କା ନେଇଛି ତାହା ସ୍ପଷ୍ଟ କରୁ। ପ୍ରଭାକରନ୍ କିଭଳି ଅନାୟାସରେ ତାଙ୍କ ସାମ୍ରାଜ୍ୟ ରାଜ୍ୟରେ ଚଳାଉଛନ୍ତି ଏବଂ ଏହାପଛରେ କାହାର ହାତ ରହିଛି ତାହା ଲୋକଲୋଚନକୁ ଆସିବା ଦରକାର। ପ୍ରଭାକରନ୍ କେତେ ଖଣି ଲିଜ୍ ନେଇଛନ୍ତି, କେତେ ରାଜସ୍ୱ ସରକାରଙ୍କୁ ଦେଇଛନ୍ତି, କେତେ ଠକିଛନ୍ତି ତା'ର ତଦନ୍ତ ହେବାର ଆବଶ୍ୟକତା ରହିଛି। ପ୍ରଭାକରନ୍ ପୂର୍ବରୁ ବିଜେଡିର ଡାହାଣ ହାତ ଥିଲେ, ଏବେ ସେ ଭାଜପାର ଡାହାଣ ହାତ ହୋଇଛନ୍ତି। ତେଣୁ ବିଜେଡି-ଭାଜପା ସଲାସୁତରାରେ ଖଣି ଲୁଟ୍ ହେଉଛି, ସିଏଜିଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି, ଏହି ପ୍ରସଙ୍ଗ ବିଧାନସଭାରେ ବହୁ ଥର ଉଠିଥିଲା। ସେତେବେଳେ ମୁଁ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସ୍ୱର ଉଠାଇଥିଲୁ। ବର୍ତ୍ତମାନ ସେ ସରକାରରେ ଥାଇ ପ୍ରମାଣ କରିଛନ୍ତି ଯେ, କୋଟି କୋଟି ଟଙ୍କା ନେଉଛନ୍ତି। ଓଡ଼ିଶାରେ ଯେତେ ଖଣି ଖାଦାନ ଅଛି ତାକୁ ପ୍ରଭାକରନ୍‌ଙ୍କ ପାଖରେ ବିକି ଦେଇଛନ୍ତି। ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ହେବ। ସେ ପୁଣି କହିଛନ୍ତି,



କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପିସିସି ପୂର୍ବତନ ସଭାପତି ପ୍ରସଦ ହରିଚନ୍ଦନ ଓ ବିଧାୟକ ତାରାପ୍ରସାଦ ବାହିନୀପତି।

**ସ୍ପଷ୍ଟୀକରଣ ରଖିଲେ ମନମୋହନ**

ସିବିଆଇ ହେଉଛି ଭାଜପାର ଚାଟୁକର। ତେଣୁ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ଏହାର ତଦନ୍ତ କରାଯାଉ। ଯଦି ସରକାର ଏହା ନ କରିବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ତାରା କହିଛନ୍ତି।

ଏହାର ଜବାବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆମ ଦଳ ହେଉଛି ଖୋଲା ବହି। ଆମ ନେତା ମଧ୍ୟ ଖୋଲା। ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ନେଇ ଯାଞ୍ଚ କରନ୍ତୁ। ସବୁ ସତ ଜାଣିପାରିବେ। ଦଳର ଭାବମୂର୍ତ୍ତି ବହୁ ତ୍ୟାଗ ଓ ତପସ୍ୟାରେ ତିଆରି ହୋଇଛି। ମନ୍ତବ୍ୟ ଦେବା ପୂର୍ବରୁ ଏସବୁ ଦେଖିବାର ରହିଛି। ଗଣମାଧ୍ୟମ ତା'ର ବିଶ୍ୱସନୀୟତା ବଜାୟ ରଖୁ ବୋଲି ମନମୋହନ କହିଛନ୍ତି।

# ତଦନ୍ତକୁ ବାଟବଣା ପାଇଁ ଉଦ୍ୟମ: ଅଞ୍ଜନ ବେଜ୍

କେନ୍ଦୁଝର,୪।୪(ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତା ଘଟଣା**

କେନ୍ଦୁଝର ଜିଲା ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋଅପରେଟିଭ ସୋସାଇଟିରେ ଆର୍ଥିକ ଅନିୟମିତତା ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ରାଜା ହାଜର ସମୟରେ ତାଙ୍କ ଓକିଲ ଗଣମାଧ୍ୟମ ଆଗରେ ବିସ୍ଫୋରକ ବୟାନ ଦେଇ ଅନିୟମିତତା ଘଟଣାରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବା ମତ ଦେଇଥିଲେ, ଯାହା ଜିଲା ସମେତ ରାଜ୍ୟ ରାଜନୀତିକୁ ହଲ୍‌ଚଲ୍ କରିଦେଇଛି। ଏଭଳି ବୟାନକୁ ନେଇ ଭାଜପା ନେତା ଅଞ୍ଜନ ବେଜ ଶୁକ୍ରବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସ୍ପଷ୍ଟୀକରଣ ରଖି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କେବଳ ତଦନ୍ତକୁ ବାଟବଣା କରିବାକୁ ଏଭଳି ଉଦ୍ୟମ କରାଯାଉଛି। ଇଓଡବ୍ଲ୍ୟୁ ପାଖରେ ସବୁ ତଥ୍ୟ ଅଛି। ସତ କ'ଣ ତଦନ୍ତକାରୀ ସଂସ୍ଥା ଜାଣିଛି। ମିଥ୍ୟା କାହାଣୀ କହି ସାଧାରଣ ଲୋକଙ୍କୁ ଓ ତଦନ୍ତକାରୀ ସଂସ୍ଥାକୁ ଭ୍ରମିତ କରାଯାଉଛି। ସେ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ଏଜେନ୍ସିର ସମ୍ପାଦକ ଥିଲେ। ପରବର୍ତ୍ତୀ ସମୟରେ ଏଜେନ୍ସି ଅନ୍ୟମାନଙ୍କ ହାତକୁ ଚାଲିଯାଇଥିଲା। ରାଜା ଚକ୍ର କ୍ଷମତା ଉପଭୋଗ କରୁଥିଲେ, ଯାହାକି ତଦନ୍ତକାରୀ ସଂସ୍ଥା ମଧ୍ୟ ଆଗରୁ ଗଣମାଧ୍ୟମକୁ କହିସାରିଛି। ସେଠାରେ ମିଥ୍ୟା ଦସ୍ତଖତରେ ସମସ୍ତ ରିଜୋଲୁଶନ ପାସ୍ ହୋଇଥାଏ ବୋଲି ଗୁରୁତର ତଥ୍ୟ ଖୁଲାସା କରିବା ସହ କୁହାଯାଉଥିବା ଟଙ୍କା ଦେଣନେଣ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ।

ଉଲ୍ଲେଖଯୋଗ୍ୟ ଯେ, ରାଜାଙ୍କ ଓକିଲ କହିଥିଲେ ଯେ, ଭାଜପା ସରକାର ୨୦୨୪ ଜୁନ୍‌ରେ ଶପଥ ନେବା ବେଳେ ସୋସାଇଟିକୁ ୧୪ ଲକ୍ଷ ଟଙ୍କା ମଗାଯାଇଥିଲା। ଏହା ପରେ ସୋସାଇଟି କର୍ତ୍ତୃପକ୍ଷ ୧୪ ଲକ୍ଷ ଟଙ୍କା ଦେଇଥିଲେ। ଏହା ସହ ଶପଥଗ୍ରହଣ ଉତ୍ସବ ପରେ ଭାଜପା ନେତା ଅଞ୍ଜନ ବେଜ୍ ଓ ସୁଶାନ୍ତ ବାରିକ୍ ସୋସାଇଟି କର୍ତ୍ତୃପକ୍ଷଙ୍କୁ ପୁଣି ଥରେ ଭାଜପା ରାଜ୍ୟ ମୁଖ୍ୟଙ୍କୁ ଟଙ୍କା ଦେବାକୁ ଦାବି କରିଥିଲେ। ପରେ ଭାଜପା ରାଜ୍ୟ ମୁଖ୍ୟଙ୍କ ନାମରେ ସୋସାଇଟି ପକ୍ଷରୁ ୧ କୋଟି ୩ ଲକ୍ଷ ଟଙ୍କା ପଠାଯାଇଥିବା ରାଜାଙ୍କ ଓକିଲ କହିଛନ୍ତି।।

# ପୋଲିସ କାର୍ଯ୍ୟଶୈଳୀ ତଦନ୍ତସାପେକ୍ଷ: କଂଗ୍ରେସ

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

**ବିଜେଡି-ଭାଜପା ମିଳିମିଶି ଖଣି ଲୁଟୁଛନ୍ତି**

ରାଜ୍ୟରେ ପୋଲିସ ଡିଜି ରାଜନୈତିକ କର୍ମୀଙ୍କ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଆଇନ ଶୃଙ୍ଖଳାର ଦ୍ୱାହି ଦେଇ ପୋଲିସ ରାଜନୀତି କରୁଛି ବୋଲି ପୂର୍ବତନ ପିସିସିସଭାପତିପ୍ରସାଦହରିଚନ୍ଦନକହିଛନ୍ତି।

ଶୁକ୍ରବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଥିଲେ, ନାରୀ ସୁରକ୍ଷା ପାଇଁ ସ୍ୱର ଉଠାଇବାରୁ ୧୪ କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଗଲା। ବିଧାନସଭା ୨୧୬ ନିୟମାବଳୀ କହୁଛି, ବିଧାନସଭା ଅଧିବେଶନ ନ ଥିବାବେଳେ ବାଚସ୍ପତିଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ଯଦି କଂଗ୍ରେସ ବିଧାୟକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କଲେ ତେବେ ତାଙ୍କୁ ପୋଲିସ ଲଗେଇ ବିଧାନସଭା ଗୃହରୁ କାଢ଼ିବା କେତେଦୂର ଯୁକ୍ତିଯୁକ୍ତ। ବାଚସ୍ପତି ଯଦି ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇନାହାନ୍ତି ତେବେ ପୋଲିସ କେମିତି ଗୃହ ଭିତରକୁ ପ୍ରବେଶ କଲା ତା'ର ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସିଏଜିଙ୍କ ପକ୍ଷରୁ ଯେଉଁ ଖଣିଜ ସମ୍ପଦ ଲୁଟ୍ କଥା ଅବତାରଣା କରାଯାଇଛି ସେଥିରୁ ପୂର୍ବ ସରକାରଙ୍କ ଖଣି ଚୋରି ସ୍ପଷ୍ଟ ଜଣାପଡୁଛି। ଏବେ ବି ବହୁ ଖଣି ମାଫିଆ ସରକାରଙ୍କୁ ଅନେକ ହଜାର କୋଟିଟଙ୍କାର ରାଜସ୍ୱ ଦେଇ ନାହାନ୍ତି। ଶାହା କମିଶନ ଖଣି ମାଲିକଙ୍କଠାରୁ ଯେଉଁ ଦେଢ଼ଲକ୍ଷ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ରିପୋର୍ଟ ଦେଇଥିଲେ ତାହା କୁଆଡ଼େ ଗଲା ? ବିଜେଡି ଓ ଭାଜପା ଦୁହେଁ ମିଳିମିଶି ଖଣି ଓ ରାଜ୍ୟବାସୀଙ୍କୁ ଲୁଟୁଛନ୍ତି ବୋଲି ସେ କହିଥିଲେ।

# କଂଗ୍ରେସର ୩୪ ସାଙ୍ଗଠନିକ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୪।୪
(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କଂଗ୍ରେସର ୩୪ ଗୋଟି ସାଂଗଠନିକ ଜିଲା ନିମନ୍ତେ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ନିମନ୍ତେ ଲଲାଟେନ୍ଦୁ ଦାସ ଓ ଅନିମା ମିଞ୍ଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର ପାଇଁ ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼ ଲାଗି ଘାସିରାମ ମାଝୀ ଓ ଫାରୁକ୍ ମହମ୍ମଦ, ଭଦ୍ରକ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୂରଭଞ୍ଜ) ରହିଛନ୍ତି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ପାଇଁ ଡ. ଦେବାଶିଷ ପଟ୍ଟନାୟକ, ବଲାଙ୍ଗୀର- ନୀଳମାଧବ ହିକ୍କା ଓ ମନୋଜ ବିଶ୍ୱାଳ, ବୌଦ୍ଧ-ସଂଗ୍ରାମ କେଶରୀ ମହାନ୍ତି, କଟକ-ଡ. ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିମାଂଶୁ ଲେଙ୍କା, ଦେଓଗଡ଼-ସଂଗ୍ରାମ କେଶରୀ ଦାସ, ଢେଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତ୍‌ସିଂହପୁର-ରାଜକିଶୋର ବାରିକ ଓ ସିଦ୍ଧାର୍ଥ ମହାନ୍ତି, ଯାଜପୁର- ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି-ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ-ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା- ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା-ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗ, ମୟୂରଭଞ୍ଜ (ପୂର୍ବ)- ଯଶୋବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୂରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି-ବିଧାୟକ ପବିତ୍ର ସାଉଁତା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର- ବଳଭଦ୍ର ମାଝୀ ଓ ପୁରୁଷୋତ୍ତମ ଗୁପ୍ତା, ନୂଆପଡ଼ା-ମୁରଲୀଧର ନାୟକ, ନୟାଗଡ଼- ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ-ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା- ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା- ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର- ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର- ରତିକାନ୍ତ କାନୁନ୍‌ଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼-ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସ୍ଥଗିତ

ମହାକାଳପଡ଼ା, ୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଶାସକ ଦଳର ୪୧ ପଞ୍ଚାୟତ ପ୍ରତିନିଧିମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଅଭିଯୋଗକୁ ଭିତ୍ତିକରି ଆଇନଗତ ତର୍ଜମା ଓ ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ଲକ ସଭା ଗୃହରେ ଅନାସ୍ଥା ପ୍ରସ୍ତାବ ଉପରେ ବୈଠକ ପାଇଁ ସ୍ଥିରୀକୃତ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା। ହେଲେ ବ୍ଲକର ୯ ଜଣ ପଞ୍ଚାୟତ ପ୍ରତିନିଧି ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଶନିବାର ଅନାସ୍ଥା ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଉପଜିଲାପାଳ ଏମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ଶନିବାର ସ୍ଥିରୀକୃତ ହୋଇଥିବା ଅନାସ୍ଥା ପ୍ରସ୍ତାବ ବୈଠକକୁ ଚିଠି ନଂ. ୪୨୭୬/ ୪।୪।୨୫ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରହିଲା ବୋଲି ଉଲ୍ଲେଖ କରିଛନ୍ତି। ଏହାର ଏକ କିତା ନକଲ ବିଡିଓଙ୍କୁ ଚିଠି ନଂ. ୪୨୭୭ ପ୍ରକାଶ ପାଇଥିଲା। ଏ ନେଇ ଚିଠି ନଂ. ୪୨୭୮ ତହସିଲଦାର ମହାକାଳପଡ଼ାଙ୍କୁ ପ୍ରେରଣ କରାଗଲା ବୋଲି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ଅପରାଧ

# ଶଳା ଆଗରେ ଭିଣୋଇଙ୍କୁ ହତ୍ୟା

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)/
ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା), ୪।୪

- ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ସନ୍ଦେହ
- ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ ଗଠନ : ଡିସିପି

ଶଳା ଆଗରେ ଭିଣୋଇଙ୍କୁ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁରରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ହତ୍ୟାର ଶିକାର ବ୍ୟକ୍ତି ହେଲେ ଜଟଣୀ ଥାନା ଅଧୀନ ବିକାଶ ନଗର ନଟିମଙ୍ଗଳା ଅଞ୍ଚଳର ରାକେଶ ଦଳେଇ ଓରଫ ମାନସ (୪୧)। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବାବେଳେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମାନସଙ୍କ ମୃତଦେହକୁ ଏମ୍ସରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ହତ୍ୟା ମାମଲା (ନଂ.୧୫୦/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ଗୋଟିଏ ମୋବାଇଲ, ଗାଡି ଚାବି ପେନ୍ଥା, ଦୁଇ ହଳ ଚପଲ, ଗୋଟିଏ କାର ଏବଂ ଗୋଟିଏ ଇଲେକଟ୍ରିକ୍ ସ୍କୁଟିକୁ ଜବତ କରିଛି। ତେବେ ମୃତ ମାନସଙ୍କ ନାମରେ ଏନ୍‌ଡିପିଏସ୍, ବଟି ଆଦାୟ ଭଳି ଏକାଧିକ ମାମଲା ରହିଥିବା ପୋଲିସ କହିଛି।

ସୂଚନାନୁସାରେ, ମୃତ ମାନସଙ୍କ ସହ ଜଟଣୀ ଅଞ୍ଚଳର ଏକ ଗୋଷ୍ଠୀର ପୂର୍ବ ଶତ୍ରୁତା ରହିଥିଲା। ଅନେକ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେଉଥିଲେ। ପ୍ରତିପକ୍ଷ ଗୋଷ୍ଠୀ ମାନସଙ୍କୁ ବାରମ୍ବାର ଧମକ ଦେଉଥିଲା। ଗୁରୁବାର ମଧ୍ୟ ଉକ୍ତ ଗୋଷ୍ଠୀର ସଦସ୍ୟଙ୍କ ସହ ମାନସଙ୍କର ଫୋନରେ ବଚସା ହୋଇଥିଲା। ଏହି ସମୟରେ ସେମାନେ ମାନସଙ୍କୁ ଉତ୍ତେଜିତ କରିବା ସହ ଜଟଣୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଷଣ୍ଢପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟକୁ ଆସିବାକୁ ଡାକିଥିଲେ। ରାତି ୧୨ଟା ୩୦ ପରେ ମାନସ ନିଜ କାରରେ ସେଠାକୁ ଯାଇଥିଲେ। ସେଠାରେ ଉକ୍ତ ଗୋଷ୍ଠୀର ଏକାଧିକ ବ୍ୟକ୍ତି ପୂର୍ବରୁ ଉପସ୍ଥିତ ଥିଲେ। ସେଠାରେ କୌଣସି କାରଣକୁ ନେଇ ମାନସଙ୍କର ଉକ୍ତ ଗୋଷ୍ଠୀଙ୍କ ସହ ଝଗଡା ହୋଇଥିଲା। ମାନସ ଏକୁଟିଆ ଥିବାରୁ ଭୟଭୀତ ହୋଇଯାଇଥିଲେ। ତେଣୁ ମାନସ ତୁରନ୍ତ ତାଙ୍କ ଶଳାଙ୍କୁ ଫୋନ୍ କରି ସେଠାକୁ ଡକାଇଥିଲେ।



ରାକେଶ ଦଳେଇ

ଏହାପରେ ମାନସଙ୍କ ଶଳା ମଧ୍ୟ ଏକ ସ୍କୁଟି ଯୋଗେ ସେଠାକୁ ଯାଇଥିଲେ। ସେତେବେଳକୁ ଦୁର୍ବୃତ୍ତମାନେ ମାନସଙ୍କୁ ମାଡ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତମାନେ ମାନସଙ୍କ କାନମୁଣ୍ଡା ସହ ଶରୀରର ବିଭିନ୍ନ ଅଙ୍ଗକୁ ଧାରୁଆ ଅସ୍ତ୍ରରେ ହାଣି ଚାଲିଥିଲେ। ଏଥିରେ ଭୟଭୀତ ହୋଇ ମାନସଙ୍କ ଶଳା ଘଟଣାସ୍ଥଳରୁ ପଳାଇଆସି କିଛି ସମୟ ପରେ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ମାନସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ସେଠାରେ ମାନସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ବଟି ଆଦାୟକୁ ନେଇ ବୋମାମାଡ଼ ଓ ଖଣ୍ଡାରେ ଆକ୍ରମଣ ଘଟଣା ଘଟିଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରାତିରେ ଏହି ହତ୍ୟା ଘଟଣା ଭୟର ବାତାବରଣ ସୃଷ୍ଟି କରିଛି।

# ଲୋଭ, ଭୟରୁ ସାଇବର ଜାଲରେ ଫସୁଛନ୍ତି

ବ୍ରହ୍ମପୁର,୪।୪(ସୁବାସ ଚନ୍ଦ୍ର ପାଢ଼ୀ)

**ବ୍ରହ୍ମପୁରରେ ୨ ମାସରେ ଅଢ଼େଇ କୋଟି ଲୁଟ**

ମୋବାଇଲରେ କାହାକୁ ଫୋନ କଲେ ରିଂ ହେବା ବଦଳରେ ଶୁଣାଯାଉଛି ସାଇବର୍ ସଚେତନତା ବାର୍ତ୍ତା। କୌଣସି ବ୍ୟକ୍ତି ଯଦି ଫୋନ କରି କିମ୍ବା କୌଣସି ସୋସିଆଲ ମିଡିଆରେ ଲଟେରି ଜିତିବା, ଋଣ ମଞ୍ଜୁର ହେବା, କମ୍ ସମୟରେ ଟଙ୍କା ଉପାର୍ଜନ କରିବା ଭଳି ଲୋଭନୀୟ ଅଫର୍ ଦିଅନ୍ତି, ତୁରନ୍ତ ଅଭିଯୋଗ କରିବାକୁ ସଚେତନତା ବାର୍ତ୍ତା ଶୁଣିବାକୁ ମିଳୁଛି। ତଥାପି ଲୋକେ ଚେତୁନାହାନ୍ତି। ଏହାର ଫାଇଦା ନେଉଛନ୍ତି ସାଇବର୍ ଠକ। ବିଭିନ୍ନ ମାଧ୍ୟମରେ ସେମାନେ ଜାଲ ବିଛାଇ ଲୋକଙ୍କୁ ଫସାଇ ବହୁ କୋଟି ଟଙ୍କା ନେଇ ଯାଉଛନ୍ତି। ବ୍ରହ୍ମପୁର ସହରରୁ ଗତ ଦୁଇମାସ ମଧ୍ୟରେ ସାଇବର୍ ଅପରାଧୀ ପ୍ରାୟ ୨ କୋଟି ୬୭ ଲକ୍ଷ ଟଙ୍କା ନେଇ ସାରିଲେଣି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଶିକ୍ଷିତ ବର୍ଗର ଲୋକଙ୍କଠାରୁ ଅଧିକ ପରିମାଣର ଠକେଇ ହୋଇଛି। ଏପରିକି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କଠାରୁ ମଧ୍ୟ ସାବବର ଠକ ଲକ୍ଷାଧିକ ଟଙ୍କା ନେଇଯିବାରେ ସକ୍ଷମ ହୋଇଛନ୍ତି। ସହରରେ ସାଇବର୍ ଅପରାଧ ବଢ଼ିବାରେ ଲାଗିଛି। ପୂର୍ବରୁ ସାଇବର୍ ଠକମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବା, ଏଟିଏମ୍ କାର୍ଡ ବ୍ଲକ୍ ହୋଇଯିବା, ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯିବା, କେୱାଇସି ଅପଡେଟ ସହିତ ବିଭିନ୍ନ ବ୍ୟାଙ୍କର ଅନଲାଇନ ସେବାକୁ ଜାରି ରଖିବା ନାଁରେ ଟଙ୍କା ଠକେଇ କରୁଥିଲେ। କିନ୍ତୁ ବର୍ତ୍ତମାନ ଅଧିକାଂଶ ଠକେଇ ଅନ୍‌ଲାଇନ ଟ୍ରେଡିଂ ଜରିଆରେ ହେଉଛି। ସେହିପରି 'ଡିଜିଟାଲ ଆରେଷ୍ଟ' ନାମରେ ଏକ ଭିନ୍ନ ଧରଣର ଠକେଇର ଜାଲ ତିଆରି କରିଛନ୍ତି ସାଇବର୍ ଠକ। ଏହି ଠକେଇର ଜାଲରେ ପଡି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦାଶ ୧୪ଲକ୍ଷ ହରାଇଛନ୍ତି। ସେହିପରି କମ୍ ସୁଧରେ ଋଣ କରାଇ ଦେବା ଓ ଗିଫ୍ଟ ପାର୍ସଲ ମିଳିବା ନାଁରେ ମଧ୍ୟ ଏକାଧିକ ଠକେଇ ହୋଇଥିବା ନଜରକୁ ଆସିଛି। ଚଳିତବର୍ଷ ମାତ୍ର ୨ ମାସରେ ସାଇବର୍ ଠକ ଅଢ଼େଇ କୋଟିରୁ ଅଧିକ ଟଙ୍କା ଠକେଇ କରି ସାରିଲେଣି। ଏନେଇ ସାଇବର୍ ଥାନାରେ ୧୪ଟି ମାମଲା ରୁଜୁ ହୋଇଛି। ଗତବର୍ଷ ୨୯ଟି ମାମଲା ରୁଜୁ ହୋଇଥିବାବେଳେ ୨ କୋଟି ୪୬ ଲକ୍ଷ ଟଙ୍କା ସାଇବର ଲୁଟ ହୋଇଥିଲା। ଅବଶ୍ୟ ବିଭିନ୍ନ ସମୟରେ ପୋଲିସ ସାଇବର୍ ଠକଙ୍କ ଆକାଉଣ୍ଟ ଫ୍ରିଜ କରି କିଛି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି। ଅଧିକ ଲୋଭ ଓ ଭୟ ଯୋଗୁ ଲୋକେ ଠକେଇର ଶିକାର ହେଉଛନ୍ତି। କମ ସମୟରେ ଅଧିକ ଉପାର୍ଜନ ହିଁ ଏହାର ପ୍ରମୁଖ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ଦିଗରେ ସଚେତନ ହେଲେ ଏଭଳି ଠକେଇକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଅନ୍‌ଲାଇନ ଟ୍ରେଡିଂ ନାଁରେ ସ୍ୱରୂପ କୁମାର ଦାଶ ୭୪ ଲକ୍ଷ ୮୦ ହଜାର ଟଙ୍କା, ଦୁର୍ଯ୍ୟୋଧନ ବେହେରା ୫୮ ଲକ୍ଷ ୨୪ହଜାର ୯୨୦ଟଙ୍କା ହରାଇଛନ୍ତି। ସେହିପରି ସାଇବର ଠକ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ଗୀତାଞ୍ଜଳି ସାହୁଙ୍କଠାରୁ ୩୪ ଲକ୍ଷ ୫୦ ହଜାର ଓ କୁଳପତି ଗୀତାଞ୍ଜଳି ଦାଶଙ୍କଠାରୁ ୧୪ ଲକ୍ଷ ଠକି ନେଇଥିବା ସାଇବର ଥାନା ପକ୍ଷରୁ ସୂଚନା ମିଳିଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

କେନ୍ଦୁଝର,୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

- ଚାକିରି ଦେବା ନାମରେ ଠକେଇ ମାମଲା
- ଅଭିଯୁକ୍ତଙ୍କ ଢାବା, ଘରେ ଚଢ଼ାଉ

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି ଦେବା ନାଁରେ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମିଳା ପରିଡ଼ାଙ୍କୁ ଟାଉନ ପୋଲିସ ୨ ଦିନିଆ ରିମାଣ୍ଡରେ ନେଇଛି। ଏଥିସହ ପୋଲିସ ପ୍ରମିଳାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉକରି ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଥିରେ ଡାକ୍ତରଖାନା କର୍ମଚାରୀ ସମ୍ପୃକ୍ତି ନେଇ ମଧ୍ୟ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମାଷ୍ଟରମାଇଣ୍ଡ ପ୍ରମିଳାଙ୍କୁ ମାର୍ଚ୍ଚ ୨୭ରେ ପୋଲିସ ଗିରଫ କରିଥିଲା। ଗିରଫ ପରେ ତାଙ୍କ ଠକେଇର ଗୋଟିଏ ପରେ ଗୋଟିଏ ଫର୍ଦ୍ଦ ଖୋଲିବାରେ ଲାଗିଛି। ପ୍ରତିଦିନ ଠକେଇର ଶିକାର ଲୋକେ ଥାନାକୁ ଆସି ଅଭିଯୋଗ କରୁଛନ୍ତି। ଶୁକ୍ରବାର ପୋଲିସ ପ୍ରମିଳାଙ୍କୁ ରିମାଣ୍ଡରେ ନେଇଥିବା ବେଳେ ତାଙ୍କ ଅମୃତବିହାରସ୍ଥିତ ଘରେ ଚଢ଼ାଉ କରିଥିଲା। ଏଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏକ ବସ୍ତାରେ ଭର୍ତ୍ତି ଦରଖାସ୍ତ, ଏକ ଡାଏରୀ, ସୁନା ନେଇ ଲୋନ୍ ଦେଉଥିବା ବ୍ୟାଙ୍କରେ ଥିବା ଏକ ଲକର ପାଇଛି। ଏଥିସହ ପ୍ରମିଳା କରିଥିବା ଏକ ଢାବାକୁ ତଦନ୍ତ ପରିସରଭୁକ୍ତ କରାଯାଇ ଚୌକି, ସୋଫା ଆଦିକୁ ପୋଲିସ ଜବତ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତାଙ୍କୁ ୨ ଦିନିଆ ରିମାଣ୍ଡରେ ଅଣାଯାଇ ତଦନ୍ତ ଚାଲିଛି। ଚଢ଼ାଉ କରି ବହୁ କାଗଜପତ୍ର, ଦସ୍ତାବିଜ ଆଦି ଜବତ ସହ ଏହି ପଇସାରେ ଖୋଲିଥିବା ଢାବାର ସମସ୍ତ ସାମଗ୍ରୀ ଜବତ କରାଯାଇଛି। ଶନିବାର ମଧ୍ୟ ତଦନ୍ତ ଜାରି ରହିବ। ଠକେଇରେ ଯେଉଁମାନେ ସମ୍ପୃକ୍ତ, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ।

ସୂଚନାଯୋଗ୍ୟ, ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ପ୍ରମିଳା ଓ ସହଯୋଗୀ ଭୁବନ ମହାନ୍ତ ୬୦ରୁ ଊର୍ଦ୍ଧ୍ୱ ବେକାର ଯୁବତୀ, ଯୁବକଙ୍କଠାରୁ ଚାକିରି କରାଇଦେବା ନାଁରେ ୭୫ ଲକ୍ଷ ଠକି ନେଇଥିବା ଅଭିଯୋଗ ହୋଇଛି। ମୁଖ୍ୟ ଅଭିଯୁକ୍ତ କିଭଳି ଉପାୟରେ ଟଙ୍କା ଆଦାୟ କରୁଥିଲେ, ଚୋରାରେ ତା'ର ଏକ ଭିଡିଓ କରି ଠକାମିର ଶିକାର ଜଣେ ଯୁବକ ପୋଲିସ ଓ ଗଣମାଧ୍ୟମକୁ ଦେଇଛନ୍ତି। ଏହି ଦୁର୍ନୀତିରେ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ କର୍ମଚାରୀ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଛି। ପୋଲିସର ତଦନ୍ତ ପରେ ଏ ସମ୍ପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି।

# ଖଣ୍ଡଗିରି ଅଞ୍ଚଳରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୪।୪
(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତକ ହେଲେ ବାଲେଶ୍ୱରର ସଂକଳ୍ପ ମହାନ୍ତି (୨୪)। ଛାତରୁ ତଳକୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଓଟିଭି ଡିଜିଟାଲ ସେଲ୍ସ ବିଭାଗରେ କାମ କରୁଥିଲେ। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସଂକଳ୍ପଙ୍କ ସହ ଉକ୍ତ ଘରେ ରହୁଥିବା ସାଙ୍ଗମାନଙ୍କୁ ପୋଲିସ ପଚରାଉଚରା କରୁଛି । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସାଙ୍ଗ ଗୁଳିରେ ସାଙ୍ଗ ମୃତ

ରାସୋଳ,୪।୪ (ସରୋଜ ମିଶ୍ର)

**ଶିକାର ପାଇଁ ଏକାଠି ଜଙ୍ଗଲକୁ ଯାଇଥିବା ବେଳେ ଅଘଟଣ**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା କଦଳୀପାଳ ଗ୍ରାମର ମାନପୁର ଗ୍ରାମ ନିକଟରେ ଗୁଳିକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ୫ଜଣ ସାଙ୍ଗ ଏକାଠି ପାଖ ଜଙ୍ଗଲକୁ ଶିକାର ପାଇଁ ଯାଇଥିବା ବେଳେ ସାଙ୍ଗକୁ ଜନ୍ତୁ ଭାବି ଜଣେ ସାଙ୍ଗ ଗୁଳି କରିଥିଲେ। ଫଳରେ ଘଟଣା ସ୍ଥଳରେ ବାବୁଲି ନାୟକ ଓରଫ କାଳିଆ (୪୦)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏହି ଘଟଣା ଘଟିଛି। କଦଳୀପାଳ ଗ୍ରାମର ସନ୍ତୋଷ ନାୟକ, ବାବୁଲି ନାୟକ, ପ୍ରଶାନ୍ତ ନାୟକ ଓ ସଦର ଥାନା ଅନ୍ତର୍ଗତ କୋତମ ଗ୍ରାମର ନରେଶ ସ୍ୱାଇଁ, ଦଣ୍ଡୁଆ ଦେହୁରୀ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ପ୍ରଶାନ୍ତ ନାୟକ ଜନ୍ତୁ ଭାବି ଗୁଳି ଚଳାଇଥିବା ବେଳେ ସାଙ୍ଗ ବାବୁଲି ନାୟକଙ୍କ ଦେହରେ ବାଜିଥିଲା। ରାତିରେ ବାବୁଲିଙ୍କ ଘରକୁ ଯାଇ କେହି ଜଣେ ତାଙ୍କ ସ୍ତ୍ରୀ ଝିଲି ନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। କୌଣସି ସୂତ୍ରରୁ ଗାଁ ଲୋକେ ମଧ୍ୟ ଖବରପାଇ ରାସୋଳ ଥାନାକୁ ଖବର ଦେଇଥିଲେ। ରାସୋଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅନ୍ୟ ୪ଜଣଙ୍କୁ ଗିରଫ କରିଛି। ଏଥିସହିତ କୋତମ ଗ୍ରାମର ପରମାନନ୍ଦ ଛତାର ବନ୍ଧୁକ ଯୋଗାଇଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପ୍ରଶାନ୍ତ ନାୟକଙ୍କୁ ଦଫା-୩୦୨ରେ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ୱାଇଲ୍ଡ ଆନିମଲ ପ୍ରୋଟେକ୍ସନ ଆକ୍ଟରେ ଗିରଫ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ କହିଛନ୍ତି, ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଗୁଳିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଗିରଫ ଅଭିଯୁକ୍ତମାନେ।

# ‘ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମ୍ବେଦନଶୀଳତା ଜରୁରୀ’

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍‌ଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଅନୁଷ୍ଠିତ ହେଉଛି ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍। ଏଥିରେ ଦେଶର ୧୫ ରାଜ୍ୟରୁ ୨ ମହିଳା ଓ ୫୨ ପୁରୁଷ ଖେଳାଳି ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ବାହାରୁ ସହଜ ମନେ ହେଉଥିଲେ ହେଁ ଏହି ଟୁର୍ନାମେଣ୍ଟରେ ନିୟମ ଅନୁସାରେ ଗୋଟି ଚାଳନା ଏବଂ ଅନ୍ୟାନ୍ୟ ଔପଚାରିକତା ପୂରଣ କେତେ ଯେ କଷ୍ଟକର ତାହା କେବଳ ପ୍ରତ୍ୟକ୍ଷଦର୍ଶୀ ଅନୁଭବ କରିପାରିବ। ଏହି ଖେଳାଳିଙ୍କ ମଧ୍ୟରୁ ଅନେକେ ଉଚ୍ଚଶିକ୍ଷିତ। ତେଣୁ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଆବଶ୍ୟକ ବୋଲି ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ଚେୟାରପର୍ସନ ଶିଳ୍ପୀ ସାହୁ। ‘‘ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମସ୍ତେ ସମ୍ବେଦନଶୀଳ ହେବା ଆବଶ୍ୟକ। ଦୃଷ୍ଟିଶକ୍ତି ନ ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ବୋଲି ପ୍ରମାଣିତ କରୁଛନ୍ତି। ଅନ୍ତର୍ଜାତୀୟ ଦୃଶ୍ୟପଟରେ ସେମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ପଦକ ହାସଲ କରୁଛନ୍ତି। ଏଠାରେ ଜାତୀୟ ଟୁର୍ନାମେଣ୍ଟରେ ଓଡ଼ିଶାର ୪ ଖେଳାଳି ଏଥିରେ ଖେଳୁଛନ୍ତି। ସେମାନେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ନାଁ କମାଇଛନ୍ତି। ଦୟା ନୁହେଁ, ଦୃଷ୍ଟିବାଧିତ ପିଲାମାନଙ୍କୁ କିପରି ସମବେଦନା ଭାବ ଦେଖାଯିବା ଆବଶ୍ୟକ ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଆମେ ସ୍କୁଲ ପିଲାମାନଙ୍କୁ ଶିଖାଇବାକୁ ଚାହୁଁଛୁ। ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ ପକ୍ଷରୁ ଅନୁରୋଧ ମିଳିବା ପରେ ଆମେ ପ୍ରଥମଥର ଆମ ସ୍କୁଲରେ ଏପରି ଏକ ଟୁର୍ନାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ନେଲୁ। ପାଠପଢ଼ା ସହ ସେମାନେ ଖେଳରେ ଯେ ଖୁବ୍ ପାରଙ୍ଗମ ତାହା ପ୍ରଦର୍ଶନ ମାଧ୍ୟମରେ ପ୍ରମାଣିତ କରିଛନ୍ତି’’ ବୋଲି ଶିଳ୍ପୀ ପ୍ରକାଶ କରିଛନ୍ତି।


ଶିଳ୍ପୀ ସାହୁ

### ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ

‘‘ସ୍କୁଲରେ ପିଲାମାନଙ୍କର ଅଲ୍‌ରାଉଣ୍ଡ ଅର୍ଥାତ୍ ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଫିଜିକାଲ ଫିଟ୍‌ନେସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସ୍କୁଲରେ ପିକେଲବଲ ଆରମ୍ଭ ହୋଇଯାଇଛି। ଇକ୍ୱେଷ୍ଟ୍ରିନ ସ୍ପୋର୍ଟ୍ସ ଆସନ୍ତା ବର୍ଷରୁ ଆରମ୍ଭ ହେବାକୁ ଯାଉଛି। ଏକ କ୍ରିକେଟ ଗ୍ରାଉଣ୍ଡ ଡେଭଲପ୍ କରାଯାଉଛି। ସେଠାରେ ଭଲ କୋଚ୍‌ଙ୍କ ମାଧ୍ୟମରେ ପିଲାଙ୍କୁ କୋଚିଂ ଦିଆଯିବ। ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରମ ଆଦି କ୍ରୀଡ଼ା ସହ ନବନିର୍ମିତ ଇନ୍‌ଡୋର ହଲ୍‌ରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ କ୍ରୀଡ଼ା ମଧ୍ୟ ଆରମ୍ଭ ହୋଇଛି। ଫିଫା ସାର୍ଟିଫାଏଡ୍ ଫୁଟବଲ ପଡ଼ିଆ ଉପଲବ୍ଧ ଅଛି। ଓଡ଼ିଶା ଏଫ୍‌ସି ସହିତ ଟାଏଅପ୍ ହୋଇଥିବାରୁ ସେମାନଙ୍କ କୋଚ୍ ଆମ ସ୍କୁଲ ପିଲାଙ୍କ ସହ ବାହାର ପିଲାଙ୍କୁ ମଧ୍ୟ ଉନ୍ନତ ମାନର କୋଚିଂ ଦେଉଛନ୍ତି। ପିଲାମାନଙ୍କୁ ପାଠ ସହ ଗୋ ମାତା ପ୍ରତି ଯତ୍ନଶୀଳ ହେବା ପାଇଁ ଆମେ ଏକ ଗୋଶାଳା ଆରମ୍ଭ କରିବାକୁ ଯାଉଛୁ। ଏହାଦ୍ୱାରା ପଶୁମାନଙ୍କ ପ୍ରତି ମଧ୍ୟ ପିଲାମାନଙ୍କର ସହାନୁଭୂତି ବଢ଼ିବ। ମୋଟାମୋଟି ଭାବେ ପାଠପଢ଼ା ସହ କ୍ରୀଡ଼ାର ଏକୀକରଣକୁ ଆମେ ଗୁରୁତ୍ୱଦେଉଛୁବୋଲିସେକହିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲରେ ଜାତୀୟ ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା


ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ଗୋଟି ଚାଳନା କରି ୬ଷ୍ଠ ରାଉଣ୍ଡ ମ୍ୟାଚର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲରେ ସମ୍ପ୍ରତି ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାଲିଥିବାବେଳେ ଶୁକ୍ରବାର ଜାତୀୟ ସ୍ତରର ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ, ଶୁଭେନ୍ଦୁ କୁମାର ପାତ୍ର, କର୍ନାଟକର କିଶନ ଗାଙ୍ଗୋଲି ଓ କୃଷ୍ଣ ଉଡୁପା, ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ, ସ୍ୱପ୍ନିଲ ଶାହା, ବୈଶାଳୀ ସାଲୱାକର, ଗୁଜରାଟର ଦର୍ପଣ ଇନାନି ଓ ମକୱାନା ଅଶ୍ୱିନ କେ.ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ‘‘ଟୁର୍ନାମେଣ୍ଟରେ ଭାଗ ନେଇଥିବା ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ବୁଦ୍ଧି ପ୍ରକୃତ ପ୍ରେରଣାଦାୟକ। ଚେସ୍ ଏପରି ଏକ ଖେଳ, ଯେଉଁଥିରେ ରଣନୀତି, ଧୈର୍ଯ୍ୟ ଓ ଦୃଢ଼ତା ଆବଶ୍ୟକ ଥାଏ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଚାମ୍ପିୟନମାନେ ଏହାକୁ ବଜାୟ ରଖିଛନ୍ତି’’ ବୋଲି ଚନ୍ଦ୍ରଭାନୁ ପ୍ରକାଶ କରିଛନ୍ତି।

### ଇନାନୀ ଏକକ ଅଗ୍ରଣୀ

ପ୍ରତିଯୋଗିତାର ୬ ରାଉଣ୍ଡ ଶେଷସୁଦ୍ଧା ଗୁଜରାଟର ଇନାନୀ ଦର୍ଶପ ୫.୫ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ ଓ କର୍ନାଟକର କିଶନ ଗାଙ୍ଗୋଲି ୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଦୁଇ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୪.୫ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୪ ପଏଣ୍ଟ ପାଇ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଶୁଭେନ୍ଦୁ କୁମାର ପାତ୍ର ୩.୫ ଓ ଦୀପକ କୁମାର ଭୋଇ ୨ ପଏଣ୍ଟ ପାଇଛନ୍ତି।

# ନକ୍ ଆଉଟ କାର୍ଯ୍ୟସୂଚୀ ଘୋଷିତ

**କଳାହାଣ୍ଡି କପ୍ କ୍ରିକେଟ**

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

ଓସିଏ ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ୨୦୨୫ର ନକ୍‌ଆଉଟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଶୁକ୍ରବାର ଘୋଷଣା କରାଯାଇଛି। ୫୦ଓଭର ବିଶିଷ୍ଟ ତଥା ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟରଫାଇନାଲ ଏପ୍ରିଲ ୬ରେ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଇକୋର୍ସା ଓ ଭୁବନେଶ୍ୱର ‘ବି’ ମଧ୍ୟରେ ଖେଳାଯିବ। ସେଦିନ କଟକ ‘ଏ’ ଓ ଭଦ୍ରକ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯିବ। ସେହିପରି ଏହି ଦିନ ବାରବାଟୀ ଷ୍ଟାଡିୟମରେ ତୃତୀୟ କ୍ୱାର୍ଟରଫାଇନାଲ ସୁନ୍ଦରଗଡ଼ ଓ ବାଲେଶ୍ୱର ମଧ୍ୟରେ ହେବ। ସନ୍ ସାଇନ୍ ଗ୍ରାଉଣ୍ଡରେ ରାଉରକେଲା ଓ ଭୁବନେଶ୍ୱର ‘ଏ’ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଦୁଇଟି ଯାକ ସେମିଫାଇନାଲ ଏପ୍ରିଲ ୭ରେ ହେବ। ପ୍ରଥମଟି ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କ୍ୱାର୍ଟରଫାଇନାଲ ୧ ଓ ୩ରୁ ବିଜେତାଙ୍କ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟଟି ବାରବାଟୀ ଷ୍ଟାଡିୟମରେ ୨ୟ ଓ ୪ର୍ଥ କ୍ୱାର୍ଟରଫାଇନାଲ ବିଜେତାଙ୍କ ମଧ୍ୟରେ ଖେଳାଯିବ। ଏପ୍ରିଲ ୯ରେ ଉଭୟ ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ଜଗମୋହନ ଉପସଭାପତି ନିର୍ବାଚିତ



ଓସିଏ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ଗହଣରେ ନବନିର୍ବାଚିତ ଉପସଭାପତି ଜଗମୋହନ ପଟ୍ଟନାୟକ।

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

କଟକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗମୋହନ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ଆସୋସିଏଶନର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟା କହିବାକୁଗଲେ ଏପ୍ରିଲ ୪ରେ ଶେଷ ହୋଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏହି ବୈଠକରେ ପଙ୍କଜ ଲୋଚନ ମହାନ୍ତି (ସଭାପତି), ସଞ୍ଜୟ ବେହେରା (ସମ୍ପାଦକ), ପ୍ରଭାତ କୁମାର ଭୋଳ (ଯୁଗ୍ମ ସମ୍ପାଦକ) ଓ ବିକାଶ ପ୍ରଧାନ (କୋଷାଧ୍ୟକ୍ଷ)ଙ୍କ ସମେତ ଓସିଏର ସମସ୍ତ ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ଥିଲେ।

# କିଟ୍ ମହିଳା କ୍ରିକେଟ ଦଳ କ୍ୱାର୍ଟରରେ


ଅଫିସିଆଲ୍‌ଙ୍କ ସହ କିଟ୍ ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

କିଟ୍ ବିଶ୍ୱବିଦ୍ୟାଳୟ ଏଠାରେ ଚାଲିଥିବା ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ମହିଳା କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରଥମ ଦଳ ଭାବେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ତୃତୀୟ ଦିବସରେ ଏହି ଦଳ ୨୩ ରନରେ ଶିବାଜୀ ୟୁନିଭର୍ସିଟିକୁ ହରାଇ ଦେଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହାୟତାରେ କିଟ୍ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତା ଏପ୍ରିଲ ୧୧ରେ ଶେଷ ହେବ। ଏଥିରେ ଦେଶର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କିଟ୍ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଗୋଟିଏ ଓଭରରେ ଦୁଇ ହାତରେ ବୋଲିଂ

**ନୂଆଦିଲ୍ଲୀ,୪।୪:** ଶ୍ରୀଲଙ୍କାର କାମିଣ୍ଡୁ ମେଣ୍ଡିସ ଗୁରୁବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ପାଇଁ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ। ପ୍ରଥମ ଆଇପିଏଲ୍ ମ୍ୟାଚରେ ସେ ଦୁଇ ହାତରେ ସ୍ପିନ ବୋଲିଂ କରିବାର ଦକ୍ଷତା ଦ୍ୱାରା ଉଭୟ ବ୍ୟାଟର ଓ ଫ୍ୟାନ୍ସଙ୍କୁ ଚକିତ କରିଛନ୍ତି। କେକେଆର୍ ଇନିଂସର ୧୩ତମ ଓଭରରେ ବୋଲିଂ କରିବାକୁ ଆସିଥିବା କାମିଣ୍ଡୁ ଡାହାଣ ହାତୀ ବ୍ୟାଟର ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ବାମହାତୀ ଅର୍ଥଡକ୍ସ ସ୍ପିନ ବୋଲିଂ କରିଥିଲେ। ରଘୁବଂଶୀ ପ୍ରଥମ ବଲରେ ସିଙ୍ଗଲ ନେଇଥିଲେ। ପରବର୍ତ୍ତୀ ବଲ ଖେଳିବାକୁ ବାମହାତୀ ବ୍ୟାଟର ଭେଙ୍କଟେଶ ଆୟାର ଷ୍ଟ୍ରାଇକ୍‌କୁ ଆସିଥିଲେ। ଏହା ଦେଖି କାମିଣ୍ଡୁ ଡାହାଣ ହାତୀ ଅଫ ସ୍ପିନ ବୋଲିଂ କରିଥିଲେ। ଓଭରର ତୃତୀୟ ବଲରେ ଅର୍ଦ୍ଧଶତକ କରିଥିବା ରଘୁବଂଶୀଙ୍କୁ ଆଉଟ୍ କରି ତାଙ୍କ ଆଇପିଏଲ୍ ପଦାର୍ପଣକୁ ସ୍ମରଣୀୟ କରିଥିଲେ। ନୂଆ ବ୍ୟାଟର ରିଙ୍କୁ ସିଂଙ୍କୁ ସେ ପୁଣି ଡାହାଣ ହାତରେ ଅଫ ସ୍ପିନ ବୋଲିଂ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମେଣ୍ଡିସ ଟେଷ୍ଟ ଇତିହାସର ପ୍ରଥମ କ୍ରିକେଟର ଭାବେ ପ୍ରଥମ ୮ ଟେଷ୍ଟରେ ପ୍ରତ୍ୟେକ ଥର ଅର୍ଦ୍ଧଶତକ ହାସଲ କରିଥିଲେ।

No.C-14

**CUTTACK MUNICIPAL CORPORATION**

**“e” PROCUREMENT NOTICE**

**Tender ID : 2025_ORULB_112127**

**Bid Reference No. MC(CMC)CTC_Div-I_No.1/2025-26**

**Tender Call Notice No. 4494 (PW) Date : 02.04.2025**

Name of Works : Civil Works
No. of Works : 14 Nos.
Bid Value : Rs.2.46 Lakh to Rs.47.41 Lakh
Period of Completion : One Calendar Month to Three Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on dt.04.04.2025 | 5.00 P.M. on dt.16.04.2025 | 11.00 A.M. on dt.21.04.2025 |

Tender Details : Can be seen from the procurement portal : www.tendersorissa.gov.in

Executive Engineer
City Div-I

OIPR-13031/11/0161/2425

**ODISHA COMPUTER APPLICATION CENTRE**
**OCAC EXPRESSION OF INTEREST**
Enq.No.:-OCAC-SEGP-INFRA-0035-2025-25043

**No.U-01:** Odisha Computer Application Centre (OCAC) invites Expression of Interest (EOI) from prospective bidders (‘Bidders’) for the setting up of an AI Lab for training and knowledge management at Gopabandhu Academy of Administration(GAA) in Odisha. For details please visit websites www.ocac.in & www.odisha.gov.in.

The bid shall be submitted in electronic mode only in the portal https://enivida.odisha.gov.in latest by **21.04.2025, 12.00 Noon.** OCAC reserves the right to accept/ reject any/ all bids without assigning any reason thereof.


**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

**OIPR-16003/11/0074/2425**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**

**No.g-01:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା ୧୮.୦୧.୨୦୨୫ ରିଖ ଦିନ ଜଗତପୁର ଥାନା ଅନ୍ତର୍ଗତ ଆଇ.ବି. ରୋଡ୍ ବଉଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଘରର ଶିଡି ପାହାଚରେ ଏକ ନବଜାତ ଶିଶୁପୁତ୍ର ପଡ଼ିଥିବାର ଉକ୍ତ ଘରେ ଭଡ଼ାରେ ରହୁଥିବା ଲୋକମାନେ ଦେଖିବାକୁ ପାଇଥିଲେ । ସେମାନେ ଘର ମାଲିକଙ୍କୁ ଫୋନ୍ ଯୋଗେ ଏ ସମ୍ପର୍କରେ ଜଣାଇବା ପରେ ଉକ୍ତ ଘର ମାଲିକ ଜଗତପୁର ଥାନାକୁ ଖବର ଦେଇଥିଲେ । ଏହାସହିତ ସେ ଶିଶୁଟିକୁ କଟକସ୍ଥିତ ବଡ଼ ଡାକ୍ତରଖାନାର ଏସ୍.ଏନ୍.ସି.ୟୁ. ୱାର୍ଡରେ ଚିକିତ୍ସା ପାଇଁ ପ୍ରବେଶ କରାଇଥିଲେ । ଶିଶୁଟି ୧୮.୦୧.୨୦୨୫ ଠାରୁ ୦୩.୦୨.୨୦୨୫ ରିଖ ପର୍ଯ୍ୟନ୍ତ ଚିକିତ୍ସା ଅବସ୍ଥାରେ ଥିଲା । ଏହି ବାବଦରେ ବଡ଼ ଡାକ୍ତରଖାନା ଅଧକ୍ଷ ଶିଶୁ ମଙ୍ଗଳ କମିଟି, କଟକଙ୍କୁ ଶିଶୁଟିର ଯତ୍ନ ଓ ସୁରକ୍ଷା ପାଇଁ ଜଣାଇଥିଲେ । ଶିଶୁଟି ବର୍ତ୍ତମାନ ସୁସ୍ଥ ହୋଇ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୦୨୬/୨୦୨୫, ତା ୦୩.୦୨.୨୦୨୫ ରିଖଠାରୁ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି । ଏହି ଶିଶୁଟିର ନାମ ସାଇସ୍ମୃତି । ଯଦି ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧ - ୨୫୦୯୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ.- ୯୭୭୭୬୪୪୦୬ କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ପରନ୍ତୁ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।



**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**
OIPR-33038/11/0018/2425

**DHARANIDHAR UNIVERSITY, KEONJHAR**

**Letter No.1051 / Dt. 03.04.2025**

**Advertisement**

**No.CAD-18** : Sealed tenders are invited from the Registered Man Power Service Providers/ Agencies through Registered/ Speed Post for providing man powers in Group D category under outsourcing mode for a period of one year from 01.05.2025 to 30.04.2026 at Dharanidhar University. The details of advertisement is available in our website https://dduniversity.ac.in.

The University authority reserves the right to cancel the advertisement at any time without assigning any reason thereof.

Last date : 22.04.2025 by 5.00 P.M.

Sd./- Registrar
Dharanidhar University, Keonjhar

OIPR-11126/11/0010/2425

**ଓଡ଼ିଶା POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT-V, BHUBANESWAR**

**ବିଜ୍ଞାପନ**

**କନେଷ୍ଟେବଳ ନମ୍ବର - ୭୩୩ ସନାତନ ବେହେରା**
**ପିତା - ହାଡ଼ିବନ୍ଧୁ ବେହେରା ଥାନା - ଫତେଗଡ଼**
**ଗ୍ରାମ - କୁଆହରା ଜିଲ୍ଲା - ନୟାଗଡ଼**
**ପୋଷ୍ଟ - ଜଗନ୍ନାଥ ପ୍ରସାଦ ପିନ୍ - ୭୫୨୦୭୭**

**No.D-04:-** ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣଙ୍କ ବିରୁଦ୍ଧରେ ଚାଲୁଥିବା ବିଭାଗୀୟ ତଦନ୍ତ ସଂଖ୍ୟା ୧୨/ତା.୨୯.୦୮.୨୦୨୪ ରେ ଆପଣଙ୍କୁ କାହିଁକି ଚାକିରିରୁ ବରଖାସ୍ତ କରାନଯିବ, ସେ ସମ୍ବନ୍ଧରେ ଲିଖିତ ଆକାରରେ ଜଣାଇବା ନିମନ୍ତେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ମେମୋ ସଂଖ୍ୟା ୧୩୦/ଓ.ଶି.ସୁ.ବ. (ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ) ତା.୨୭.୦୧.୨୦୨୫ ରିଖରେ ଆପଣଙ୍କ ଘରୋଇ ଠିକଣାରେ ଆପଣଙ୍କୁ ହସ୍ତାନ୍ତର ନିମନ୍ତେ ଏକ ସ୍ୱତନ୍ତ୍ର ପତ୍ରବାହକ ମାଧ୍ୟମରେ ପଠାଯାଇଥିଲା । ଆପଣ ସ୍ୱବାସ ଗୃହରେ ଅନୁପସ୍ଥିତ ରହିବା କାରଣରୁ ନୋଟିସକୁ ପତ୍ରବାହକ ଆପଣଙ୍କ ପିତାଙ୍କୁ ହସ୍ତାନ୍ତର କରି ଓ.ଶି.ସୁ.ବ. ର ମୁଖ୍ୟ କାର୍ଯ୍ୟାଳୟକୁ ଫେରିଆସିଥିଲେ । ପୁନର୍ବାର ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ଭାରତୀୟ ଡାକ ସେବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତା. ୧୦.୦୨.୨୦୨୫ ରିଖରେ ପ୍ରେରିତ ହୋଇଥିଲା । କିନ୍ତୁ ଆପଣ ଉକ୍ତ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ଗ୍ରହଣ କରିବା ସତ୍ତ୍ୱେ ଆପଣଙ୍କ ପକ୍ଷରେ ଲିଖିତ ଆକାରରେ କୌଣସି ଉତ୍ତର ଦେଇ ନାହିଁ କି, ନିଜ ଚାକିରିରେ ମଧ୍ୟ ଏପର୍ଯ୍ୟନ୍ତ ଯୋଗଦେଇନାହିଁ ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୦୭ (ସାତ) ଦିନ ମଧ୍ୟରେ ଆପଣ ଓ.ଶି.ସୁ.ବ. ର ମୁଖ୍ୟ କାର୍ଯ୍ୟାଳୟରେ ଆସି ଯୋଗଦାନ କରିବା ସହିତ ଆପଣଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିବା ବିଭାଗୀୟ ତଦନ୍ତ ସଂଖ୍ୟା ୧୨/ତା.୨୯.୦୮.୨୦୨୪ ସମ୍ବନ୍ଧରେ ଆପଣଙ୍କ ସପକ୍ଷରେ ଲିଖିତ ଆକାରରେ ଦାଖଲ କରିବେ । ଏଥିରେ ତ୍ରୁଟି କଲେ ଏକତରଫା ଭାବେ ଆପଣଙ୍କୁ ‘‘ଚାକିରିରୁ ବରଖାସ୍ତ’’ କରାଯିବ ।

**ସ୍ୱା./- ଦୁର୍ଗପତି (ଏସ୍.ଏ.ଜି.)**
**ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା**

OIPR-12029/11/0074/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)

No.O-07:

**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/42-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 42-2024-25/BPR | Road Works under MMSY-TRIP | 02 Nos. | From Rs.506.27 Lakhs to Rs.802.93 Lakhs | “A” Class, “Special” Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/42-2024-25/BPR | 11.04.2025 at 10.00 A.M. | 25.04.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

OIPR-25071/11/0078/2425 Sd./- Chief Construction Engineer, R.W.Circle, Berhampur

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.e-tender//1213//RWC//BAM//Dated 03.04.25

No.O-11:

**1st Corrigendum to Bid Identification No.Online Tender/39-2024-25/BPR**

1) The partial modification of Buildings works vide above Identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 10.04.2025 to 24.04.2025 upto 5.30 PM instead of 27.03.2025 to 10.04.2025 upto 5.30 P.M. |
| 2 | Last Date & Time of seeking tender clarification | :: | 22.04.2025 at 5.30 PM instead of 08.04.2025 at 5.30 P.M. |
| 3 | Date of opening of Technical Bid | :: | 25.04.2025 at 11.00 AM instead of 11.04.2025 at 11.00 AM |
| 4 | Date of opening of Financial Bid | :: | Will be intimated later on. |

All other contents will remain unchanged.

OIPR-25071/11/0082/2425 Sd./- Chief Construction Engineer, R.W.Circle, Berhampur

**ODISHA CONSTRUCTION CORPORATION LTD.**
(A Government of Odisha undertaking)
**OFFICE OF SENIOR MANAGER (MECH.)**
**KANUPUR GATE ERECTION PROJECT, BASUDEVPUR, KEONJHAR**
Qtr No.-D1, Kanupur Irrigation Colony, Basudevpur, Keonjhar - 758047, E-Mail : smmechkanupur@gmail.com

**Tender Call Notice No. : OCCL/KGEP/05/2024-25 Dated. 02.04.2025**

**No.CAD-11** : Name of work : Electrical arrangement for power supply to all 04 Nos. of Head Regulator Service gates and hoisting arrangements at Kanupur Gate Erection Project, Basudevpur, Keonjhar as per the direction of Engineer-in-Charge.
Total No. of work : 01 (One)
Period of completion : 30 (Thirty) Days.

| Tendering Officer | Bid Identification No. | Cost of bid Document (including GST) (in Rs) | Availability of Tender | Submission of Bid | License |
|---|---|---|---|---|---|
| Senior Manager (Mech.), Kanupur Gate Erection Project, Basudevpur, Keonjhar | OCCL/ KGEP/05/2024-25 Dated. 02.04.2025 | 4,720/- (Non-refundable) | From 03.04.2025, 10.00 A.M. to 10.04.2025, 3.00 P.M. | Upto 10.04.2025, 3.00 P.M. | EHT/ELT (M.V) License Job-worker enlisted in OCCL |

Date of opening of the Bid : 10.04.2005 at 4.00 P.M.
Further details can be seen from the OCCL website www.odishaconstruction.com

Sd./- Senior Manager (Mech.)
Kanupur Gate Erection Project, Basudevpur, Keonjhar

OIPR-32543/11/0003/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଙ୍ଗୀତ, ନୃତ୍ୟରେ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ନାଟ୍ୟ ସଂସଦ ଚିରନ୍ତନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସ୍ପନ୍ଦନିକା' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରର ସଙ୍ଗୀତ ଏବଂ ନୃତ୍ୟ ମାଧମରେ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ହୃଷୀକେଶ ପାତ୍ର ଏହାକୁ ଉଦଘାଟନ କରି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡ଼ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।



## 'ଖତ୍‌ରୋଁ କା ଖିଲାଡି ୧୫'
# ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ଯଟିଭି ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଷ୍ଟଣ୍ଟ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌କୁ ନେଇ କାଉଣ୍ଟଡାଉନ ଆରମ୍ଭ ହୋଇଛି। ପ୍ରତିଥର ପରି ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟି ଚଳିତ ଥର ମଧ ଏହି ଶୋ'କୁ ହୋଷ୍ଟ କରିବେ। ତେବେ ଚଳିତ ସିଜନ୍‌ର ଅଂଶଗ୍ରହଣକାରୀଙ୍କୁ ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ନିକଟରେ ସାମ୍ନାକୁ ଆସିଥିବା ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଅଭିନେତ୍ରୀ ମଲ୍ଲିକା ଶେରାୱତ ଓ ଅଭିନେତା ସିଦ୍ଧାର୍ଥ ମାଲ୍ୟା ଅଂଶଗ୍ରହଣ କରିପାରନ୍ତି। ଟେଲି ମସାଲାର ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଭାଗନେବା ପାଇଁ ନିକଟରେ ଏହାର ନିର୍ମାତାଙ୍କ ପକ୍ଷରୁ ମଲ୍ଲିକାଙ୍କୁ ଅନୁରୋଧ କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ମଲ୍ଲିକାଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ସେହିପରି ଏହି ଶୋ'ରେ ଭାଗନେବାକୁ ସିଦ୍ଧାର୍ଥଙ୍କୁ ମଧ ଅନୁରୋଧ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। 'ଖତ୍‌ରୋଁ କା ଖିଲାଡି'ର ୧୪ଶ ସଂସ୍କରଣ ୨୦୨୪ ଜୁଲାଇ ୨୭ରୁ ଆରମ୍ଭ ହୋଇ ସେହିବର୍ଷ ୨୯ ସେପ୍ଟେମ୍ବରରେ ଶେଷ ହୋଇଥିଲା। ଏଥିରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଗତ କିଛିବର୍ଷ ହେବ ମଲ୍ଲିକା ଖୁବ୍ କମ୍ ଫିଲ୍ମରେ ନଜରକୁ ଆସିଛନ୍ତି। ୨୦୨୪ରେ ରିଲିଜ୍ ହୋଇଥିବା ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ତୃପ୍ତି ଡିମରିଙ୍କ ଫିଲ୍ମ 'ଭିକି ବିଦ୍ୟା କା ୱ ୱାଲା ଭିଡିଓ'ରେ ମଲ୍ଲିକାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା।


## ଜନ୍ମଦିନର ଶୁଭେଚ୍ଛା



**ଶ୍ରୀ ହରି ନାରାୟଣ ବେବର୍ତ୍ତା**
(Rly. Retd.)
Secretary Public Relation AICGPA-Cuttack
ସଭାପତି, ମା ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ
ପାଟରା ସାହି, କଟକ, ମୋ- ୯୪୩୭୦୪୮୨୧୨
ଅଜା, ଆଜି ତୁମର ଜନ୍ମଦିନ । ମୁଁ ଓ ଆଈ ବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମେ ଦୀର୍ଘାୟୁ ରୁହ ସ୍ୱାସ୍ଥ୍ୟବାନ ରୁହ । ଆଜି ତୁମେ ୭୩ବର୍ଷରେ ପଦାର୍ପଣ କରୁଛ ।
ଶୁଭେଚ୍ଛା ସହ: ନାତି- ସାତ୍ତ୍ୱିକ ସେନାପତି, ଧର୍ମପତ୍ନୀ- ଭାରତୀ ବେବର୍ତ୍ତା
ଧ-୦୪୪


# ବଢ଼ିଲା ଆପରାଧିକ ତଦନ୍ତ ଖର୍ଚ୍ଚ

**ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)**

ରାଜ୍ୟ ଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାର ଆପରାଧିକ ମାମଲାର ତଦନ୍ତ ଖର୍ଚ୍ଚକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବୃଦ୍ଧି କରାଯାଇଛି। ଶୁକ୍ରବାର ଏନେଇ ଅର୍ଥ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି, 'ତଦନ୍ତ ପାଣ୍ଠି'ରୁ ବିଭିନ୍ନ ପ୍ରକାର ଆପରାଧିକ ତଦନ୍ତ ଲାଗି ଖର୍ଚ୍ଚ ହେଉଥିବା ଅର୍ଥରାଶିକୁ ସଂଶୋଧିତ କରାଯାଇଛି। ରାଜ୍ୟ ଭିତରେ ହେଉ କିମ୍ବା ବାହାରେ ହତ୍ୟା ମାମଲାରେ ତଦନ୍ତ ବେଳେ ମୃତ ଶରୀରକୁ ନେବା ଆଣିବା ଏବଂ ଏହାର ବ୍ୟବଚ୍ଛେଦ ସହିତ ପ୍ୟାକିଂ କରିବା ଓ ସାଇଣ୍ଟିଫିକ୍ ଟିମ୍ ଗସ୍ତ କରି ଛାନଭିନ୍ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ପ୍ରତ୍ୟେକ ମାମଲାରେ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

ସେହିପରି ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ତଦନ୍ତ ଲାଗି ଆଣିବା ଓ ଅନ୍ୟାନ୍ୟ ଅନୁସନ୍ଧାନ ପାଇଁ ୩୭ହଜାର ଟଙ୍କା ଖର୍ଚ୍ଚର ପ୍ରାବଧାନ କରାଯାଇଥିବାବେଳେ ରାଜ୍ୟ ଭିତରେ ଅଭିଯୁକ୍ତଙ୍କ ଲାଗି ୧୮ ହଜାର ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ଅଭିଯୁକ୍ତ ଏବଂ ଏତଲାକାରୀଙ୍କୁ ନେବା ଆଣିବା ସହିତ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ଶାଶ୍ୱତ ଦର୍ଶାଇଛନ୍ତି ଯେ, ଅପହରଣ କ୍ଷେତ୍ରରେ ରାଜ୍ୟ ବାହାରେ ଅଭିଯୁକ୍ତଙ୍କୁ ନେବା ଆଣିବା ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା କାର୍ଯ୍ୟକ୍ରମ ବାବଦକୁ ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଇପାରିବ। ମାତ୍ର ରାଜ୍ୟ ବାହାରେ ଏହି ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଅପମୃତ୍ୟୁ ମାମଲାରେ ଉଭୟ ରାଜ୍ୟ ଭିତରେ ଓ ବାହାରେ ତଦନ୍ତ ଲାଗି ୧୩ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ରହିଥିବାବେଳେ ସାଇବର ଅପରାଧ କ୍ଷେତ୍ରରେ ଏହାର ପରିମାଣ ରାଜ୍ୟ ବାହାର ପାଇଁ ୪୫ହଜାର ଟଙ୍କା ଏବଂ ରାଜ୍ୟ ଭିତରେ ତଦନ୍ତ ଲାଗି ୨୫ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହାବାଦ୍ ନିଶା କାରବାର ଓ ଅସ୍ତ୍ରଶସ୍ତ୍ର କାରବାର ମାମଲାରେ ରାଜ୍ୟ ବାହାରେ ତଦନ୍ତ ଲାଗି ୩୫ହଜାର ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଥିବାବେଳେ ରାଜ୍ୟ ଭିତର ଲାଗି ୧୫ହଜାର ଟଙ୍କା ରହିଛି।

# ଦୁଗ୍ଧ ଚାଷୀଙ୍କ ପାଇଁ ଜୀବନ ବୀମା କଲା ଓମ୍‌ଫେଡ୍

**ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)**

ଓମ୍‌ଫେଡ୍‌ର ୧୧୪ତମ ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓମ୍‌ଫେଡକୁ ଦୁଗ୍ଧ ଯୋଗାଉଥିବା ଚାଷୀଙ୍କୁ ଦୁର୍ଘଟଣାଜନିତ ବୀମା ପରିସରଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟର ୨.୫ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ। ଚାଷୀଙ୍କ ବୀମା ପ୍ରିମିୟମ ଓମ୍‌ଫେଡ ଦେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ଅବସରରେ ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଦୁଗ୍ଧ ଦର ବୃଦ୍ଧି କରିବା ପାଇଁ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଜରିଆରେ ସରକାରଙ୍କୁ ଅବଗତ କରାଯାଇଥିଲା। ଚାଷୀଙ୍କଠାରୁ ଗୁଣାତ୍ମକ ଦୁଗ୍ଧ ସଂଗ୍ରହ କରିବା ଏବଂ ସଂଗ୍ରହ ପରିମାଣ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏବେ ଦୈନିକ ୫ଲକ୍ଷ ୪୦ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ମାତ୍ର ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ପରିମାଣ ୬ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ପାଇଁ ପ୍ରତ୍ୟେକ ସୋସାଇଟିକୁ ଅତ୍ୟାଧୁନିକ ପରୀକ୍ଷା ଯନ୍ତ୍ର ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ସୋଲାର ପ୍ଲାଣ୍ଟ ଓ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି କୁଲାଙ୍ଗେ ସୂଚନା ଦେଇଥିଲେ। ଓମ୍‌ଫେଡ ଅଧକ୍ଷ କିଶୋର ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ଯୋଗଦେଇଥିଲେ।


# Classified Everyday
**0674-2580101, 9692975378**



## AUTOMOBILE
**SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254



## REAL ESTATE
**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

Independent house valued 1.5 crore near K.E.C, Uttara Square, Bhubaneswar. Call-8917520527. D-015

**Gharabari Plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-041



Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

**Newly opened spa in puri. Professional body massage available. 9861984834.** D-3394

All types hair cutting, body massage by smart lady room services available. Contact: 7077240328. D-71396

Positively health benefited spa by expert female therapist, Bapujinagar. 8018429809 D-76906

Full body massage by Odia therapist in homely atmosphere. 9556498382. D-75375


## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 04.04.2025, I, Trilochan Barik, At/P.O.- Dhanitri, P.S.- Konark, Dist.- Puri, Odisha, PIN- 752111 declare that I have changed my daughter's name from Barik Priyanka Trilochan to Priyanka Barik. Henceforth, my daughter shall be known as Priyanka Barik for all purposes. D-030

By virtue of an affidavit (No.-2284) dated 02.04.2025 sworn before the Executive Magistrate, Angul, I, Khirod Kumar Sahu, S/o- Keshab Sahu, R/o- Paranga, P.O.- Paranga, P.S.- Nisha, Dist.- Angul, PIN-759143, declare that I have changed my minor daughter's name from AUROSHREE SAHOO to OURASHREE SAHU. Henceforth, she shall be known as OURASHREE SAHU for all future purposes.
Khirod Kumar Sahu D-029

I, Smt. Lili Pradhan, W/o- Gundicha Pradhan, Vill/ P.O.- Pipalbahal, P.S.- Bagdia, Dist.- Angul, Odisha, affidavit No.- 498, dated 03.04.2025 sworn before the Executive Magistrate, Chhendipada. I have changed my old name Nilima Pradhan to Lili Pradhan. Lili & Nilima is one & same Person. Henceforth, shall be known as Lili Pradhan for all future purposes. D- 028

I, Tangudu Sneha Patra, D/o- Prasanta Kumar Patra, R/o- Village- Thidikajore, P.O.- Jhadrajing, P.S.- Purunakatak, Dist.- Boudh, declare by this affidavit No.-2580 dated 03.04.2025 that now onwards I shall be known as Sneha Patra for all future purposes. D-037


**Email** ମାଧମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


By virtue of an affidavit before Notary Public, Patnagarh bearing No.-7083, on dtd 28.10.2024, that before my marriage I known as "Ayshmati Nag, D/o- Duryodhan Nag" which is mentioned in my S.B. Account of Bank of Baroda, Kantabanji Branch and after marriage to Satrughan Karuan of Village- Bharuapali, P.S.- Belpada, Dist.- Balangir, I known as Ashmati Karuan which is also mentioned in my Aadhaar card where as Ashmati Karuan, W/o- Shatrughan Karuan and Ayshmati Nag, D/o- Duryadhan Nag is same and one person. D-036

By virtue of an affidavit sworn before the Notary Public, Bhubaneswar, dated-02.04.2025, I, Rozalin Sukla, Address: At- Plot No.-748/9056, Lane-2, Puri Canal Road, Bharat Villa, P.O.- Balianta, Dist.-Khorda, PIN-752101, Odisha declare that I have changed my name from Rozalin Pani to Rozalin Sukla. Henceforth, I shall be known as Rozalin Sukla for all future purposes. D-76807

I, Samar Kumar Behera, S/o- Siba Behera, DOB-12.05.1988, R/o. Village- Mahulburi, P.O.- Karadi, Dist.- Boudh declare by this affidavit No.-224, date 12.2.25 that now onwards I shall be known as Sartha Mahanandia, S/o- Siba Mahanandia and DOB- 12.05.1987 for all future purposes. D-038

I, Nibedita Mahapatra, W/o- Suresh Kumar Swain, resident of Duplex No.-4, Arya Home, Tankapani Road, Vill- Alarpur, P.O.- Rangabazar, Garasrirampur, Dist.- Khurda, Odisha, PIN- 752100 declare by this affidavit No.-11165, dated 26.03.2025 that now onwards I shall be known as Nibedita Mohapatra for all future purposes. D-042


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


Sworn before the Notary Public, Patnagarh, date- 11.12.2024, I, Pramita Gadtya, Ro/ P.O.- Gambhari, P.S.- Khaprakhol, Block- Belpada, Dist.-Balangir, PIN-767027, declare by the affidavit Sl. No.-8229, I have changed my old name from Pratima Gadtya to new name Pramita Gadtya. Henceforth, I shall be known as Pramita Gadtya for all future purposes. D-031

By virtue of an affidavit sworn before Executive Magistrate, Bhubaneswar, on dtd 28.03.2025, Vide Sl No.- 111, I, Runi Seth, Wife of Sanatan Seth, permanent resident of At/ P.O.- Alipingal, P.S.- Nimapada, Dist.- Puri, Odisha- 752106, declare that I have changed my daughter's name from SAI SRADHA NAYAK (old name) to SAI SRADHA SETH (new name). Henceforth, my daughter shall be known as SAI SRADHA SETH (new name) for all purposes.
SAI SRADHA SETH
Signature of Applicant
Runi Seth
D-034

I, AMARJIT, S/O- Late Gokulananda Sahu resident of At/PO/PS- Nihalprasad, Dist- Dhenkanal, Odisha- 759016 declare by this affidavit No.62, dtd.04.04.2025 that now onwards I shall be known as AMARJIT SAHU for all future purposes.


Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ ।


## LEGAL NOTICE

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 66 of 2024

India Financial Association of Seventh day Adventist represented by Mr. Sudhir Tigga, Principal of SDA English School, Binjipali ....Petitioner

Vrs

Ebenezar Barla others ....Opposite Parties

To,
(1) Ebenezar Barla, (2) Geralad Barla, (3) Mervis Barla, (4) Susan Barla, sons of Late Jyotish Barla and grand sons of Late Jai Mashi Barla, (5) Babula Barla, (6) Palit Barla, sons of Late Nelson Barla and grand sons of Late Jai Mashi Barla, (7) Suman Barla, (8) Priyanka Barla, (9) Sweet Barla, son and daughter of Late Rolen Barla and grand son and daughter of Late Bijay Barla and great grand son of Late Jai Mshi Barla, (10) Rolen Barla, (11) Arnes Barla, (12) Molina Barla, son and daughter of Elin Barla and grand son and daughter of Kalyan Barla and great grand son and daughter of Late Manmasi Barla, (13) Ismail Barla son of Elizabeth Barla and grand son of Kaliana Barla and great grand son of Manmasi Barla, (14) Jab Barla son of Kalian Barla and grand son of Manmasi Barla, (15) Subasini Soren daughter of William Barla, all are by caste: Christian, Resident of Binjipali, P.S.- Katarbaga, Tah- Rengali, District.- Sambalpur, (16) Tahasildar, Rengali Sambalpur.
Opposite Parties

NOTICE UNDER ORDER 5 RULE 20 C.P.C

TAKE NOTICE THAT the above named petitioner has instituted this case against you for recording of the case land in favour of the petitioner and you have left the address without instructions for which notice Could not be served upon you. You are hereby directed to appear in person or by a pleader on 21 day of 04 2025 at 10 AM/PM to answer the claim. In default of your appearance, on the above mentioned date, the case will be determined in your absence.

Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur
D-4909

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 52 Of 2023

Gani Chetty Krishna Murty .....Petitioner

Versus

Dinabandhu Pati & Others ....Opposite Parties

To,
(1) Dinabandhu Pati, Son of Late Satyananda Pati, (2) Nirmal Chandra Pati, Son of Dinabandhu Pati, (3) Arbind Chandra Pati, Son of Dinabandhu Pati, (4) Arundhati Pati, Daughter of Dinabandhu Pati, (5) Digambar Pati, Son of Late Satyananda Pati, (6) Anand Chandra Pati, Son of Digambar Pati, (7) Sashi Bhusan Pati, Son of Digambar Pati, (8) Nalini Pati, Daughter of Digambar Pati, (9) Nirabini Pati, Daughter of Digambar Pati, (10) Saudamini Pati, Daughter of Digambar Pati & (11) Daitari Pati, Son of Late Satyananda Pati.
All are by Caste: Brahmin, Resident of Senhapali, P.O.- Chaurpur, P.S.- Burla, Tahasil and District.- Sambalpur.
...Opposite Parties

NOTICE UNDER ORDER 5 RULE 20 C.P.C.

TAKE NOTICE THAT the above named petitioner has instituted this case against you for recording of the case land in favour of the petitioner and you have left the address without instruction for which notice Could not be served upon you. You are hereby directed to appear in person or by a pleader on 21 day of 04, 2025 at 10A.M./ P.M. to answer the claim. In default of your appearance, on the above mentioned date, the case will be determined in your absence.

Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur
D-040

# ରମାକାନ୍ତ ରଥଙ୍କ ପ୍ରଥମ ଗଳ୍ପ

## ଅବଲୋକନ




ଫଣୀନ୍ଦ୍ର ଭୂଷଣ ନନ୍ଦ

ରମାକାନ୍ତ ରଥ (୧୩ ଡିସେମ୍ବର ୧୯୩୪-୧୬ ମାର୍ଚ୍ଚ ୨୦୨୫) ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି। ପ୍ରାକୃତିକ ଓଡ଼ିଶାର ଜହ୍ନ ଆଲୁଅ, ଅସରନ୍ତି ପାହାଡ଼, ପରିବ୍ୟାପ୍ତ ସମୁଦ୍ର ମଧ୍ୟରେ ବିଛାଡ଼ି ହୋଇଥିବା ବୈଚିତ୍ର୍ୟମୟ ଅନ୍ଧାର ଭିତରେ ଦିଶୁଥିବା ଆକାଶର ଦୃଶ୍ୟ ହିଁ ତାଙ୍କର ସାରସ୍ୱତ ସୃଷ୍ଟି। କବିତା ଲେଖି ସେ ଯେତିକି ଚର୍ଚ୍ଚିତ, ସେ ତୁଳନାରେ ଗଳ୍ପସୃଷ୍ଟି ତାଙ୍କର ପାଠକୀୟ ସମ୍ବେଦନା ଆକର୍ଷଣରେ ସଫଳ ହୋଇନାହିଁ। ଏହାର ମୁଖ୍ୟ କାରଣ- ଗଳ୍ପଗୁଡ଼ିକର ଅପ୍ରାପ୍ତି ଏବଂ ଏହାର ନିରପେକ୍ଷ ବିଶ୍ଳେଷଣ। ତାଙ୍କ କବିତ୍ୱର ପରାକାଷ୍ଠା ଗାଳ୍ପିକର ଔଜ୍ଜ୍ୱଲ୍ୟକୁ ସ୍ତିମିତ କରିଦେଇଛି। ଓଡ଼ିଆ କବିତାର ଜଣେ ଅବିସ୍ମରଣୀୟ କବିଭାବେ ସେ ସର୍ବସ୍ୱୀକୃତ। ତାଙ୍କର ସାରସ୍ୱତ ସାଧନା ପ୍ରାୟ ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଆରମ୍ଭ ହୋଇଛି। ସେ ସ୍କୁଲ ଓ କଲେଜରେ ଅଧ୍ୟୟନ କଲାବେଳେ ସାରସ୍ୱତ ସୃଷ୍ଟି ପ୍ରତି ମନୋନିବେଶ କରିଛନ୍ତି। ୧୯୬୨ରେ ତାଙ୍କର କବିତା ସଂକଳନ 'କେତେଦିନର' ପ୍ରକାଶ ପାଇ ଓଡ଼ିଆ ପାଠକଙ୍କୁ ମୁଗ୍ଧ ଚକିତ କରିଥିଲା। ତାଙ୍କ କାବ୍ୟସ୍ୱରର ସ୍ୱକୀୟତା ତୀବ୍ର ଓ ଦାର୍ଶନିକ ନିର୍ଲିପ୍ତତାରେ କାବ୍ୟ ପାଠକଙ୍କୁ ଆକୃଷ୍ଟ କରିଥିଲା।

ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ୨୦୦୨ରେ ଗ୍ରନ୍ଥାଳୟ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇ ଓଡ଼ିଆ ସାରସ୍ୱତ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅଜସ୍ର କଳାତ୍ମକ କବିତାର ସ୍ରଷ୍ଟା ରମାକାନ୍ତ ରଥଙ୍କ ଏହି ସଂକଳନରୁ ୧୫ଗୋଟି ଗଳ୍ପର ସ୍ୱାଦ ଓଡ଼ିଆ ପାଠକେ ଲାଭ କରିଥିଲେ। ତାଙ୍କର ଏହି ପ୍ରଥମ ଓ ଶେଷ ଗଳ୍ପ ସଂକଳନଟି ଯେଉଁପରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା, ସେତେ ପରିମାଣରେ ସମାଲୋଚକୀୟ ଦୃଷ୍ଟି ଆକର୍ଷଣ କରିପାରି ନ ଥିଲା। କାଁ ଭାଁ କେଉଁଠି ତାଙ୍କ ଗଳ୍ପ ରଚନାର ସୂଚନା ବ୍ୟତିରେକେ ତା'ର ସୃଷ୍ଟିଭୂମିର ନିବିଡ଼ ଅଧ୍ୟୟନ କୌଣସି ଆଲୋଚକ କରିଥିବାର ଏହି ଲେଖକର ଦୃଷ୍ଟିକୁ ଆସିନାହିଁ। ୧୯୫୧(?)ରୁ ଗଳ୍ପ ଲେଖା ଆରମ୍ଭ କରିଥିବା ଏହି କୃତବିଦ୍ୟ ସାଧକଙ୍କର ପ୍ରଥମ ଗଳ୍ପ ସଂକଳନ ୨୦୦୨ରେ ପ୍ରକାଶ ପାଏ। ଏହି ପୁସ୍ତକର ଭୂମିକା 'ଏ ବାଟ ଅମଡ଼ା ବାଟ'ରେ ରମାକାନ୍ତ ସ୍ୱୀକାର କରନ୍ତି, "ମୁଁ ଗଳ୍ପ ଲେଖକ ନୁହେଁ। କଲେଜ ମାଡ଼ିବାର କେତେଦିନ ପରେ ଲେଖିବା ଆରମ୍ଭ କଲି। ସେତେବେଳେ କବିତା ଓ ଗଳ୍ପ ଉଭୟ ଲେଖୁଥିଲି। ଦୁଇ-ତିନିବର୍ଷ ପରେ ମୋର ହୃଦ୍‌ବୋଧ ହେଲା ଯେ ଗୋଟିଏ ମାଧ୍ୟମ ପାଇଁ ବି ମୋର ସାମର୍ଥ୍ୟ ନାହିଁ। ଗୋଟିଏକୁ ନ ଛାଡ଼ିଲେ ମୋର ଅବସ୍ଥା ଦୁଇ ନାଆରେ ଗୋଡ଼ ରଖିଥିବା ଲୋକର ଅବସ୍ଥା ପରି ହେବ। x x x ବହୁତ ବର୍ଷର ବ୍ୟବଧାନ ପରେ, ୧୯୭୭ ମସିହାରେ, ଏ ସଂକଳନର ପ୍ରଥମ ଗଳ୍ପ (ମହିଷାସୁର ବଧ) ଲେଖିଲି। ତା'ପରେ, ମଝିରେ ମଝିରେ ଯେଉଁ କେତୋଟି ଗଳ୍ପ ଲେଖିଥିଲି ସେଗୁଡ଼ିକ ଏ ସଂକଳନର ଅନ୍ତର୍ଭୁକ୍ତ।" (ଏ ବାଟ ଅମଡ଼ା ବାଟ)

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ତାଙ୍କ ସମ୍ପାଦିତ 'ପ୍ରଜ୍ଞା' ଦୋଳ-୧୯୭୭ ସଂଖ୍ୟାରେ 'ମହିଷାସୁର ବଧ'କୁ ପ୍ରକାଶ କରି ସମ୍ପାଦକୀୟରେ ସ୍ୱୀକାର କରନ୍ତି, "x x x ଏହି ସଂଖ୍ୟାରେ ଆମେ କବି ରମାକାନ୍ତଙ୍କର ଗୋଟିଏ ଗଳ୍ପ ପ୍ରକାଶ କରୁଛୁ। ଏଇଟି ତାଙ୍କର ପ୍ରଥମ ଗଳ୍ପ। କବି ଭାବରେ ରମାକାନ୍ତଙ୍କର ଦକ୍ଷତା ଏହି ଗଳ୍ପରେ ଅତୁଟ ରହିଛି ବୋଲି ଆମର ବିଶ୍ୱାସ। ଆଶା ରମାକାନ୍ତଙ୍କର ଗୁଣମୁଗ୍ଧ ପାଠକମାନେ ଏହି ଗଳ୍ପରେ ତାଙ୍କର ଏକ ନୂତନ ଦିଗ ଆବିଷ୍କାର କରି ଆନନ୍ଦିତ ହେବେ।" (ସମ୍ପାଦକୀୟ) ଏହି ଦୁଇଟି ଘୋଷଣାରୁ ଜଣାଯାଏ, ରମାକାନ୍ତ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ଗଳ୍ପ 'ମହିଷାସୁର ବଧ'କୁ ୧୯୭୭ରେ ଲେଖିଥିଲେ। ଯତୀନ୍ଦ୍ର ମୋହନଙ୍କ ସମ୍ପାଦକୀୟରେ କିନ୍ତୁ 'ମହିଷାସୁର ବଧ'କୁ ରମାକାନ୍ତଙ୍କର ପ୍ରଥମ ଗଳ୍ପ ବୋଲି ଘୋଷଣା କରାଯାଇଛି।

ରମାକାନ୍ତଙ୍କର 'ମହିଷାସୁର ବଧ' ସମେତ ୧୫ଗୋଟି ଗଳ୍ପ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ସଂସ୍କରଣ ୨୦୦୨ରେ ସ୍ଥାନିତ ହୋଇଛି। ଏଥିରେ ମହିଷାସୁର ବଧ, ଗୁରୁ, ସ୍ୱାଧୀନ ଚିନ୍ତା, କସ୍ତୁରୀମୃଗ, ରକ୍ଷୀ, ମିତ୍ର, କର୍ମବନ୍ଧନ, ଉତ୍ସର୍ଗପତ୍ର, ଝିଅ, ସୁନାହାର, ସୁପ୍ରଭା, ଜୀବନଦାନ, ଏକପାଖିଆ ବାଟ, ମେଘ ଓ ବିଦାୟ ଗଳ୍ପ ଅନ୍ତର୍ଭୁକ୍ତ। ୨୦୧୬ରେ କଟକର ଅଗ୍ରଦୂତ ପ୍ରକାଶନ ସଂସ୍ଥା ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରି ସେଥିରେ ୨୧ଗୋଟି ଗଳ୍ପ ସ୍ଥାନିତ କରନ୍ତି। ପ୍ରଥମ ସଂସ୍କରଣରେ ପ୍ରକାଶିତ ୧୫ଟି ଗଳ୍ପ ସହିତ ନୂତନ ଭାବରେ ୬ଗୋଟି ନୂଆ









ଗଳ୍ପ ସଂଯୋଜିତ ହୋଇଛି। ସେଗୁଡ଼ିକ ହେଲା- ତୁ ଥା' ମୁଁ ଯାଉଚି ଚାଲି, ଦୂରରୁ ଦୂରରୁ, ମିଛୋଇ, ପ୍ରେମିକ, ପ୍ରେମିକା, ଚାରୁବାଳା ପ୍ରଭୃତି। ୨୦୨୩ରେ ବ୍ଲାକ୍ ଇଗଲ୍ ବୁକ୍ସ, ଭୁବନେଶ୍ୱର 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ଏକ ସଂକଳନ ପ୍ରକାଶ କରିଛନ୍ତି, ଯେଉଁଥିରେ ପ୍ରଥମ ସଂସ୍କରଣର ୧୫ଗୋଟି ଗଳ୍ପ ସ୍ଥାନିତ ହୋଇଛି। ଏ ତିନୋଟି ସଂସ୍କରଣର ପ୍ରକାଶକ୍ରମ ଓ ସ୍ଥାନିତ ଗଳ୍ପକୁ ନେଇ ପାଠକ ମନରେ ଅନେକ ଦ୍ୱିଧା ସୃଷ୍ଟି ହୋଇଥାଏ। ଏତଦ୍‌ଭିନ୍ନ ଫେସ୍‌ବୁକ୍ ମାଧ୍ୟମରେ ଅନେକ ଆଲୋଚକ ବିଭ୍ରାନ୍ତିକର ମନ୍ତବ୍ୟ ପ୍ରଦାନ କରି ଏ ପ୍ରସଙ୍ଗକୁ ଆହୁରି ରହସ୍ୟମୟ କରିଦିଅନ୍ତି। ସେ ଯାହାହେଉ, ଏହି ତିନୋଟି ସଂସ୍କରଣ କ୍ରମରେ ଆମେ ନିଶ୍ଚିତ ହେବା ଯେ ରମାକାନ୍ତ ରଥଙ୍କର ଗଳ୍ପ ସଂଖ୍ୟା ୨୨। ତିନୋଟିଯାକ ସଂସ୍କରଣରେ ରମାକାନ୍ତଙ୍କର ସେହି ସମାନ ଭୂମିକାକୁ ସ୍ଥାନିତ କରାଯିବା ଛଡ଼ା ଗଳ୍ପ ଓ ପ୍ରକାଶନ ସମ୍ପର୍କରେ ଅନ୍ୟ କୌଣସି ସୂଚନା ପ୍ରକାଶକମାନେ ଦେଇନାହାନ୍ତି।

ରମାକାନ୍ତ ପୁସ୍ତକର ଭୂମିକାରେ ଏ ସଂକଳନର ପ୍ରଥମ ଗଳ୍ପରୂପେ 'ମହିଷାସୁର ବଧ'କୁ ସ୍ୱୀକାର କରିଥିବା ଏବଂ ଯତୀନ୍ଦ୍ର ମୋହନ ମହାନ୍ତି ଏହାକୁ ତାଙ୍କର ପ୍ରଥମ ଗଳ୍ପଭାବେ ଘୋଷଣା କରିବା ଓଡ଼ିଆ ପାଠକଙ୍କୁ ବିଭ୍ରାନ୍ତ କରିଥାଏ। ଏଠାରେ ରମାକାନ୍ତ ରଥଙ୍କର ସମୟାନୁକ୍ରମେ ପ୍ରକାଶିତ କିଛି ପ୍ରାରମ୍ଭିକ ଗଳ୍ପ ସମ୍ପର୍କରେ ସାମାନ୍ୟ ସୂଚନା ପ୍ରଦାନ କରାଯାଉଛି।

ରମାକାନ୍ତ ରଥଙ୍କର ଏ ଲେଖକର ଦୃଷ୍ଟିକୁ ଆସିଥିବା ପ୍ରଥମ ଗଳ୍ପ ହେଲା ୧୯୫୧ ଡିସେମ୍ବର 'ଡଗର'ରେ ପ୍ରକାଶିତ 'ସିଷ୍ଟର' ଗଳ୍ପ। ଏତଦ୍‌ଭିନ୍ନ ସେହି 'ଡଗର'ରେ ୧୯୫୨ରେ ପ୍ରକାଶିତ ସହାନୁଭୂତି, ପ୍ରେମର ବୀଜସୂତ୍ର, ଲିଚେଷ୍ଟରର ହତଭାଗା ଯୁବକ ପ୍ରଭୃତି ଗଳ୍ପ ପ୍ରକାଶିତ। 'ଆସନ୍ତାକାଲି' ପତ୍ରିକାରେ ୧୯୫୧ ମସିହାର ବିଭିନ୍ନ ସଂଖ୍ୟାରେ ତାଙ୍କର କେତୋଟି ଗଳ୍ପ ପ୍ରକାଶିତ। ୧୯୭୭ ଏପ୍ରିଲ୍, ମେ ଓ ଜୁନ୍ ସଂଖ୍ୟା ସମାବେଶରେ ତାଙ୍କର 'ଏକ ସ୍ମରଣୀୟ ଦିବସ' ଗଳ୍ପ ପ୍ରକାଶିତ। ୧୯୮୦ ପାଞ୍ଚଜନ୍ୟ ରଥଯାତ୍ରା ବିଶେଷାଙ୍କରେ 'ଗଛ' ଶୀର୍ଷକରେ ତାଙ୍କର ଦୁଇଟି ଗଳ୍ପ ପ୍ରକାଶିତ। ଏ ସମସ୍ତଙ୍କୁ ତାଲିକାଭୁକ୍ତ କଲେ 'ମହିଷାସୁର ବଧ' (୧୯୭୭) ପୂର୍ବରୁ ରମାକାନ୍ତଙ୍କର ପ୍ରାୟ ୧୦ଗୋଟି ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ୧୯୫୧ରୁ ମୃତ୍ୟୁ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିବା ରମାକାନ୍ତଙ୍କ ଲେଖନୀରେ କେତେ ଯେ ଗଳ୍ପ ପ୍ରକାଶ ପାଇଥିବ ତା'ର ସୁମାରି କରିବା କଷ୍ଟସାଧ୍ୟ।

ରମାକାନ୍ତ ରଥଙ୍କ କବିତାର ସୃଷ୍ଟିଭୂମି ଭାବରେ ଗଳ୍ପଗୁଡ଼ିକୁ ଗ୍ରହଣ କରିନେବା ସର୍ବାଦୌ କର୍ତ୍ତବ୍ୟ। ତାଙ୍କ ଗଳ୍ପର ଆବେଦନ ଖୁବ୍ ତୀବ୍ର ଏବଂ ପ୍ରାଣବନ୍ତ। ତାଙ୍କ ଗଳ୍ପରେ ଜୀବନପ୍ରତି ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇବା ସହିତ ମାନସିକ ଚେତନାର ଚିତ୍ରମୟ ଅନ୍ଧାରିଗୁହାର ଆବିଷ୍କାର ଜଳଜଳ ହୋଇ ଦିଶିଥାଏ। ତାଙ୍କ ଗଳ୍ପରୁ ମୃତ୍ୟୁଚେତନା, ଅନ୍ଧାର ପ୍ରତି ପ୍ରେମ ଏବଂ ମାନବୀୟ ମାନସମନ୍ଥନର ଅପରୂପ ଔଜ୍ଜ୍ୱଲ୍ୟ ବିଚ୍ଛୁରିତ ହୋଇଥାଏ। ତାଙ୍କର କାବ୍ୟିକ ଠାଣି ଓ ଉତ୍କର୍ଷ ଗଳ୍ପର ବର୍ଣ୍ଣନାଭୂମିରେ ଦେଖାଦେଇଥାଏ। ତାଙ୍କ ଗଳ୍ପ ଓ କବିତାର ଆପେକ୍ଷିକ ତୁଳନା ଏକ ଭିନ୍ନ ପ୍ରସଙ୍ଗର ଅପେକ୍ଷା ରଖେ। ମାନବ ବ୍ୟକ୍ତିତ୍ୱର ବିଭିନ୍ନ ସ୍ତରର ଚିତ୍ରମୟ ଅଭିବ୍ୟକ୍ତି, ଅନୁଭୂତିର ବିଶ୍ଳେଷଣାତ୍ମକ ଅଭିବ୍ୟଞ୍ଜନା ତାଙ୍କ ଗଳ୍ପ ଓ କବିତାରେ ସମପରିମାଣରେ ଉପଲବ୍ଧ। ତାଙ୍କର ଗଳ୍ପଗୁଡ଼ିକ କବିତା ପରି ସୁଖପାଠ୍ୟ ଓ ମହନୀୟ ଆବେଗର ସାର୍ଥକ ଚିତ୍ରଲିପି। ଏଠାରେ କେବଳ ତାଙ୍କର ଏହି ଲେଖକ ଦ୍ୱାରା ଆବିଷ୍କୃତ ପ୍ରଥମ ଗଳ୍ପ 'ସିଷ୍ଟର' ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଉଛି। 'ସିଷ୍ଟର' ଗଳ୍ପର ନାୟିକା ମେରୀ ଡଗ୍ଲାସ୍ ଡାକ୍ତରଖାନାରେ ନର୍ସ କାମ କରନ୍ତି। ଆହତ ଓ ରୋଗଗ୍ରସ୍ତ ରୋଗୀମାନଙ୍କୁ ଚିକିତ୍ସା କରିବା, ସମବେଦନା ଜଣାଇବା ଏବଂ ମୃତ୍ୟୁମୁଖୀ ରୋଗୀଙ୍କୁ ଜୀବନର ଅପୂର୍ବ ଆସ୍ୱାଦ ଆଣିଦେବା ମେରୀ ଡଗ୍ଲାସ୍‌ଙ୍କର ପରମ କର୍ତ୍ତବ୍ୟ। ନିଜ ଜଞ୍ଜାଳଗ୍ରସ୍ତ ଜୀବନ ଭିତରେ ଏବଂ ଡାକ୍ତରଖାନାର ତମସାଚ୍ଛନ୍ନ ନିର୍ଜନତା ଭିତରେ ଜଣେ ରୋଗୀ ନିଜର ନବଜାତ ଶିଶୁଟିକୁ ଆଗ୍ରହରେ ଛାତିକୁ କୋଳେଇ ନେଇଛି। ସେହି ଜନନୀ ଓ ଶିଶୁଟିର ଦୃଶ୍ୟ ସିଷ୍ଟରଙ୍କ ମନକୁ ଆନମନା କରିଛି। ତାଙ୍କ ମଧ୍ୟରେ ନାରୀତ୍ୱର ସ୍ୱାଭାବିକ ଶିହରଣ ପ୍ରକାଶ ପାଇଛି। ହୃଦୟର ନିଭୃତତମ ବୁଭୁକ୍ଷା ପ୍ରବଳତମ ହୋଇଛି। ସେ ଡକ୍ଟର ମହେନ୍ଦ୍ରଙ୍କଠାରୁ ଗୋଟିଏ ସନ୍ତାନ ସୃଷ୍ଟି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏମିତି ଏକ ରହସ୍ୟମୟ ପୃଷ୍ଠଭୂମିରେ 'ସିଷ୍ଟର' ଗଳ୍ପ ପରିକଳ୍ପିତ ଓ ସିଦ୍ଧିପ୍ରାପ୍ତ। ରମାକାନ୍ତ ରଥଙ୍କର ଅନ୍ୟ କୌଣସି ପ୍ରାରମ୍ଭିକ ଗଳ୍ପ ଆବିଷ୍କାର ନ ହେବା ପର୍ଯ୍ୟନ୍ତ 'ମହିଷାସୁର ବଧ' ନୁହେଁ ବରଂ 'ସିଷ୍ଟର' ଗଳ୍ପକୁ ତାଙ୍କ ପ୍ରଥମ ଗଳ୍ପର ମାନ୍ୟତା ଦିଆଯାଇପାରେ।

ମୋ: ୯୪୩୭୨୫୬୧୭୬

## କବିତା

### ହୁଅନ୍ତା କି

ଶ୍ରୀଧର ପଟ୍ଟନାୟକ

ଏମିତି ବି ହୁଅନ୍ତା କି,
ଘଣ୍ଟା କଣ୍ଟା ପଛକୁ ଘୂରନ୍ତା
ପୁଣି ଫେରିଆସନ୍ତା ସେଇ ପିଲାବେଳ
ପ୍ରଜାପତି ଧରି ବୁଲନ୍ତି ବଗିଚାରେ,
ମନ କିନ୍ତୁ ଉଡ଼ିବୁଲନ୍ତା ନୀଳ ଆକାଶରେ!

ଏଇ ରିମ୍‌ଝିମ୍ ବର୍ଷାରେ,
ଓଦା ନ ହେବାର ଫତୱାରେ ବି
ବାପାଙ୍କ ହାତ ତିଆରି କାଗଜଡଙ୍ଗା
ଲଙ୍ଗର ପକାଇ ହାତ ଠାରି ଡାକନ୍ତା
ଗାଁ ଦାଣ୍ଡର ପାଣି ସୁଅରେ!

ସକାଳୁଆ ଚୁଡ଼ା ମୁଢ଼ି,
ଦି' ବେଳା ପାଠପଢ଼ା, ଗପଶୁଣା,
ସଂଧ୍ୟାର ଖେଳକୁଦ, ରବିବାର
ଚନ୍ଦ୍ରକାନ୍ତା,
ରେଡିଓରୁ କୋଠ ଭୋଗଖିଆ
ଶୁଣି ଶୁଣି ସମୟ ବିତିଯାଆନ୍ତା
ଖୁସି ମଉଜରେ!

ଆଉ ବେଳ କାହିଁ ଯେ,
ପରୀ କଥା ଶୁଣି ଶୁଣାଇବାକୁ,
ଘଣ୍ଟା କଣ୍ଟା ଘୂରୁଛି ତୀବ୍ର ବେଗରେ,
ଭଙ୍ଗା ଆଇନାଟା ଦେଖାଇଲା ବୟସ
ହାଉଲେ ହାଉଲେ ଦୁଇ ଦିନ ତଳେ!

ମୁହଁରେ ରଙ୍ଗ ମାଖୁଥିଲି,
ଦୁଇକେରା ଶୁଭ୍ର କେଶ ହସୁଥିଲା ;
ଗଣ୍ଡିହୀନ ବେଲାଳସେନର
ମୁଣ୍ଡ ଉପରେ!

ମୋ: ୮୨୪୯୧୨୧୦୬୦

### ସମ୍ପର୍କ

ଦୀପ୍ତି ମିଶ୍ର

ସମ୍ପର୍କ...
କେବେ ସ୍ୱପ୍ନାବିଷ୍ଟ ମଧୁର ରାତ୍ରିରେ
ଚନ୍ଦ୍ରମାର ଶୀତଳତାରେ ଭିଜା
ମୁଠାଏ ଅନୁରାଗର ବର୍ଷା,
କେବେ ପୁଣି ବିନିଦ୍ର
ରଜନୀରେ ଦୁଇ ନୀରବ
ହୃଦୟ ମଧ୍ୟରୁ ଝରି ଆସୁଥିବା
ମୁଗ୍ଧା ଶ୍ରାବଣୀର ଭାଷା...

ସମ୍ପର୍କ...
କେବେ ଭାବାବେଗର
ଶବ୍ଦାବଳୀରେ ଗୁନ୍ଥା
ଫୁଲାଏ ବତୁରା ସ୍ନେହ,
କେବେ ପୁଣି ଆତ୍ମୀୟତାର
ନିଭୃତ କୋଣରୁ
ନିଗିଡ଼ି ପଡୁଥିବା ବୁନ୍ଦାଏ ଲୁହ...

ମୋ: ୯୪୩୮୪୦୪୩୦୮

### ମିଛେଇ ପ୍ରେମିକା

ନରେଶ ମଣ୍ଡଳ

ସାରା ଆକାଶରେ
ଲୋଚିଛି ଦେଖୁଛ
ମାୟା ମେଘର ଫର୍ଦ୍ଦ

କୁଆଁରୀ ବୋହୂଟା ତରତର ହୁଏ
ମାଡ଼ି ଆସିଲାଣି
ଛାୟା ଆଲୁଅରେ
ନମ୍ର ଗୋଧୂଳି ସଞ୍ଜ

ରାତିର ଗଭାରେ
ବାରି ହୋଇଯାଏ
ଉଛୁଳା ଆବେଗ ଗନ୍ଧ

ସବୁ ସ୍ମୃତି ତା'ର
ମାୟାରେ ବୁଡ଼ିଛି
ଖୋଜୁଛି ସେ ଏଠିସେଠି
ଉଚ୍ଛନ୍ନ ମୁକୁଳା ଛନ୍ଦ।

ମୋ: ୯୪୩୮୩୨୧୪୫୪

ଗୀତି-କବିତା

### ପେଣ୍ଟାଏ ପ୍ରୀତିଫୁଲ

ସୁଜିତ୍ କୁମାର ମିଶ୍ର

ବାସହୀନ ଏଇ ପ୍ରେମିକ ଜୀବନ
ଗିରିଷମ ତାତି ପରି,
ପ୍ରୀତିଫୁଲେ ତମ ସଜାଇଲେ ମୋତେ
ହୁଅନ୍ତି ଶ୍ରାବଣପୁରୀ।

ତମେ ଶ୍ରାବଣରେ ଭିଜା ମନ ମୁଁ ଯେ
ଶିହରିତ ସ୍ୱପ୍ନ ଗୀତି,
ତମ ବିନା ସବୁ ମଧୁର ଆବେଗ
ମିଛିମିଛି ମେଘରାତି।

ଛାତି ତଳେ ତମ ଲୁଚିଛି ଯାହା ବି
ଖାଲି ମେଞ୍ଚା ମେଞ୍ଚା ଲୁହ,
ସେସବୁ ମୋ' ପାଇଁ ନିର୍ମମ ଯାତନା
କେବେ ପୁଣି ମିଠା ମୋହ।

ବାରମ୍ବାର ତମେ ହୁଅ ଯେବେ ଏଠି
ହୃଦେ ବିରହିଣୀ ରାଧା,
ମନ ଯମୁନା ମୋ' ମୌନଗୀତ ସୁରେ
ଉଛୁଳେ ଲଙ୍ଘି ସେ ବାଧା।

କଥାରେ ତମର ମିଠା କଳରବ
ମୋ' ପାଇଁ କାଉଁରୀ ପ୍ରୀତି,
ବୋଧେ ସେଥିପାଇଁ ଚାହୁଁ ଚାହୁଁ ମୁହିଁ
ଛୁଏଁ ତମ ଉପସ୍ଥିତି।

ନଦିଆ ପଛକେ ନୀଳ ଜହ୍ନରାତି
ଅବା ନୀଳ ଶାଢ଼ି ଭାବ,
କିନ୍ତୁ ତମ ଲୁହ ମୋ' ସାଥିରେ ଥିଲେ
ଲକ୍ଷେ ପଦ୍ମ ବଇଭବ।


ଜାଣତରେ ଅବା ଅଜାଣତେ ମୋର
ଏକ ହିଁ ଚାହାଣି ତମେ,
ସେଇଠୁ ଲମ୍ବିଛି ଆମ ଏ କାହାଣୀ
କୋହର କଦମ୍ବ ବନେ।

ମୋ: ୭୬୮୩୮୬୭୭୪୨

## ପୁସ୍ତକ ପରିଚୟ

### ବ୍ରହ୍ମାଙ୍କ ନିଦ୍ରାଭଙ୍ଗ

**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୫/-





ଆଲୋଚ୍ୟ ଗଳ୍ପ ସଂକଳନରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। 'ଉପକ୍ରମଣିକା'ରେ ଗାଳ୍ପିକ ଲେଖିଛନ୍ତି: "ଗୀତାନୁସାରେ ବ୍ରହ୍ମାଙ୍କ ଦିନ ଓ ରାତି ମିଶିଲେ ଗୋଟିଏ କଳ୍ପ ସୃଷ୍ଟି ହୁଏ। ବ୍ରହ୍ମାଙ୍କ ଦିନରେ ସୃଷ୍ଟିର ଉନ୍ମେଷ ଓ ଜୀବନ ସଞ୍ଚାର ହୁଏ। ରାତିରେ ଏହି ସୃଷ୍ଟିର ବିଲୟ ବା ବିନାଶ ଘଟିଥାଏ। × × ବ୍ରହ୍ମାଙ୍କ ଚେତନ ଅବସ୍ଥା × × ଦୃଶ୍ୟମାନ ଓ ଅଦୃଶ୍ୟ ବାସ୍ତବତାର ପ୍ରତିଫଳନ। ଏହା ମଣିଷର କ୍ଷଣଭଙ୍ଗୁର ସଂସାରର ଧନ ସମ୍ପତ୍ତି, କ୍ଷମତା ଓ ପଦପଦବୀ ମୋହରୁ ମୁକ୍ତ ହୋଇ ଏକ ଅନ୍ତହୀନ, ନିରନ୍ତର ଜୀବନର ସତ୍ୟ ଦିଗରେ ଅନୁଧାବନ କରାଏ।" ସୁତରାଂ ରମେଶଙ୍କ ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକରେ ଜୀବନର ଏହି ଅଳୀକତାକୁ ଦୃଷ୍ଟିରେ ରଖି ଜୀବନାନୁଭୂତିର ସ୍ୱରୂପ ପ୍ରଦର୍ଶିତ ହୋଇଛି। ବହିରେ ଥିବା 'ସ୍ମୃତିରେଖାର ପେଡ଼ି', 'ଉତ୍ତରାଧିକାରୀ', 'ପଶ୍ଚିମ ଦୁଆର', 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ', 'ସାଆନ୍ତାଣୀଙ୍କ ନିଜଲୋକ', 'ଫାଳେ ନଦୀ, ଫୁଲାଏ ମାଟି', 'ଢୋକେ ପିଇ, ଦଣ୍ଡେ ଜିଇଁ', 'ଶ୍ୟାମଳୀର ରାତି', 'ଲକ୍ଷ୍ମୀ-ବିଷ୍ଣୁ ସମ୍ବାଦ' ଓ 'ରେବତୀ ସହ କିଛି ବର୍ଷ' ଆଦି ଗଳ୍ପଗୁଡ଼ିକ ଆକାରରେ ମଧ୍ୟମ ଧରଣର, ଅଥଚ ଆବେଦନରେ ଅନ୍ତଃସ୍ପର୍ଶୀ। 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ' ପୁସ୍ତକର ଶୀର୍ଷକ ଗଳ୍ପଟି ବ୍ୟଙ୍ଗାତ୍ମକ, ଯହିଁରେ ସାମ୍ପ୍ରତିକ ରାଜନୀତି ଓ ଶାସନ ବ୍ୟବସ୍ଥାକୁ ବିଦ୍ରୂପ କରାଯାଇଛି, ତାହା ପୁଣି ଅତି ସଫଳ ଢଙ୍ଗରେ। ଗଳ୍ପର ଆରମ୍ଭ ବାକ୍ୟ 'ସୂର୍ଯ୍ୟୋଦୟର ଦ୍ୱିତୀୟ ପ୍ରହରରେ ନିଦରୁ ଉଠିଲା ରାଜା' ଓ ଶେଷ ବାକ୍ୟ "ବ୍ରହ୍ମା ନିଦରୁ ଉଠିଲେ ଓ ଉଚ୍ଚାରଣ କଲେ: ଦା... ବତ୍ତା .... ଦୟାଧ୍ୱାମ୍, ଦମ୍ୟତା..."। ଏଇଥିରେ ଅଛି ଗଳ୍ପାଭିବ୍ୟକ୍ତିର ମଞ୍ଜି। ଆଶା ପୁସ୍ତକଟି ପାଠକ ମନ ଓ ଚେତନାକୁ ସାର୍ଥକ କରିବ।

### ଜହ୍ନରାତିର ଛାଇ

**କବି:** ଅରୁଣ କୁମାର ସାହୁ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୫/-





'ଉତ୍ସର୍ଗ'ରେ କବି ତାଙ୍କ ସମଗ୍ର କବିତା (ଯାହା ଆଲୋଚ୍ୟ ପୁସ୍ତକରେ ସ୍ଥାନିତ)ର ସାରମର୍ମକୁ ଉଜାଗର କରିଛନ୍ତି ଏହିପରି: "ଅନୁଭବ କରିଥିବା ଅନେକ ପ୍ରେମ, ଯାହା ତମାମ ଜୀବନ କାଳ ଭିତରେ ଅପ୍ରକାଶ ରହିଯାଏ ଓ ପାଇଥିବାର ହିସାବରେ ବି ଆସିପାରେ ନାହିଁ, ସେହିସବୁ ଅମୃତ ମୁହୂର୍ତ୍ତ ଓ ଅମର୍ତ୍ତ୍ୟ ପ୍ରେମିକାଙ୍କର ଚରଣ ବନ୍ଦନାରେ ମୋର ଏ ପ୍ରେମର କବିତା"। 'ମୁଖବନ୍ଧ'ରେ ପୁଣି କହନ୍ତି: "ଏଇ ସବୁ ପ୍ରେମ ବାରମ୍ବାର ଆସିଛନ୍ତି ମୋ' ଦୁଆରକୁ ଓ ଅନେକ ଅନେକ ଅପେକ୍ଷା ପରେ ପୁଣି ଫେରି ଯାଇଛନ୍ତି ସେମାନଙ୍କ ସଂସାରକୁ। ଭୁଲିନାହିଁ ସେମାନଙ୍କୁ ମୁଁ। ସେଦିନ ବି ଆଜି ବି।" ସୁତରାଂ କବି ଓ ପ୍ରେମ ମଧ୍ୟରେ ନିଭୃତ, ଏପରିକି କେବେ କେବେ ପ୍ରକାଶ୍ୟ ସାକ୍ଷାତ୍‌କାର ଗ୍ରନ୍ଥସ୍ଥ କବିତାଗୁଡ଼ିକର ଉପଜୀବ୍ୟ। ଏଥିରେ ଥିବା 'ବୈଶାଖର ଜହ୍ନରାତି', 'ଶରତର ଜହ୍ନରାତି', 'ବସନ୍ତର ଜହ୍ନରାତି' ଓ 'ଶ୍ରାବଣର ଜହ୍ନରାତି', 'ଅମିଠା ଚାହା', 'ଚତୁର୍ଦ୍ଦଶୀର ଜହ୍ନ', 'ପଚାଶ ଫଗୁଣର ପ୍ରେମିକା', 'ଆସୁନାହଁ ତୁମେ ଜମା କେତେଦିନ ଧରି', 'ଜଙ୍ଗଲରେ ପ୍ରେମ', 'ତାରାଭରା ଆକାଶ ତଳେ ମହୁଲ ଫୁଲର ଖୁସ୍‌ବୁ', 'ବିଗତ ପ୍ରିୟାର ଗାଁ', 'ପୁରୀ ବେଳାଭୂମି', 'ତୁମ ପାଦଚିହ୍ନ ଚିହ୍ନି ଚିହ୍ନି', 'ଧୂପ' ଓ 'ଆମ ଗାଁ ଜହ୍ନରାତି' ଭଳି କବିତା ଅନୁଭବର ଏକ ଏକ ପବିତ୍ର ଦଲିଲ। ଅନେକ କବିତାରେ କବି ଗୀତି-ମାଧୁର୍ଯ୍ୟର ଯେଉଁ ଆବହ ତୋଳିଛନ୍ତି, ତାହା ଚିର ଅଭୁଲା। ଯଥା: "ଦେଇଗଲ ସିନା ପ୍ରୀତିର ବାରତା/ ଆଜି ମୋର ଏହି ମରମେ/ ତା' ନୀଳ ଆଖିର/ ଦରିଆରେ ବୁଡ଼ି/ ମରେ ମୁହିଁ ଆଜି ସରମେ।" (ଶ୍ରାବଣ ଗୋ ତୁମେ ସାକ୍ଷୀ)। ପୁସ୍ତକଟି ପ୍ରେମ ପରି ଶାଶ୍ୱତ, ଜୀବନ ପରି ଅଛିଣ୍ଡା।

## କାଳକାଳକୁ

"ବହି କିଛି କହିବାକୁ ଚାହେଁ
ତୁମ ପାଖରେ ରହିବାକୁ ଚାହେଁ
ତୁମେ କ'ଣ ଶୁଣିବ ନାହିଁ ବହିର କଥା?"

–ସଫଦର ହାସମୀ



**ସଫଦର ହାସମୀଙ୍କ** ଜନ୍ମ ୧୨ ଏପ୍ରିଲ୍ ୧୯୫୪ରେ ନୂଆଦିଲ୍ଲୀରେ ଓ ମୃତ୍ୟୁ ୨ ଜାନୁଆରୀ ୧୯୮୯ରେ, ମାତ୍ର ୩୪ ବର୍ଷ ବୟସରେ। ଭାରତର ଏହି ବାମପନ୍ଥୀ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ପଥପାର୍ଶ୍ୱ ନାଟକ ରଚନା ଓ ଅଭିନୟ ପାଇଁ ଦେଶର କୋଣ ଅନୁକୋଣରେ ବିଖ୍ୟାତ। ସେ ଏକାଧାରରେ ଲେଖକ, ଅଭିନେତା ଓ ନାଟ୍ୟତତ୍ତ୍ୱ ବିଶାରଦ। ଆଜି ବି ତାଙ୍କୁ ଭାରତୀୟ ରାଜନୈତିକ ନାଟ୍ୟଧାରାର ଜଣେ ପ୍ରମୁଖ ସ୍ୱର ଭାବେ ଗଣାଯାଏ। 'ଜନନାଟ୍ୟମଞ୍ଚ'ର ସେ ଥିଲେ ପ୍ରତିଷ୍ଠାତା ସଭ୍ୟ। ୧୯୮୯ରେ ଝଣ୍ଡାପୁରରେ 'ହଲ୍ଲାବୋଲ' ନାଟକର ପଥପ୍ରାନ୍ତ ପରିବେଷଣ କାଳରେ ତାଙ୍କୁ ହତ୍ୟା କରାଯାଏ।

## ଲଘୁ ଗଳ୍ପ

# ଅପରାହ୍ଣର ଅବସୋସ

ରାଜେଶ କୁମାର ବାରିକ

ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି ବି କଟିଯାଇଛି। ହାତରେ ହାତପଙ୍ଖାଟିଏ ଧରି ବାରିପଟକୁ ଅମ୍ବିକା ଦେବୀ ଟିକେ ଗଛମୂଳକୁ ଯିବା ସମୟରେ ପଛ ପାଖରୁ ଡାକ ଶୁଭିଲା- ମାଆ! ମାଆ! ଇନ୍‌ଭର୍ଟରଟା ଅନ୍ କରିଦେଇଛି। ଆସନ୍ତୁ ଘର ଭିତରକୁ, ଏସିଟା ବି ଚାଲୁ କରିଦେବି। ତୁମେ ବାରିପଟକୁ ଆସିଥିଲ ବୋଲି ଯଦି ସାନବାବୁ ଜାଣିବେ ମୋର ଚାକିରି ପୂରା ଖାଇଯିବେ।

ଏକଥା ସାନବାବୁ ଜାଣିବେ କିପରି, ସିଏ ତୋତେ କେତେବେଳେ କହିଲା ମୁଁ କାଇଁ ଜାଣିପାରିଲି ନାହିଁ!

ତାଙ୍କୁ କିଏ କହିବ ବା! ଏଇ ଘରର ଚାରି ପାଖରେ କେମେରା ସବୁ ଖଞ୍ଜି ଦେଇଛନ୍ତି। ସେ କ'ଣ କେମେରାରୁ ଦେଖିପାରୁ ନ ଥିବେ। ଗତକାଲି ଫୋନ୍‌ରେ ଭିଡିଓ କରି କଥା ହେଉଥିଲେ। ବୋହୂମା', କୁନିଛୁଆ ସମସ୍ତେ କଥା ହେଉଥିଲେ। ବୋହୂମା' ଆଉ ସାନବାବୁଙ୍କର ସବୁବେଳେ ଖାଲି ଗୋଟିଏ କଥା ମା'ବାପାଙ୍କର ଯେପରି କିଛି ଅସୁବିଧା ନ ହୁଏ, ସବୁବେଳେ ଧ୍ୟାନ ଦେବୁ। ନ ହେଲେ ଜାଣିଥିବୁ ଆଉ...!

ସେମାନେ କେବେ ଆସିବେ କିଛି କହୁଥିଲେ କି? ଉତ୍ତର ମିଳିଲା ନାହିଁ। ଅମ୍ବିକା ଦେବୀ ଆଉ କିଛି କହିବା ପୂର୍ବରୁ ଶୁଣିବା ପାଇଁ କେହି ନ ଥିଲେ। ମନ ଭିତରର ଅସୁମାରି ପ୍ରଶ୍ନ ସବୁ ମନ ଭିତରେ ଖାଲି ଦବି ହୋଇ ରହିଯାଉଥାଏ। ହେଲେ ନିରୁପାୟ ଅମ୍ବିକା ଦେବୀ। କିଛି ଗୋଟିଏ ଶବ୍ଦ ଶୁଣି ହଠାତ୍ ଚମକି ପଡ଼ିଲେ, ଟିଭିର ସୁଇଚ୍‌ଟା ବୋଧେ ବନ୍ଦ ହୋଇ ନ ଥିଲା। ତା' ସାଙ୍ଗକୁ ଏ ପକ୍ଷାଘାତୀ ବୁଢ଼ାଟା ବିଛଣା ଉପରୁ ଆରମ୍ଭ କରିଦେଲା।



କେହି ଟିଭିଟା ବନ୍ଦ କରରେ, ଯେତେବେଳେ ଦେଖିବ ଦିନରାତି ଚବିଶ ଘଣ୍ଟା ଖାଲି ରାଉରାଉ ହେଉଛି। ତାକୁ ତ ଟିକେ ଫୁର୍‌ସତ୍ ଦିଅ। ହେଇଟି ତୁମକୁ ଶୁଭୁଚି ନା ନାହିଁ। ପ୍ରଥମେ ଟିଭିଟା ବନ୍ଦ କରି ପାଣି ଗିଲାସେ ଆଣିଲ।

ଜୀବନର ଅପରାହ୍ଣରେ ଛିଡ଼ା ହୋଇଥିବା ଅମ୍ବିକା ଦେବୀ କିଛି ବି ଭାବି ପାରୁ ନ ଥିଲେ। ଏଇ ଟିଭି ତ ତାଙ୍କର ଏକମାତ୍ର ବଞ୍ଚିବାର ସାହାରା। ସେତକ ବି... ଛାଡ଼। ଚାଳଛପରରୁ ଶାନ୍ତି ମିଳିଲା ନାହିଁ ବୋଲି ଏସି ରୁମ୍ ତିଆରି କରାଗଲା। ଗାଁ ସ୍କୁଲରେ ଭଲ ପାଠ ପଢ଼ାଯାଉନାହିଁ ଭାବି ବିଦେଶୀ ସ୍କୁଲରେ ପାଠ ପଢ଼ାଗଲା। ଖାସ୍ ସେଇଥିପାଇଁ ତ ପୁଅ ବିଦେଶରେ ଥାଇ ମା'ବାପାଙ୍କର ଯତ୍ନ ନେଉଛି। ତା'ର କୁଆଡ଼େ ସମୟ ନାହିଁ!

ଅମ୍ବିକା ଦେବୀ ସ୍ୱାମୀଙ୍କ ହାତକୁ ପାଣିଗିଲାସ ବଢ଼ାଇ ଦେଇ କହିବାକୁ ଆରମ୍ଭ କରିଦେଲେ। ଜୀବନର ସବୁ ଖୁସିକୁ ଜଳାଞ୍ଜଳି ଦେଇ ପଇସା ରୋଜଗାର କଲ। ଛୁଆଟାକୁ ସମୟ ଦେଇପାରିଲ ନାହିଁ। ଏବେ ଛୁଆଟା ଗୋଟାପଣେ ତୁମରି ଗୁଣକୁ ଦେହରେ ଉତାରି ପକାଇଛି।

ଏସବୁ ତ ଖାଲି ତା'ରି ପାଇଁ ସାଇତି ରଖିଛି, ହେଲେ ସେ ମାନୁଛି କୋଉଠି। ପାକଳ ପତରଟିଏ, ଆଉବା କେତେଦିନ ଗଛଡାଳରେ ଝୁଲି ରହିବୁ। ଖାଲି ଟିକେ ପବନ ଲୋଡ଼ା। ଏଇ ଦେଖିପାରୁଛ, ପଶ୍ଚିମ ଆକାଶର ସୂର୍ଯ୍ୟକୁ, ପୂର୍ବାହ୍ଣର ତେଜ ଆଉ ତା' ଦେହରେ ନାହିଁ ଅପରାହ୍ଣରେ। ସିଏ ତ ପୁଣି କାଲି ସକାଳକୁ ଆସିଯିବ। ହେଲେ ଆମେ...! ଏତେ ପଇସା ଏତେ ସମ୍ମାନ ପାଖରେ ରଖି କରିବୁ କ'ଣ, ଯଦି ମରିବାବେଳକୁ ପୁଅ-ବୋହୂ, ନାତି-ନାତୁଣୀ ପାଖରେ ନ ରହିଲେ!

ଅମ୍ବିକା ଦେବୀ ନିଜ ପଣତରେ ସ୍ୱାମୀଙ୍କ ଲୁହକୁ ପୋଛି ଦେଇ କହିବାକୁ ଲାଗିଲେ- ହଁ, ଜୀବନରେ ଖାଲି ଏତିକି ତ ଅବସୋସ। ସେ କେବେ ପୂରା ହେବ ନାହିଁ।

ମୋ: ୯୯୯୮୬୨୨୩୩୬

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ Bhubaneswar, Saturday, April 5/ 2025

# ଲକ୍ଷ୍ନୌର ଦୃଢ଼ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଲକ୍ଷ୍ନୌ,୪।୪**

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍‌ଜି) ଓ ମୁମ୍ବାଇ ଇଣ୍ଡିଆ (ଏମ୍ଆଇ) ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ମିଚେଲ ମାର୍ଶ ଓ ଏଡେନ ମାକ୍ରାମଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ମୁମ୍ବାଇ ଆଗରେ ୨୦୪ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ମ୍ୟାଚରେ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ହାସଲ କରିଛନ୍ତି।

ଟସ୍ ଜିତି ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ମିଚେଲ ମାର୍ଶ ଓ ମାର୍କରାମଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୭ ଓଭରରେ ୭୬ ରନ ଯୋଡ଼ିଥିଲେ। ମାର୍ଶ ୩୧ ବଲରେ ୯ ଚୌକା ଓ ୨ ଛକା ସହିତ ୬୦ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ ହୋଇଥିଲେ। ତାଙ୍କ ପରେ ନିକୋଲସ ପୁରନ ୧୨ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟକ ରିଷଭ ପନ୍ତ ପୁଣି ଥରେ ଫେଲ୍ ହୋଇଥିଲେ। ସେ ୬ ବଲରେ ମାତ୍ର ୨ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ମାର୍କରାମ ଓ ଆୟୁଷ ବଦୋନୀ ଚତୁର୍ଥ ଉଇକେଟରେ ୫୧ ରନ ଯୋଡ଼ିଥିଲେ। ବଦୋନୀ ୧୯ ବଲରେ ୪ ଚୌକା ସହ ୩୦ ଏବଂ ମାର୍କରାମ ୩୮ ବଲରେ ୨ ଚୌକା ଓ ୪ ଛକା ସହାୟତାରେ ୫୩ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଡେଭିଡ ମିଲର ୧୩ ବଲରେ ୩ ଚୌକା ଓ ୧ ଛକା ସହିତ ୨୭ ରନ କରି ଦଳୀୟ ସ୍କୋରକୁ ୨୦୦ ପାର ପହଞ୍ଚାଇଥିଲେ। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ କରିଥିଲା। ମୁମ୍ବାଇ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଘ୍ନେଶ ପୁଥୁର, ଟ୍ରେଣ୍ଟ ବୋଲ୍ଟ ଓ ଅଶ୍ୱନି କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଦିଲ୍ଲୀ**

ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ରାଜସ୍ଥାନ**

ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୩/୮ (ମିଚେଲ ମାର୍ଶ-୬୦, ଏଡେନ ମାର୍କରାମ-୫୩, ଆୟୁଷ ବଦୋନୀ-୩୦, ଡେଭିଡ ମିଲର-୨୭, ହାର୍ଦ୍ଦିକ ପାଣ୍ଡ୍ୟା-୫/୩୬, ଟ୍ରେଣ୍ଟ ବୋଲ୍ଟ-୧/୨୮, ବିଘ୍ନେଶ ପୁଥୁର-୧/୩୧, ଅଶ୍ୱନି କୁମାର-୧/୩୯)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |



ପୁରୀରେ ଅନୁଷ୍ଠିତ ଜାତୀୟ ଖୋ ଖୋ ଚାମ୍ପିୟନ୍‌ଶିପ୍‌ରେ ପୁରୁଷ ବିଭାଗ ଚାମ୍ପିୟନ ରେଲ୍‌ୱେ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ବିହାରରେ ଇସ୍ପୋର୍ଟ୍ସର ପଦାର୍ପଣ

**ନୂଆଦିଲ୍ଲୀ,୪।୪(ଏପି):** ଆସନ୍ତା ମେ' ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ବିହାରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ (କେଆଇୱାଇଜି)ରେ ଇସ୍ପୋର୍ଟ୍ସ ପଦାର୍ପଣ କରିବ। ତେବେ ଏହା ପ୍ରଦର୍ଶନୀ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ଖେଲୋ ଇଣ୍ଡିଆର ସପ୍ତମ ସଂସ୍କରଣ କେଆଇୱାଇଜି ୨୦୨୫ ବିହାରର ୫ଟି ସହର ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ଶୁଟିଂ, ଜିମ୍ନାଷ୍ଟିକ୍ସ ଓ ସାଇକ୍ଲିଂର ଟ୍ରାକ ଇଭେଣ୍ଟ ହେବ। 'ବିହାରର ୫ଟି ସହରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୦୨୫ରେ ଇସ୍ପୋର୍ଟ୍ସ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ପଦାର୍ପଣ କରିବ। ଏହି ପ୍ରତିଯୋଗିତାରେ ୨୭ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଗୋଟିଏ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ଇସ୍ପୋର୍ଟ୍ସ ସାମିଲ ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାକର୍ତ୍ତା ଓ ପାଲେମ୍ବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଇସ୍ପୋର୍ଟ୍ସକୁ ଏକ ପ୍ରଦର୍ଶନୀ କ୍ରୀଡ଼ା ଭାବେ ସାମିଲ କରାଯାଇଥିଲା। ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ଏକ ପଦକ ଇଭେଣ୍ଟ ଭାବେ ପଦାର୍ପଣ କରିଥିଲା।

## ହିତେଶ ଟାଇଟଲ ରାଉଣ୍ଡରେ

**ନୂଆଦିଲ୍ଲୀ, ୪।୪(ପି.ଟି.)**

ଜାତୀୟ ଚାମ୍ପିୟନ ହିତେଶ ଚଳିତ ବିଶ୍ୱ ବକ୍ସିଂ କପ୍ ବ୍ରାଜିଲ-୨୦୨୫ ଫାଇନାଲରେ ପ୍ରବେଶ କରିଛନ୍ତି। ୭୦ କେଜି ଶ୍ରେଣୀ ସେମିଫାଇନାଲ ବାଉଟ୍‌ରେ ସେ ଫ୍ରାନ୍ସର ମାକନ ଟ୍ରେଓରଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ଭାରତୀୟ ବକ୍ସର ଆରମ୍ଭରୁ ଅଲିମ୍ପିଆନ୍ ଟ୍ରେଓରଙ୍କ ବିପକ୍ଷରେ ସତର୍କତା ରଣନୀତି ଅବଲମ୍ବନ କରିଥିଲେ। ପ୍ରତିଆକ୍ରମଣ ପାଇଁ ସେ ସୁଯୋଗ ଅପେକ୍ଷାରେ ରହୁଥିଲେ। ଟାଇଟଲ ମୁକାବିଲାରେ ସେ ଇଂଲଣ୍ଡର ଓଡେଲ କାମାରାଙ୍କୁ ଭେଟିବେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟ ଯଦୁମଣି ସିଂ ମାନ୍‌ଦେଙ୍ଗବାମ୍ ୨୨ ବର୍ଷରୁ କମ୍ ପୂର୍ବତନ ଏସିଆନ୍ ଚାମ୍ପିୟନ ଉଜ୍‌ବେକିସ୍ତାନର ଏସିଲ୍‌ବେକ୍ ଜଲିଲୋଭଙ୍କୁ ଭେଟିଥିଲେ। ୫୦ କେଜି ଶ୍ରେଣୀର ଏହି ବାଉଟ୍‌ରେ ସେ ୨-୩(ବିଭାଜିତ ରାୟ)ରେ ପରାଜିତ ହୋଇଥିଲେ।

## ଜୟସ୍ୱାଲଙ୍କୁ ରାହାନେ ଦଣ୍ଡିତ କରିବା ଭିଡିଓ ଭାଇରାଲ

**ନୂଆଦିଲ୍ଲୀ,୪।୪**

ସାଉଥ ଜୋନ ବିପକ୍ଷ ୨୦୨୨ ଦୁଲୀପ ଟ୍ରଫି ଫାଇନାଲରେ ଶୃଙ୍ଖଳାଗତ କାରଣରୁ ଯଶସ୍ୱୀ ଜୟସ୍ୱାଲଙ୍କୁ ୱେଷ୍ଟ ଜୋନ ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେ ଦଣ୍ଡିତ କରିଥିଲେ। ମୁମ୍ବାଇ ଛାଡ଼ି ଆଗାମୀ ଘରୋଇ ସିଜନରେ ଗୋଆ ପାଇଁ ଖେଳିବାକୁ ନିଷ୍ପତ୍ତି ନେବା ପରେ ଉକ୍ତ ଘଟଣାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ୱେଷ୍ଟ ଜୋନ ପାଇଁ ରାହାନେଙ୍କ ନେତୃତ୍ୱରେ ଖେଳୁଥିବା ବେଳେ ଜୟସ୍ୱାଲ ପ୍ରତିପକ୍ଷ ସାଉଥ ଜୋନ ଦଳର ବ୍ୟାଟର ନିର୍ଦ୍ଦିଷ୍ଟ ଭାବେ ଟି ରବି ତେଜାଙ୍କୁ ଆଗ୍ରେସିଭ ସ୍ଲେଜିଂ କରିଥିଲେ। ଏଥିଯୋଗୁ ଅନ୍ତିମ ଇନିଂସର ୫୦ତମ ଓଭରରେ ଜୟସ୍ୱାଲ ଓ ତେଜାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବାଧ୍ୟ ହୋଇ ଫିଲ୍ଡିଂ ଦଳର ଅଧିନାୟକ ରାହାନେ ଓ ଫିଲ୍ଡ ଅମ୍ପାୟରଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ରାହାନେ ୨୦ ବର୍ଷୀୟ ଜୟସ୍ୱାଲଙ୍କୁ ଶାନ୍ତ କରିବାକୁ ଉଦ୍ୟମ କରିଥିଲେ। ଏହାସତ୍ତ୍ୱେ ଜୟସ୍ୱାଲ ସ୍ଲେଜିଂ ଜାରି ରଖିଥିଲେ। ଫଳରେ ରାହାନେ ବାଧ୍ୟ ହୋଇ ଜୟସ୍ୱାଲଙ୍କୁ ଗ୍ରାଉଣ୍ଡରୁ ବାହାରକୁ ପଠାଇ ଦେଇଥିଲେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ